

ରଣଜୀ ଟ୍ରଫି ; ମୁମ୍ବାଇ ଦଳରୁ ରୋହିତ, ଆୟର, ଜୈସ୍ୱାଲ ଆଉଟ୍
ପୃଷ୍ଠା ୭

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 306 | ଭାଗ ୩୨ | ସଂଖ୍ୟା ୩୦୬ Bhubaneswar | Thursday 30 January 2025 | Page 8 Rs. 4.00 ଭୁବନେଶ୍ୱର ଗୁରୁବାର ୩୦ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଲେ ଲବିନା ଟିକେ ପଛକୁ ଅନା...

ସୋସିଆଲ ମିଡିଆରେ ଏବେ ପ୍ରୋ-ବିଜେଡି ଟିମ ବହୁ ଆକ୍ଟିଭ୍ ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭାଷଣ, ତାଙ୍କ କହିବା ଶୈଳୀ ଆଦିକୁ ନେଇ ବିଭିନ୍ନ ପ୍ରକାର ନକାରାତ୍ମକ ଭିଡିଓ ଭାଇରାଲ କରାଯାଉଛି। ସାଧାରଣରେ ଏକ ମାନସିକତା ସୃଷ୍ଟି କରାଯାଉଛି କି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ସବୁ କ୍ଷେତ୍ରରେ ବେଶ ସଫଳ ଥିଲେ, ଆଉ ମୋହନ ମାଝୀ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିପାରୁନାହାନ୍ତି। ହେଲେ ବର୍ତ୍ତମାନର ସରକାରକୁ ଟିକେ ନିରିଖେଇକି ଅନୁଶୀଳନ କଲେ ମୋହନ ମାଝୀଙ୍କ ସଫଳତା ଜଣାପଡ଼ିବ। ସୋସିଆଲ ମଡିଆରେ ଆମ ଉପରେ ଥୋପି ଦିଆଯାଉଥିବା ପ୍ରାୟୋଜିତ ଚିନ୍ତାଧାରାରୁ ମୁକ୍ତ ହୋଇପାରୁନେ ବୋଲି ତାହା ଆମକୁ ଦିଶୁନାହିଁ।

ବିକାଶ ପରି ଶିଳ୍ପାୟନ ବି ଏକ ନିୟମିତ ପ୍ରକ୍ରିୟା। ଖଣି ସମୃଦ୍ଧ ସବୁ ରାଜ୍ୟ ନିଜ ନିଜ ରାଜ୍ୟରେ ଶିଳ୍ପର ବିକାଶ କରାଉଛନ୍ତି ଏବଂ ନିବେଶକଙ୍କୁ ସିଙ୍ଗଲ-ୱିଣ୍ଡୋ ବ୍ୟବସ୍ଥାରେ ସବୁ ସୁବିଧାସୁଯୋଗ ଦିଆଯାଉଛି। ନବୀନ ପଟ୍ଟନାୟକଙ୍କ ଅମଳରେ ଓଡ଼ିଶାକୁ ପୋସ୍କୋ, ମିତ୍ତଲ ଓ ବେଦାନ୍ତ ଭଳି ନିବେଶକ ଫେରିଯିବା ପାଇଁ କ'ଣ ନବୀନ ପଟ୍ଟନାୟକ ଦାୟୀ ନୁହଁନ୍ତି? ତେଣୁ ନିୟମିତ ଶିଳ୍ପାୟନକୁ ନିଜସ୍ୱ ସଫଳତା ବୋଲି ଡିଣ୍ଡିମ ପିଟୁଥିବା ବିଜେଡିର ତଥାକଥିତ କୁହାଳିଆ ବୋଲକରାମାନେ ଟିକେ ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି। ମହାବାତ୍ୟା ଓ ଫନିକୁ ଛାଡ଼ିଦେଲେ ନବୀନ ପଟ୍ଟନାୟକ ନିଜର ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ କେଉଁ କ୍ଷତିଗ୍ରସ୍ତଙ୍କ ପାଖରେ କେବେ ପହଞ୍ଚିଥିଲେ କି? ଯେଉଁ ନେତା ନିର୍ବାଚନ ପ୍ରଚାରରେ ଯାଉନଥିଲେ, ସେ ବିରୋଧୀଦଳ ନେତା ହେବା ପରେ ଲୋକଙ୍କ ପାଖକୁ ଯିବାକୁ ମନବଳାଉଛନ୍ତି କାହିଁକି?

ଗଣତାନ୍ତ୍ରିକ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଦେଶ ଓ ରାଜ୍ୟର ବିକାଶ ହୋଇଥାଏ। କିନ୍ତୁ ନବୀନ ପଟ୍ଟନାୟକ ତାଙ୍କ ଅମଳରେ ସବୁ ଶ୍ରେୟ ନିଜେ ମାଡ଼ିବସିବାକୁ ଏମିତି ମାୟାଜାଲ ରଚନା କଲେ ଯେ କେନ୍ଦ୍ରୀୟ ଯୋଜନାର ବି ନାଁ ବଦଳାଇ ସେସବୁକୁ ନିଜସ୍ୱ ଯୋଜନା କହିଚାଲିଲେ। ବର୍ତ୍ତମାନ ଶିଳ୍ପାୟନରେ ନିବେଶକଙ୍କୁ ଦେଶର ପ୍ରଧାନମନ୍ତ୍ରୀ ବିକାଶ ଓ ସହଭାଗିତାର ଗ୍ୟାରେଣ୍ଟି ଦେଉଛନ୍ତି। ଯାଠାରୁ ଆଉ ବଡ଼କଥା କଣ ହୋଇପାରେ? ବିଜେଡି ସରକାରରେ ଡ୍ରେନ ମରାମତିଠାରୁ ଆରମ୍ଭ କରି ଶିଳ୍ପାୟନ ପର୍ଯ୍ୟନ୍ତ ଆଲୋଚନା ବା ପ୍ରଶାସନିକ ଭାଷାରେ 'ଡିଲ୍' କେବଳ ଜଣଙ୍କ ସହ ହେଉଥିଲା। ଆଉ ଏହି ଡିଲରେ ସ୍ୱଚ୍ଛତା କେତେ ଥିଲା ତାହା ଏବେ କିଛି କିଛି ପଦାକୁ ଆସିଲାଣି, ଆଗକୁ ଆହୁରି ବହୁ ଗୁମର ମଧ ଖୋଲିବ। ନିଜେ କାମଳ ଚଷମା ପିନ୍ଧିଲେ ସମସ୍ତେ କାମଳ ଦିଶିବା ଭଳି ସ୍ଥିତି ଏବେ ବିଜେଡି ନେତାଙ୍କର ହୋଇଛି। ବରଂ ମୋହନ ମାଝୀ ଷ୍ଟପଗ୍ୟାପ ମୁଖ୍ୟମନ୍ତ୍ରୀ ବୋଲି ଯେଉଁ ପ୍ରଚାର କରାଯାଉଥିଲା, ତାହାକୁ ସେ ଭୁଲ ପ୍ରମାଣିତ କରିଛନ୍ତି।

ପ୍ରଥମ ଥର ପାଇଁ ଓଡ଼ିଶା ରାଜନୈତିକ ଇତିହାସରେ ଜଣେ ଆଦିବାସୀ ରାଜ୍ୟ ଶାସନର ମଙ୍ଗ ଧରିଛନ୍ତି। ଆଉ ତୃଣମୂଳ ସ୍ତରରୁ ଆସିଥିବା ମୋହନ ଲୋକଙ୍କ ଭାବାବେଗକୁ ବୁଝୁଛନ୍ତି ଓ ଲୋକଙ୍କ ପାଖକୁ ଯାଉଛନ୍ତି। ୨୪ ବର୍ଷ ଭିତରେ ନବୀନ ପଟ୍ଟନାୟକ କେବେ ନିଜେ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଆବେଦନ ଗ୍ରହଣ କରିନଥିଲେ। କିନ୍ତୁ ମୋହନ ମାଝୀ ନିଜେ ଲୋକଙ୍କ ଆବେଦନ ଗ୍ରହଣ କରୁଛନ୍ତି। ବିଜେଡିର ତଥାକଥିତ ବଡ଼ ନେତାଙ୍କ ଦୁର୍ନୀତି ବିରୋଧରେ ଲେଖିଲେ ଲୋକେ ବନ୍ଧା ହେଉଥିଲେ ଆଉ ତାଙ୍କୁ ତଳିତଳାନ୍ତ କରିଦିଆଯାଉଥିଲା। ଏବେ କିନ୍ତୁ ବିଜେଡିର ସୋସିଆଲ ମିଡିଆ ଚେଲାଚାମୁଣ୍ଡାଙ୍କ ସମାଲୋଚନାକୁ ସକାରାତ୍ମକ ଭାବେ ସରକାର ଗ୍ରହଣ କରୁଛନ୍ତି। ପୁରୀରେ ଶ୍ରୀଜଗନ୍ନାଥଙ୍କ ମହଣ ମହଣ ଜମିକୁ ବିଜେଡିର ଚାଟୁକାରମାନେ ମାଡ଼ିବସିଥିଲେ। ତାକୁ ମୁକ୍ତ କରିବାକୁ ନବୀନ ପଟ୍ଟନାୟକ କି ତାଙ୍କୁ ଢାଲ କରି ଶାସନ ଚଲାଉଥିବା ନେତା ଓ ଅଫିସରମାନେ କେବେ ଚେଷ୍ଟା କରୁନଥିଲେ। ଅଡୁଆ ସୂତା, ହାତ ମାରନି କହି ଖସିଯାଉଥିଲେ। ବରଂ ପରିକ୍ରମା ପ୍ରକଳ୍ପ ନାଁରେ ସବୁ ଭାଙ୍ଗି ଚୂରମାର କରିଦେଲେ। ଏବର ସରକାର କିନ୍ତୁ ମହାପ୍ରଭୁଙ୍କ ଜମିକୁ ଜବରଦଖଲମୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି ଓ କେତେକ ଜବରଦଖଲକାରୀଙ୍କୁ ଇତିମଧ୍ୟରେ ଗିରଫ ମଧ କରାଯାଇଛି। ଏମିତି ତୁଳନାତ୍ମକ ଚିତ୍ର ଦେଲେ ସରିବ ନାହିଁ। ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତମାନେ ନବୀନଙ୍କ ଡୁଣ୍ଡ ସାଜିଛନ୍ତି। ଏହା କ'ଣ ଆତ୍ମସମୀକ୍ଷା ପାଇଁ ଯଥେଷ୍ଟ ନୁହେଁ। ଅବଶ୍ୟ ଏକଥା ସତ ଯେ ଏବେ ବି ପ୍ରଶାସନରେ କେତେକ ବିଜେଡି ବୋଲକରା ଅଫିସର ଅଛନ୍ତି, ଯେଉଁମାନେ ଉଦ୍ଦେଶ୍ୟମୂଳକ ଭାବେ ସରକାରଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ଆଉ ଏହି କାମ ପାଇଁ ତାଙ୍କୁ ନବୀନ ନିବାସରୁ ଫିଡ କରାଯାଉଥିବା ଚର୍ଚ୍ଚା ହେଉଛି। ତେଣୁ ଲେ ଲବିନା ଟିକେ ପଛକୁ ଅନା କହିବାର ବାହୁଲ୍ୟ ଏୟା କି ବର୍ତ୍ତମାନ କିଛି ବି କହିବା ପୂର୍ବରୁ ଟିକେ ଅତୀତର ସମୀକ୍ଷା କରନ୍ତୁ ବୋଲକରା ଡାହୁକମାନେ।

## ମହାକୁମ୍ଭରେ ଅଘଟଣ

# ଦଳାଚକଟାରେ ୩୦ ମୃତ ୯୦ ଆହତ

- ତିନିଜଣିଆ ଜୁଡିସିଆଲ୍ କମିଶନ୍‌କୁ ତଦନ୍ତ ଦାୟିତ୍ୱ
- ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା



ପ୍ରୟାଗରାଜ,୨୯।୧: ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭମେଳାରେ ପୁଣି ଏକ ଅଘଟଣ ଘଟିଛି। ଗତ ସପ୍ତାହରେ ଏଠାରେ ଟେଣ୍ଟରେ ନିଆଁ ଲାଗିଯିବା ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏବେ ଏଠାରେ ଦଳାଚକଟା ହେବା ଫଳରେ ଅତି କମ୍‌ରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ଡିଆଇଜି ବୈଭବ କୁମାର ସୂଚନା ଦେଇଛନ୍ତି। ଏଥିରେ ୯୦ ଜଣରୁ ଉର୍ଦ୍ଧ୍ୱ ଆହତ ହୋଇଥିବା ବେଳେ ମୃତକଙ୍କ ମଧ୍ୟରୁ ୨୫ ଜଣଙ୍କ ପରିଚୟ ମିଳିଛି। ଦୁର୍ଘଟଣାର ୧୬ ଘଣ୍ଟା ପରେ ମେଳା ପ୍ରଶାସନ ପକ୍ଷରୁ ତଥ୍ୟ ପ୍ରକାଶ କରାଯାଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ପ୍ରୟାଗରାଜର ସଙ୍ଗମ ନୋଜରେ ଦଳାଚକଟା ହୋଇଥିଲା। ଏହି ଅଘଟଣରେ ପ୍ରାଣ ହରାଇଥିବା ଭକ୍ତଙ୍କ ପରିବାର ପିଛା ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସେହିପରି ଏହି ଅଘଟଣର ତଦନ୍ତ ପାଇଁ ➪ପୃଷ୍ଠା-୬

# ନବୀନଙ୍କୁ ପଛରେ ପକାଇଲେ ମୋହନ

ସରପ୍ରାଇଜ ଦେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଶାଠାରୁ ଢେର ଅଧିକ ପୁଞ୍ଜି ନିବେଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ମେକ ଇନ ଓଡିଶା କନକ୍ଲେଭକୁ ନେଇ ବିଜେଡି ଯେଉଁ ବାହାସ୍ଫୋଟ ମାରୁଥିଲା ତାହା ପାଣି ଫୋଟକା ଭଳି ଫାଟିଯାଇଛି। ଉତ୍କର୍ଷ ଓଡିଶାକୁ ନେଇ ବିଜେଡି ଏତେ ପ୍ରଶ୍ନ ଉଠାଉଥିଲା, ହେଲେ ମୁଖ୍ୟମନ୍ତ୍ରୀ ନିଜକୁ ଜଣେ ସାଇଲେଣ୍ଟ ପ୍ଲେୟାର ବୋଲି ପ୍ରମାଣିତ କରିଛନ୍ତି। ତିନି ତିନୋଟି ମେକ ଇନ ଓଡିଶା କନକ୍ଲେଭରୁ ଯେତିକି ପୁଞ୍ଜିନିବେଶର ପ୍ରତିଶ୍ରୁତି ମିଳିଥିଲା, ତା'ଠାରୁ ଢେର ଅଧିକ ଉତ୍କର୍ଷ ଓଡିଶାରୁ ଆସିଛି। କେବଳ ୧୨ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ପାଇଁ ଏମଓୟୁ ହୋଇଥିବା ବେଳେ ଆଉ ୩ଲକ୍ଷ ୮୪ ହଜାର କୋଟି ଟଙ୍କାର ପ୍ରସ୍ତାବ ଆସିଛି। ଏମିତି ମୋଟ ୧୬ ଲକ୍ଷ ୭୩ ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ବାଟ ଫିଟିଛି।



- ୧୪୫ ଏମ୍‌ଓୟୁରେ ୧୨.୮୯ ଲକ୍ଷ କୋଟି ନିବେଶ
- ମୋଦି ଗ୍ୟାରେଣ୍ଟି ବଢ଼ାଇଛି ଉଦ୍ୟୋଗୀଙ୍କ ଆତ୍ମବିଶ୍ୱାସ
- ଶ୍ରେଷ୍ଠ ୫ ରାଜ୍ୟ ନିକଟତର ହେଉଛି ଓଡ଼ିଶା
- ଆସିଛି ୩.୮୪ ଲକ୍ଷ କୋଟିର ୪୪୮ଟି ପୁଞ୍ଜିନିବେଶ ଅଭିପ୍ରାୟ

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ସ୍ଥାନୀୟ ଜନତା ମଇଦାନରେ ଚାଲିଥିବା ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡିଶା କନକ୍ଲେଭ୍'ରେ ଓଡ଼ିଶାକୁ ପୁଞ୍ଜି ସୁଅ ଛୁଟିଛି। ବିଶ୍ୱର କୋଣ ଅନୁକୋଣରୁ ଏହି ସମ୍ମିଳନୀରେ ଯୋଗଦେଇଥିବା ଉଦ୍ୟୋଗପତିମାନେ ୧୪୫ଟି ଏମ୍‌ଓୟୁ ସ୍ୱାକ୍ଷରିତ କରିବା ସହ ଏ ବାବଦରେ ମୋଟ ୧୨ ଲକ୍ଷ ୮୯ କୋଟି ଟଙ୍କାର ନିବେଶ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଫଳସ୍ୱରୂପ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ୫ ଲକ୍ଷ କୋଟି ପୁଞ୍ଜି ନିବେଶ ସ୍ଥାନରେ ପାଖାପାଖି ଅଢ଼େଇ କୋଟି ଅଧିକ ନିବେଶ ନିଶ୍ଚିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ➪ପୃଷ୍ଠା-୬

## ପ୍ରତିଷ୍ଠା ହେବ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ





ମହିଳା ଉଦ୍ୟୋଗୀଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ ନେତୃତ୍ୱରେ ବିକଶିତ ଓଡ଼ିଶା ସ୍ୱପ୍ନ ସାକାର ହେବ

ମହିଳାଙ୍କ ପାଇଁ ଖର୍ଚ୍ଚ ହେବ ବଜେଟ୍‌ର ୨୮.୫ ପ୍ରତିଶତ

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ଜୀବନର ଯେକୌଣସି କ୍ଷେତ୍ରରେ ସଫଳ ମହିଳାମାନଙ୍କୁ ସେମାନଙ୍କ ପୁରୁଷ ପ୍ରତିପକ୍ଷଙ୍କ ସହିତ ସମକକ୍ଷ ହେବା ଆନନ୍ଦର ବିଷୟ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ କୃଷି କ୍ଷେତ୍ରରେ କାମ କରିବା ଠାରୁ ଆରମ୍ଭ କରି କେବଳ ଯାତ୍ରୀବାହୀ ବିମାନ ନୁହେଁ, ବରଂ ଯୁଦ୍ଧ ବିମାନ ଉଡ଼ାଇବା, ମହାକାଶକୁ ରକେଟ୍ ଉଡ଼ାଇବା, କ୍ରୀଡ଼ା କ୍ଷେତ୍ର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାମାନେ ନିଜକୁ ପ୍ରମାଣିତ କରିଛନ୍ତି। ମହିଳାମାନଙ୍କଠାରେ ଥିବା କ୍ଷମତା ଓ ପ୍ରତିଭା ବିଷୟରେ କଦାପି ସନ୍ଦେହ ➪ପୃଷ୍ଠା-୬

## ସୁଭଦ୍ରାରୁ ମୁଦ୍ରା

# ମହିଳା ସଶକ୍ତିକରଣ ସ୍ଲୋଗାନ ନୁହେଁ, ପ୍ରତିବଦ୍ଧତା



- ଔଦ୍ୟୋଗିକ ବିକାଶ ଯାତ୍ରାରେ ମହିଳାଙ୍କୁ ସାମିଲ ଉପରେ ଗୁରୁତ୍ୱାରୋପ
- ସଫଳ ଉଦ୍ୟୋଗୀ ହେବାକୁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ପାଇଁ ଆହ୍ୱାନ

ଭୁବନେଶ୍ୱର, ୨୯।୧ (ସଂଚାର ବ୍ୟୁରୋ): ଆମ ପାଇଁ ମହିଳା ସଶକ୍ତିକରଣ ଏକ ସ୍ଲୋଗାନ ନୁହେଁ, ଏକ ପ୍ରତିବଦ୍ଧତା। ରାଜ୍ୟର ମହିଳାଙ୍କ ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ନୂତନ ସରକାର ଦାୟିତ୍ୱ ନେବାର ଏକ ଘଣ୍ଟା ମଧ୍ୟରେ ସୁଭଦ୍ରା ଯୋଜନା ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ପ୍ରତିଶ୍ରୁତି ଅବିଳମ୍ବେ ପୂରଣ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି 'ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'ରେ ମହିଳାଙ୍କୁ ନେଇ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର ଅଧିବେଶନ 'ସୁଭଦ୍ରାରୁ ମୁଦ୍ରା'ରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଦ୍ୟାବଧି ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକୃତ ହୋଇଛନ୍ତି। ୮୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳାଙ୍କୁ ପ୍ରଥମ କିସ୍ତି ଦିଆଯାଇସାରିଛି। ଓଡ଼ିଶା ସୁଯୋଗର ଭୂମି ଓ ରଜ୍ୟୋକୁ ମା'ମାନଙ୍କ ପାଇଁ ସୁଯୋଗର ଭୂମି କରିବା ସକାଶେ ଏହି ଯୁଗାନ୍ତକାରୀ ଉଦ୍ୟମ ଆରମ୍ଭ ହୋଇଛି। ସୁଭଦ୍ରା ଯୋଜନାରେ ଦିଆଯାଉଥିବା ସହାୟତାକୁ ବିନିଯୋଗ କରି ➪ପୃଷ୍ଠା-୬

## ଏମଓୟୁ କରି ଓହରିଗଲେ

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ଆଗ୍ରହ ବ୍ୟକ୍ତ କରି ରାଜ୍ୟ ସରକାରଙ୍କ ସଙ୍ଗେ ୨୦୦୪ ମସିହାରୁ ୨୦୧୦ ମସିହା ମଧ୍ୟରେ ଏମଓୟୁ ସ୍ୱାକ୍ଷର କରିଥିବା ୧୩ଟି ଶିଳ୍ପ ସଂସ୍ଥା ପ୍ରକଳ୍ପ ନକରି ଓହରି ଯାଇଛନ୍ତି। ସେଥିରେ କେନ୍ଦୁଝରରେ ୪୦ହଜାର କୋଟି ଟଙ୍କା ବ୍ୟୟରେ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଏମଓୟୁ କରିଥିବା ଆର୍ସେଲର ମିତ୍ତଲ ସମେତ ପସ୍କୋ, ମହାରାଷ୍ଟ୍ର ସିମଲେସ, ଷ୍ଟେରଲାଇଟ୍ ଇଣ୍ଡଷ୍ଟ୍ରିଜ, ଅନୁଗୁଳ ଏନର୍ଜି, ଟାଟା ପାୱାର, ଜେଆର ପାୱାରଜେନ୍, ଆରତୀ ଷ୍ଟିଲ, କଳିଙ୍ଗ ଏନର୍ଜି ଆଣ୍ଡ ପାୱାର, ଆରଏସବି ମେଟାଲିକ୍ସ, ବିଜିଆର ଏନର୍ଜି ସିଷ୍ଟମ, ଚମ୍ବଲ ଇନଫ୍ରାଷ୍ଟ୍ରକଚର ଆଣ୍ଡ ଭେଞ୍ଚର, ସିଇଏସସି ଲିଃ ରହିଛନ୍ତି। ପ୍ରକଳ୍ପ ନକରି ଓହରି ଯାଇଥିବା ସଂସ୍ଥା ମଧ୍ୟରେ ଦକ୍ଷିଣ କୋରିଆ କମ୍ପାନୀ ପସ୍କୋ ୫୧ହଜାର କୋଟି ଟଙ୍କାର ବିଦେଶୀ ପୁଞ୍ଜିନିବେଶ ଜଗତସିଂହପୁର ଜିଲ୍ଲାରେ କରିବାକୁ ଚୁକ୍ତିବଦ୍ଧ ହୋଇଥିଲା। ତତକାଳୀନ ବିଜେଡି ସରକାର ଏସବୁ ପ୍ରମୁଖ ଶିଳ୍ପ ସଂସ୍ଥା ପାଇଁ ଅନୁକୂଳ ଇକୋସିଷ୍ଟମ ➪ପୃଷ୍ଠା-୬

# ଉତ୍କର୍ଷ ଓଡ଼ିଶାରେ ମନଇଚ୍ଛା ପାସ୍ ବଣ୍ଟନ

- ସମ୍ପାଦକଙ୍କୁ ମାଗିଲେ ଚିଠି
- କୁଆଡ଼େ ଗଲା ୩୭୮ ଖଣ୍ଡ ପାସ୍

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଉତ୍କର୍ଷ ଓଡ଼ିଶା ଯୋଜନାର ପ୍ରଚାର ପ୍ରସାର ଦାୟିତ୍ୱରେ ଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ମନଇଚ୍ଛା ପାସ୍ ବାଣ୍ଟିଛନ୍ତି। କାର୍ଯ୍ୟକ୍ରମ ପାଇଁ ବିଭାଗକୁ ମିଳିଥିବା ୩୭୮ ପାସ୍ କାହାକୁ ଦିଆଗଲା, ତାହା ଏବେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ସମ୍ପାଦକମାନଙ୍କୁ ପାସ୍ ପାଇଁ ଆବେଦନ କରିବାକୁ କହୁଥିବା ଲୋକସମ୍ପର୍କ ବିଭାଗର ପାସ୍‌ବଣ୍ଟା ଏବେ ଉତ୍କର୍ଷ ଓଡ଼ିଶାର ପ୍ରଚାର ପ୍ରସାରକୁ ଏକପ୍ରକାର ବାଟବଣା କରିବା ସହ ରାଜଧାନୀ ସାମ୍ବାଦିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଉତ୍କର୍ଷ ଓଡ଼ିଶାର ପ୍ରଚାରପ୍ରସାର ଦାୟିତ୍ୱ ରହିଛି ସୂଚନା ଓ ଲୋକସମ୍ପର୍କ ବିଭାଗ ହାତରେ। ଗଣମାଧ୍ୟମ ସଂସ୍ଥା ଓ ସାମ୍ବାଦିକମାନଙ୍କ ତାଲିକା ବି ବିଭାଗ ନିକଟରେ ଉପଲବ୍ଧ ରହିଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଗଣମାଧମ ନିକଟକୁ ନିମନ୍ତ୍ରଣପତ୍ର ପଠାଇବା ବଦଳରେ ପାସ୍ ପାଇଁ ଆବେଦନ କରିବାକୁ ସମ୍ପାଦକମାନଙ୍କୁ ପତ୍ର ଲେଖିଲେ। ତାହାପୁଣି ଖବର ପଡୁଥିବା ହ୍ୱାଟସ୍‌ଆପ୍ ଗ୍ରୁପ୍‌ରେ। ଯିଏ ଦେଖିଲା ବାଧ ହୋଇ ନିଜ ରିପୋର୍ଟରଙ୍କୁ ପଠାଇବାର ବ୍ୟବସ୍ଥା କଲା। ଆଉ ଯିଏ ନଦେଖିଲା ସିଏ ପାସ୍‌ଟିଏ ପାଇଲା ନାହିଁ। ଫଳ ହେଲା ଏଇଆ ଯେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ କିଛି କର୍ମୀ ବେକରେ ଗଣମାଧମ ପାସ୍ ପକାଇ ଚଉକି ଦଖଲ କରିନେଲେ। ଅସଲ ପ୍ରତିନିଧି ହଟହଟା ହେଲେ। ତେବେ କିଛି ବରିଷ୍ଠ ସାମ୍ବାଦିକଙ୍କ ମତରେ ଏଭଳି ସମ୍ମିଳନୀ ପାଇଁ ଏଡିଟରମାନଙ୍କୁ ଆବେଦନ ପାଇଁ କହିବା କେତେଦୂର ସୌଜନ୍ୟତା, ତାହା ବିଭାଗୀୟ କର୍ତ୍ତୃପକ୍ଷ ତର୍ଜମା କରିବା ଉଚିତ।

କେବଳ ଉତ୍କର୍ଷ ଓଡ଼ିଶା ନୁହେଁ, ବର୍ତ୍ତମାନ ଅଧିସ୍ୱୀକୃତି କାର୍ଡ ପାଇଥିବା ସାମ୍ବାଦିକମାନଙ୍କୁ ସଚିବାଳୟରେ ପ୍ରବେଶ ପାଇଁ ଆଉ ➪ପୃଷ୍ଠା-୬







## କାନ ଡେରିଥା

ମିଲର ଏଇଠି ରାଜନୀତି କରି
ଉଠାଉ ନାହାନ୍ତି ଧାନ
ଚାଷୀ ମରିଗଲେ ତାଙ୍କର କିଯାଏ
ପଡୁନାହିଁ କାହା ଧାନ
ତଥାପି ବି ଅଭିମାନ...
ଅଧିକ ଧାନକୁ ଗୋଦାମକୁ ନେଇ
ଆହୁରି ନେବାକୁ ମନ।

■ ଦେବାଶିଷ

# କଳିଙ୍ଗନଗର ଗୁଳିକାଣ୍ଡ କଥା ଭୁଲିଗଲେ କି ଡ୍ୟାନି

- ନବୀନ ସରକାର ଗୁଳିରେ ମରିଥିଲେ ୧୪ ଆଦିବାସୀ
- ଆଦିବାସୀଙ୍କ କଥା କହିବାବେଳେ ନଗଡ଼ାକୁ ଟିକେ ଦେଖନ୍ତୁ





ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): କଳିଙ୍ଗନଗରରେ ଗଣ୍ଡଗୋଳ ପ୍ରସଙ୍ଗ ଉଠାଇ ଉତ୍କର୍ଷ ଓଡ଼ିଶାର ସଫଳତାରେ କଳଙ୍କ ଲଗାଇଥିବାକୁ ଅପଚେଷ୍ଟା କରିଥିବା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓରଫ ଡ୍ୟାନି କିଭଳି କଳିଙ୍ଗନଗର ଗୁଳିକାଣ୍ଡ କଥା ଭୁଲିଗଲେ, ତାହାକୁ ନେଇ ଏବେ ଚର୍ଚ୍ଚା। ଗଣ୍ଡଗୋଳକୁ ନେଇ ବିଜେପି ସରକାରକୁ କାଠଗଡ଼ାରେ ଛିଡ଼ା କରିବା ପୂର୍ବରୁ ନବୀନ ସରକାର ଗୁଳିରେ କିଭଳି ୧୪ ଜଣ ନିରୀହ ଆଦିବାସୀ ମରିଥିଲେ ଓ ସେମାନଙ୍କ ହାତ ପାପୁଲିକୁ ସରକାର କାଟି ରଖିଥିଲେ, ତାହାକୁ ବୋଧେ ଡ୍ୟାନି ଭୁଲିଯାଇଛନ୍ତି ବୋଲି ତାଙ୍କର ଦଳର କର୍ମୀମାନେ ଆଲୋଚନା କରୁଛନ୍ତି।

ଡ୍ୟାନି ଆଜି ସାମ୍ବାଦିକ ସମ୍ମିଳନୀରେ କଳିଙ୍ଗନଗର ଗଣ୍ଡଗୋଳ ପ୍ରସଙ୍ଗ ଉଠାଇଛନ୍ତି। ହେଲେ ସାମ୍ବାଦିକ ସମ୍ମିଳନୀରେ ଆଦିବାସୀଙ୍କ କଥା ଅପେକ୍ଷା ଉତ୍କର୍ଷ ଓଡ଼ିଶା ସମ୍ମିଳନୀକୁ ଗାଳି ଅଧିକ ରହିଛି। ସେ କହିଛନ୍ତି ଯେ କଳିଙ୍ଗନଗର ଗଣ୍ଡଗୋଳ କଥାକୁ ସରକାର ଅଣଦେଖା କରିଛନ୍ତି। ହେଲେ ଡ୍ୟାନି ଭୁଲିଯାଇଛନ୍ତି ଯେ ସିଏ ଯେଉଁ ଦଳର ସରକାରରେ ମନ୍ତ୍ରୀ ହୋଇଥିଲେ ସେହି ଦଳର ମୁଖିଆ ନବୀନ ପଟ୍ଟନାୟକ ଶାସନରେ ଥିବାବେଳେ ୨୦୦୬ ମସିହାରେ କଳିଙ୍ଗନଗରରେ ଭିଟାମାଟି ସୁରକ୍ଷା ପାଇଁ ଲଢୁଥିବା ଆଦିବାସୀଙ୍କ ଉପରେ ନବୀନଙ୍କ ପୁଲିସ୍ ଗୁଳି ଚଳାଇ ଦେଇଥିଲା। ପୁଲିସ୍ ଗୁଳିମାଡ଼ରେ ୧୪ଜଣ ନିରୀହ ଆଦିବାସୀ ଟଳିପଡ଼ିଥିଲେ। ଆଦିବାସୀଙ୍କ ପ୍ରତି ସମବେଦନା ଜଣାଇବା ବଦଳରେ ପ୍ରମାଣ ନଷ୍ଟ ପାଇଁ ମୃତ ଆଦିବାସୀଙ୍କ ହାତପାପୁଲି କାଟି ରଖିବା ପରି ଅମାନୀୟ କାର୍ଯ୍ୟ କରିବାକୁ ବି ପଛଘୁଞ୍ଚା ଦେଇନଥିଲା ପ୍ରଶାସନ। ସେହି ଘଟଣାକୁ କିଭଳି ଡ୍ୟାନି ଭୁଲିଯାଉଛନ୍ତି। ଏବେ ଯେଉଁ ଟାଟା କମ୍ପାନୀ କଥା ଡ୍ୟାନି କହୁଛନ୍ତି, ସେହି ଯାଜପୁରରେ ଉକ୍ତ କମ୍ପାନୀର ସ୍ରଷ୍ଟା ହେଉଛନ୍ତି ଡ୍ୟାନିଙ୍କ ପରିବାର। ଏବେ ମୋହନ ସରକାରଙ୍କୁ ଗାଳି ଦେବା ପାଇଁ ଡ୍ୟାନି ଯେଉଁ ବାହାନା ଖୋଜିଛନ୍ତି, ତାହା ତାଙ୍କୁ କେବଳ କାଠଗଡ଼ାରେ ଛିଡ଼ା କରିନାହିଁ, ବରଂ ନବୀନଙ୍କର ପୁରୁଣା ଅପକର୍ତ୍ତୀକୁ ପୁଣିଥରେ ଉଜ୍ଜୀବିତ କରିଛି।

ସେହିଭଳି ଆଦିବାସୀଙ୍କ ସ୍ୱାର୍ଥ ଓ ସୁରକ୍ଷା କଥା କହିବାବେଳେ ଡ୍ୟାନି ଟିକେ ନଗଡ଼ା କଥା ଭାବିବାର ଥିଲା। ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନଗଡ଼ା ଆଦିବାସୀଙ୍କ ସ୍ୱାର୍ଥ ସୁରକ୍ଷା କରିନପାରିବାରୁ କେବଳ ବିଶ୍ୱରେ ବିଜେଡି ସରକାରର ମୁହଁ କଳା କରିନଥିଲା, ପରବର୍ତ୍ତୀ ସମୟରେ ଯାଜପୁରର ଆଦିବାସୀମାନେ ଡ୍ୟାନିଙ୍କୁ ପ୍ରତ୍ୟାଖାନ କରିଦେଲେ। ତେଣୁ ସବୁ ଜାଣିଶୁଣି ଡ୍ୟାନି ଯେଭଳି ସନ୍ୟାସୀଙ୍କ ବୁଦ୍ଧିରେ ପଡ଼ି ଲୋକହସା ହେଉଛି, ତାହା ନ କରିବା ସବୁଠାରୁ ଭଲ ବୋଲି ତାଙ୍କର ଦଳର କର୍ମୀମାନେ କହୁଛନ୍ତି।

# ଅଖିଳ ଭାରତ କୃଷକ ସଭାର ବିକ୍ଷୋଭ

## ଶିଳ୍ପ ହେବା ପୂର୍ବରୁ ଜମି ହରାଇବାକୁ ଥିବା ପରିବାର ଏକଜୁଟ



**କେନ୍ଦ୍ରାପଡା,୨୯।୧(ସଂଚାର ବ୍ୟୁରୋ):** ଶିଳ୍ପ ହେବା ପୂର୍ବରୁ ଜମିହରେଇବାକୁ ଥିବା ପରିବାର ବୁଧବାର ଏକଜୁଟ ହୋଇଛନ୍ତି । ଅଖିଳ ଭାରତ କୃଷକ ସଭା କେନ୍ଦ୍ରାପଡା ଶାଖା ଓ ରାମଚଣ୍ଡୀ କୃଷକ ସଭା ତରଫରୁ ଏକ ବିରାଟ ଶୋଭାଯାତ୍ରା ସାଥୀ ନିରଞ୍ଜନ ଦାସ, ବିଚିତ୍ର ମଲ୍ଲ, ସୁବାସ ମହାପାତ୍ର, ଭଜହରି ପ୍ରଧାନ, ଅକ୍ଷୟ ମଲିକ, ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଗୋପ ଛକରୁ ବାହାରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ପହଁଚି ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ସଭାର ଆୟୋଜନ କରିଥିଲେ । ଏହି ସଭାରେ ଅଖିଳ ଭାରତ କୃଷକ ସଭାର ଜାତୀୟ ଉପ ସଭାପତି ସାଥୀ ଆଶିଷ କାନୁନଗୋ, ରାଜ୍ୟ ସାଧାରଣ ସଂପାଦକ ସାଥୀ କ୍ଷିରୋଦ ସିଂହଦେଓ, ସାଥୀ ଏନ ନାୟାରଣ ରେଡ୍ଡୀ, ରାଜ୍ୟ ସଭାପତି ଶଶି ଭୂଷଣ ସ୍ୱାଇଁ, ଡାକ୍ତର ପ୍ରଶାନ୍ତ ମିଶ୍ରଙ୍କ ଉପସ୍ଥିତି ରେ ସାଥୀ ବିକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱ କରିଥିଲେ । ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ତହସିଲ ଅନ୍ତର୍ଗତ ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଦଖଲରେ ଥିବା କନ୍ଦା ଚାଷୀ ମାନଙ୍କୁ ଜମି ପଟା ପ୍ରଦାନ ଜଙ୍ଗଲ ଜମି କହି ଜମ୍ବୁ ମୌଜାର ୧୦୦ ଏକର ଜମି ଗ୍ରିଡକୋ କୁ ଦେଲେ ସେଥିରେ ଥିବା ଲୋକଙ୍କୁ କ୍ଷତିପୁରଣ ପ୍ରଦାନ କରାଯାଉ । ସରକାର ଦେଇଥିବା କେ ଫର୍ମ ପଟା, କେଶରେ ଥିବା ଜମି, ବର୍ତ୍ତମାନ ଜମିଦାରଙ୍କ ହାତଲେଖା ପଟା, କ୍ଷତି ପୁରଣ ଏକର ପ୍ରତି ୫କୋଟି ଦିଆଯାଇ ଲିଜ ରେ ନିଆଯାଉ। ଜମ୍ବୁ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ କେନାଲ ର ପୁନରୁଦ୍ଧାର କରି ଲୋକଙ୍କୁ ଚାଷ ପାଇଁ ସୁଯୋଗ ଦିଆଯାଉ । କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ । ୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମାସିକ ୫ ହଜାର ଟଙ୍କା ପେନଶନ ପ୍ରଦାନ ଆଦି ଦାବି ଗୁଡିକ ରହିଛି । ଦୀର୍ଘ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଚାଷ କରି ଆସୁଥିବା କନ୍ଦା ଚାଷୀ ମାନଙ୍କୁ ତୁରନ୍ତ ପଟା ପ୍ରଦାନ କରାଯାଉ । ଜଙ୍ଗଲ ଜମି କହି ଚାଷୀଙ୍କୁ ପ୍ରତାରଣା ବନ୍ଦ କରିବା ଆଦି ଦାବି ଗୁଡିକ ରହିଛି । ୧୯୯୭ ମସିହା ଠାରୁ ସାଂଚୁରିୟାନ ଅଂଚଳ ଘୋଷଣା ହେବାପରେ ଲୋକ ମାନଙ୍କୁ ଜଙ୍ଗଲ ବିଭାଗ ବେଦଖଲ କରିବା ସହିତ ସେମାନଙ୍କ ନାମରେ ମିଥ୍ୟା ମକଦ୍ଦମା ଦେଉଛି । ଏଗୁଡିକୁ ତୁରନ୍ତ ବନ୍ଦ କରିବା ପାଇଁ କୃଷକ ସଂଘ ତରଫରୁ ଦାବି କରାଯାଇଛି । ହଜାର ହଜାର ଚାଷୀମାନେ ଏକତ୍ରିତ ହୋଇ ସକାଳ ୧୦ଟାରୁ ସଭା କରୁଥିବା ବେଳେ ପ୍ରଶାସନ ପକ୍ଷରୁ କାହାରି ଦେଖା ନହେବାରୁ କୌଣସି ଅଧିକାରୀ ଦାବିପତ୍ର ନେବାକୁ ଆସି ନଥିବାରୁ କୃଷକ ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଜିଲ୍ଲା କାର୍ଯ୍ୟାଳୟ ଆଗରେ ହୋ ହାଲ୍ଲା କରିଥିଲେ । ପରେ ଡିପୁଟି କଲେକ୍ଟର ଘଟଣା ସ୍ଥଳରେ ପହଁଚି ଦାବିପତ୍ର ଗ୍ରହଣ କରିଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ କେଦାରନାଥ ସାମନ୍ତରାୟ, ସୁଧାଂଶୁ ଶେଖର ମହାପାତ୍ର, ଦୋଳ ଗୋବିନ୍ଦ ସାହୁ, ରବିନ୍ଦ୍ର ସାମଲ, ସୁହାନା ବେଗମ ପ୍ରମୁଖ ଉପସ୍ଥିତ ଥିଲେ ।

## ଗହୀରମଥାରୁ ଟ୍ରଲର ଜବତ ୬ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୨୯।୧(ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳ ରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀ କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାଇତ୍ୱ ଥିବା ଏସି ଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ଏକକୁଲା ନିକଟରେ ଗୋପାଳଜୀ ନାମକ ଟ୍ରଲର କୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୩୦ କେଜି ମାଛ, ୧ ଟି ଜି ପି ଏସ, ୧ଟି ଭି ଏଚ ଏଫ, ୧ଟି ଫିସ ଫାଇଣ୍ଡର ଓ ୫ ଟି ଜାଲ, ୧ ଟି ମୋବାଇଲ ଫୋନ ଜବତ କରାଯାଇଛି।ଟ୍ରଲର ରେ ଥିବା ମତ୍ସ୍ୟଜୀବୀ ମାନେ ହେଲେ କେଲୁ ଚରଣ ପ୍ରଧାନ, ସୁଶାନ୍ତ କୁମାର ନାୟକ, ଗୌତମ ପ୍ରଧାନ, ଅମୂଲ୍ୟ ପାତ୍ର, ଅଲେଖ ସ୍ୱାଇଁ, ଗିରିଧାରୀ ଜାଉରି ପ୍ରମୁଖ ୬ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ରେ ମୋକଦ୍ଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ସୂଚନା ମିଳିଛି।ଗିରଫ ମତ୍ସ୍ୟଜୀବ ମାନେ କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡ଼ିଛି।

## ମହାବିଦ୍ୟାଳୟରେ ଅଣଛାତ୍ରଙ୍କ ପ୍ରବେଶ ନେଇ, ଥାନାରେ ଏତଲା ଅଭିଯୋଗ କଲେ ଛାତ୍ର ଛାତ୍ରୀ

**ରାଜନଗର,୨୯।୧(ସଂଚାର ବ୍ୟୁରୋ):** ରାଜନଗର ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଏବେ ଅଣ ଛାତ୍ରଙ୍କ ଆଖଡ଼ାଘର ପାଲଟିଛି। ମହାବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀଙ୍କୁ ଏହି ଅଣଛାତ୍ର ମାନେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।ଅଭିଯୋଗ ମୁତାବକ ଅଣ ଛାତ୍ର ମାନେ ମହାବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଥିବା ବିଶ୍ରାମ ଗୃହରେ ମଦ୍ୟପାନ କରି ଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ କମେଣ୍ଟ କରିବା ସହ ଅଶ୍ଳୀଳ ଇଂଗିତ ମଧ୍ୟ କରୁଛନ୍ତି। ଯେଉଁ ଛାତ୍ର ଓ ଛାତ୍ରୀ ମାନେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ଏହି ଅଣଛାତ୍ର ମାନେ ଏସିଡ ପକାଇ ଜୀବନ ରୁ ମାରିଦେବାପାଇଁ ଧମକ ଦେବା ସହ ମରଣାନ୍ତକ ଆକ୍ରମଣ ମଧ୍ୟ କରୁଛନ୍ତି। ଏନେଇ ଛାତ୍ର ଛାତ୍ରୀ ମାନେ ପ୍ରଶାସନର ଦୃଷ୍ଟି ଦେଇଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନେ ନିର୍ବାକ୍ ସାଜିଛନ୍ତି, ଯାହାଫଳରେ ଏହି ଅଣଛାତ୍ର ମାନେ ଅବାଧ ପ୍ରବେଶ ଲାଗିରହିଛି। ଯାହାଫଳରେ ଉପାନ୍ତ ଅଞ୍ଚଳରୁ ଆସୁଥିବା ଛାତ୍ର ଛାତ୍ରୀ ମାନେ ପାଠପଢା ଛାଡିବା ପାଇଁ ବସିଲେଣି। ଯଦି ଏନେଇ ସ୍ଥାନୀୟ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନନିଏ ଆଗାମୀ ଦିନରେ ଛାତ୍ର ଛାତ୍ରୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ର ଛାତ୍ରୀ ମାନେ ଥାନାରେ ଲିଖିତ ଭାବେ ଜଣାଇବା ସହିତ ତହସିଲଦାର ଓ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଜାତୀୟ ପଞ୍ଚାୟତ ପୁରସ୍କାର ପ୍ରଶିକ୍ଷଣ ଶିବିର



**ରାଜନଗର,୨୯।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ୍ ସମ୍ମିଳନୀ କକ୍ଷରେ ଜାତୀୟ ପଞ୍ଚାୟତ ପୁରସ୍କାର ଓ ପଞ୍ଚାୟତ ବିକାଶ ସୂଚକାଙ୍କ ବାର୍ଷିକ ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଡିଓ ଶୋଭନ ଶ୍ରୀତମ ପଣ୍ଡା ଉଦଘାଟନ କରିଥିଲେ। ଏହି ଶିବିରରେ ଜାତୀୟ ପଞ୍ଚାୟତ ପୁରସ୍କାର କ୍ଷେତ୍ରରେ ନିଜ ପଞ୍ଚାୟତ ଗ୍ରାମ ବିକାଶ ଦିଗରେ ରହିଥିବା ସୂଚକାଙ୍କ ଉପରେ ପ୍ରଶିକ୍ଷଣ ଦିଆ ଯାଇଥିଲା। ପ୍ରଶିକ୍ଷଣ ଭାବରେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡ ରଶ୍ମିରଞ୍ଜନ ମହାନ୍ତି, ଅନନ୍ତ କର ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗଦେଇ ସୁନ୍ଦର ପରିବେଶ ସୁସ୍ଥ ଗ୍ରାମ ପଂଚାୟତ ଗଠନ ଦିଗରେ ସରପଞ୍ଚ ମାନଙ୍କ ମୌଳିକ କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର ଦାସ ସି ପି ଆଶିଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ସମସ୍ତ ସରପଂଚ ଯୋଗ ଦେଇଥିଲେ।

## ପରିବେଶ ସୁରକ୍ଷା ଓ ସ୍ଥାୟୀ ଭବିଷ୍ୟତ ଗଠନ ସଂକ୍ରାନ୍ତ ଆଲୋଚନାଚକ୍ର




**ମହାକାଳପଡ଼ା,୨୯।୧ (ସଂଚାର ବ୍ୟୁରୋ):** ମହାକାଳପଡ଼ା ଶ୍ରୀ ଶ୍ରୀ ବାୟାବାବା ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ଦ୍ୱାରା ଏକଦିବସୀୟ ଅତିରିକ୍ତ ମୁରାଲ ସେମିନାର ଅଧ୍ୟକ୍ଷା ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଏକଦିବସୀୟ ସେମିନାର ରେ ଛାତ୍ରଛାତ୍ରୀମାନଙ୍କୁ ସମାଜ ସହିତ ନିଜର ଭବିଷ୍ୟତ ଗଠନରେ ନିଜକୁ ସୁରକ୍ଷିତ ଓ ବିକଶିତ ଭାବରେ ସାମିଲ୍ କରିବାକୁ ଆଲୋଚନା ଚକ୍ରରେ ସଚେତନ କରାଯାଇଥିଲା। ଏକ ସ୍ଥାୟୀ ଭବିଷ୍ୟତ ଗଠନ ଭାରତର ବିକାଶ ଯାତ୍ରାରେ ପରିବେଶଗତ ଦାୟିତ୍ୱ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝିବାକୁ ସୁଯୋଗ ଯୋଗାଇ ଦିଆଯାଇଛି। ଛାତ୍ର ଛାତ୍ରୀ ମାନେ ହିଁ ଆଗାମୀ ଭବିଷ୍ୟତରେ ସୁନେଲି କିରଣ ବିକିରଣ କରାଇ ପାରିବେ। ସେମାନେ ସତର୍କ ଓ ସଚେତନ ହେଲେ ହିଁ ନୂଆ ସମ୍ଭାବନା ଓ ନୂଆ ପରିବର୍ତ୍ତନ ସାକାର କରିହେବ। ଏହି ମର୍ମକୁ ହୃଦୟଙ୍ଗମ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ଆଜିର ସେମିନାର ଆୟୋଜନ କରାଯାଇଥିଲା। ଅର୍ଥନୀତି ପାଠକ ତଥା ଅଧ୍ୟକ୍ଷ, ଜିସି କଲେଜ, ରାମଚନ୍ଦ୍ରପୁର,ବରୀ, ଯାଜପୁରରୁ ପ୍ରଫେସର ପ୍ରବୋଧ କୁମାର ସାମଲ ରିସୋର୍ସ ପର୍ସନ ଭାବରେ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ଅଭିଭାଷଣ ରଖିଥିଲେ। ତାଙ୍କ ସହିତ ଜିସି କଲେଜର ଉଦ୍ଭିଦ ବିଜ୍ଞାନ ପାଠକ ମିତାଞ୍ଜଳି ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ଡଃ ସୁଶିଲ କୁମାର ସାହୁ- ପ୍ରଧ୍ୟାପକ ରସାୟନ ବିଜ୍ଞାନ ପାଠକ,ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ବିଶ୍ୱଜିତ ବେହେରା, ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ଫିରୋଜ ସାହୁ ପ୍ରମୁଖ ଏହି ସେମିନାରରେ ଉପସ୍ଥିତ ରହି ଆଲୋଚନା ଚକ୍ରକୁ ଆଗକୁ ନେଇଥିଲେ।

## ଭୂତ କୋଠୀ ଅବସ୍ଥାରେ ଯୋଗାଣ ବିଭାଗର ଗୋଦାମ ଗୃହ

- ଗୁହାଳ ଘର କରିଛନ୍ତି କିଛି ସ୍ଥାନୀୟ ଲୋକ



**ଆଳି,୨୯।୧(ସଂଚାର ବ୍ୟୁରୋ):** କଥାରେ ଅଛି ସରକାରକା ମାଲ୍ ଦରୀୟାମେ ଡ଼ାଲ୍। କାରଣ ସରକାରୀ ଅର୍ଥରେ ନିର୍ମାଣ ହୋଇ ମଧ୍ୟ ଏବେ ଅଚଳ ଅବସ୍ଥାରେ। ଭୂତ କୋଟି ଅବସ୍ଥାରେ ପଡ଼ିଛି ଯୋଗାଣ ବିଭାଗର ଗୋଦାମ ଗୃହ । ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ଆଳି ବ୍ଲକରେ । ଦେମାଳ ପଞ୍ଚାୟତ ରେ ନିର୍ମାଣ ହୋଇଥିବା ଯୋଗାଣ ବିଭାଗର ଗୋଦାମ ଗୃହ କାମରେ ଲାଗୁନି । ୨୦୦୪ ମସିହାରେ ୫୦୦ ଟନ ବିଶିଷ୍ଟ ଏହି ଘରକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ଏହି ଗୋଦାମ ଗୃହରୁ ୩୨ ପଞ୍ଚାୟତକୁ ସମସ୍ତ ପ୍ରକାର ସରକାରୀ ସାମଗ୍ରୀ ପଠାଇବାକୁ ଶୁବ୍ୟବସ୍ଥା ଥିବାବେଳେ ଏବେ ଭୂତ କୋଠୀ ହେବାପରେ ଏଥିନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ଏହି ଘର ଭୂତ କୋଠୀ ହେବା ସହ ଦିନରେ ଗୋରୁ ବନ୍ଧା ହେବା ସହ ଗୋରୁଙ୍କ ପାଇଁ ନଡ଼ା ରଖା ଜିବା ଓ ରାତି ରେ ମଦୁଆଙ୍କ ଆଡା ସ୍ଥଳୀ ପାଲଟିଛି।ନା ଅଛି ପ୍ରଶାସନ ପାଖାରେ ଖବର ? ନା ଯୋଗାଣ ବିଭାଗ ପଖାରେ ? କରଦାତା ଜନସାଧାରଣ ଅର୍ଥକୁ ଦୁରୁପଯୋଗ କରିବା କେତେ ଦୂର ଠିକ୍। ସରକାରୀ ଅର୍ଥ ନିର୍ମିତ କୋଠା ରେ ବେସରକାରୀ ଭାବେ ଚାଲିବା ଏବଂ ତାକୁ ଗୁହାଳ କରିବା ଅଞ୍ଚଳ ରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଅନ୍ୟ ପଟେ କିନ୍ତୁ ଗୋଦାମ ଗୃହ ଭଡ଼ାରେ ଚାଲୁ ଥିବା କୁହାଯାଉଛି। ଏ ନେଇ ଯୋଗାଣ ବିଭାଗ ର ପ୍ରତିକ୍ରିୟା ମିଳି ପାରିନାହିଁ।

## ରେୟାନ କ୍ଲାସର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

**କେନ୍ଦ୍ରାପଡା,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ଅଧିନ ୫ନଂ ୱାର୍ଡ ଗୋପ ଗ୍ରାମରେ ଥିବା ରେୟାନ କ୍ଲାସର ୩ୟ ବାର୍ଷିକ ଉତ୍ସବ ମହା ସମାରୋହ ରେ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସତ୍ୟବ୍ରତ ପରିଜାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପ୍ରାକ୍ତନ ଅଧ୍ୟାପକ ନନ୍ଦ କିଶୋର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ, ଉପେନ ରାଉତ ମୁଖ୍ୟ ବକ୍ତା ଭାବେ ଗୀତାଞ୍ଜଳୀ ସେଠୀ ଯୋଗ ଦେଇଥିଲେ । ସନ୍ତୋଷ ଖଟୁଆ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରମେଶ ଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ । ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ନିଜ ନିଜର ଭବିଷ୍ୟତ ଗଠନ ପାଇଁ କଠିନ ପରିଶ୍ରମ, ନିଷ୍ଠାର ସହ ଅଧ୍ୟୟନ କରିବା ଓ ଶିକ୍ଷକ, ପିତାମାତା ଓ ଗୁରୁଜନ ମାନଙ୍କ ପ୍ରତି ସମ୍ମାନବୋଧ ଆଚରଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ରେ ସଫଳ ହୋଇଥିବା ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ । ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଆରମ୍ଭ ହେବ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟ



**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଚିତ୍ରୋତ୍ପଳା ନଦୀର ଉନ୍ନତି ଓ ସୁଦୃଢ଼ୀକରଣ ନେଇ ଅଣ୍ଟା ଭିଡିଛନ୍ତି ମହାକାଳପଡା ବିଧାୟକ ଡ଼ଃ ଦୁର୍ଗାପ୍ରସନ ନାୟକ। ଆଜି ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱରେ ୬୫୨.୩୧ଲକ୍ଷ ବ୍ୟବରାଦରେ କୋରୁଆ ଠାରୁ ମାଣ୍ଡିଆ ରାଘବପୁର ପର୍ଯ୍ୟନ୍ତ ଦୀର୍ଘ ୯ କି.ମି ରାସ୍ତାର ଉନ୍ନତି କରଣ ନେଇ ଆଜି ବିଧାୟକ ଶିଳାନ୍ୟାସ କରିଛନ୍ତି । ସେହିପରି ମାଣ୍ଡିଆ ଘେରିବନ୍ଧର ସୁଦୃଢ଼ୀକରଣ ଓ କଲଭର୍ଟ ନିର୍ମାଣ ପାଇଁ ୨୦୩. ୨୧ ଲକ୍ଷ ବ୍ୟୟବରାଦରେ ଶିଳାନ୍ୟାସ ହୋଇଛି । ଆହୁରି ମଧ୍ୟ ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱର ୩୦୦ମିଟର ନଦୀ ବନ୍ଧର ସୁରକ୍ଷା ପାଇଁ ୨୧୦. ୪୧ଲକ୍ଷ ବ୍ୟବରାଦରେ ବିଧାୟକ ଶ୍ରୀ ନାୟକ ଶିଳାନ୍ୟାସ କରିଛନ୍ତି । ତତସହିତ ନଦୀ ବନ୍ଧକୁ ସଂଯୋଗୀକରଣ ରାସ୍ତାର ଉନ୍ନତି ନିମନ୍ତେ ବିଧାୟକ ତତ୍ପରତା ଦେଖାଇଛନ୍ତି । ଚିତ୍ରୋତ୍ପଳା ନଦୀରେ ଅଧିକାଂଶ ସମୟରେ ବନ୍ୟା ଆସିଥାଏ, ଯାହାଫଳରେ ଲୋକମାନଙ୍କ ଧନ ଜୀବନ ହାନି ହୋଇଥାଏ । ଏହି ନଦୀ ଉପରେ ମାର୍ଶାଘାଇ ଓ ଗରଦପୁର ଅଞ୍ଚଳର ଅନେକ ଲୋକଙ୍କର ଜୀବନ ଜୀବିକା ନିର୍ଭର କରେ। ବର୍ଷା ଦିନ ପୂର୍ବରୁ ଏହି ସବୁ କାମ ଗୁଡ଼ିକୁ ସାରିବାକୁ ହେବ ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ନର୍ଥ ଡିଭିଜନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ପରିଡା, ବିଡ଼ିଓ ପଞ୍ଚାନନ ମଲ୍ଲିକ, ସରୋଜକାନ୍ତ ସାହୁ, ହିରଣ୍ୟ ମହାପାତ୍ର, ଜିବନାନନ୍ଦ ସାହୁ, ପ୍ରଶାନ୍ତ ସେଠୀ, ପ୍ରଦୀପ ବେହେରା, ନିଗମ ପ୍ରସାଦ ରଥ, ସରପଞ୍ଚ ରମେଶ ଲେଙ୍କା, ସୁକେଶ ଗୁରୁ, ମନୋରଞ୍ଜନ ମହାପାତ୍ର, ବାରେଣି ଭୂୟାଁ, ସତ୍ୟବ୍ରତ ନାୟକ, ଚିନ୍ମୟ ଗୋଚ୍ଛାୟତ, ସଞ୍ଜୟ ପଣ୍ଡା, ରୁଦ୍ର ନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

## ବୃଦ୍ଧା ସବିତାଙ୍କୁ ସହାୟତାର ହାତ ବଢ଼ାଇଲେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**ଗରଦପୁର,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ପଂଚାୟତ ର ବସନ୍ତପୁର ଗ୍ରାମ ରେ ରୁହନ୍ତି ସବିତା ମହାପାତ୍ର। ସବିତା ଙ୍କ ବୟସ ପ୍ରାୟ ୮୫ ହେବ। ତାଙ୍କ ସ୍ୱାମୀ ଙ୍କ ନାମ କୁଳମଣି ମହାପାତ୍ର। ସ୍ୱାମୀ କର୍ମ ଅନ୍ୱେଷଣ ରେ ଦୀର୍ଘ ୩୫ ବର୍ଷ ଧରି କେଉଁ ଆଡେ ଯାଇଛନ୍ତି ଯେ କିଛି ଖୋଜ ଖବର ନାହିଁ। କିଛି ଦିନ ଖୋଜା ଖୋଜି ପରେ ପରିବାର ଲୋକେ ନିରାଶ ହୋଇଗଲେ। ସମସ୍ତେ ସିନା ବୁଝିଗଲେ କିନ୍ତୁ ନିଜର ଧର୍ମପତ୍ନୀ ଙ୍କ ମନ ମାନିଲା ନାହିଁ । ଏବେ ବି ସେ ସ୍ୱାମୀ ଙ୍କ ବାଟ ଚାହିଁ ରହିଛନ୍ତି । ଏହି ପତିବ୍ରତା କୁ ଦେଖି କିଛି ବୁଦ୍ଧିଜୀବୀ ତାଙ୍କୁ କଳିଯୁଗ ର ସାବିତ୍ରୀ ନାମ ରେ ନାମିତ କରିଛନ୍ତି। ଏବେ ବି ତାଙ୍କ ମଥା ସିନ୍ଦୂର, ହାତ ରେ ଶଙ୍ଖା ଓ ପାଦରେ ଅଳତା ଲଗାଇ ସଧବା ନାରୀ ର ପରିଚୟ ଦିଅନ୍ତି। ସବିତା ଙ୍କୁ ପଚାରିବାରୁ ସେ କୁହନ୍ତି ମୋ ମନ କହୁଛି ମୋ ସ୍ୱାମୀ ମୋ ପାଖକୁ ନିଶ୍ଚିତ ଫେରିବେ। ସବିତା ଙ୍କ ଭଗବାନ ଙ୍କ ପୁଜା ରେ ପ୍ରାୟ ସମୟ ବିତିଯାଏ। ବୟସ ର ଶେଷ ପର୍ଯ୍ୟାୟ ରେ ତାଙ୍କର କିଛି ରୋଜଗାର ନ ଥିବା ରୁ ସେ ଭାରି ଅଭାବୀ ଅଟନ୍ତି, କିନ୍ତୁ କାହା ପାଖ ରେ ପରିପ୍ରକାଶ କରନ୍ତି ନାହିଁ। ଏପରି ଜଣେ ଧର୍ମ ପରାୟଣ ବୃଦ୍ଧା ମା ଙ୍କ ବିଷୟ ରେ ଜାଣିବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସହାୟତା ପାଇଁ ଆଗେଇ ଆସିଥିଲେ। ତାଙ୍କ ପାଇଁ ଶୀତ ବସ୍ତ୍ର ଠୁ ଆରମ୍ଭ କରି ଶାଢ଼ୀ, ମଶାରୀ, ଦୁଇ ମାସ ର ରାସନ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ଯଶୋଦା ମା ମୋହିନୀ ନାୟକ, କାଳନ୍ଦୀ ମଲ୍ଲିକ, ବିକାଶ କୁମାର ପାତ୍ର, ବଳରାମ ଦାସ ଓ ରମାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨୦ତମ ବିଜୟପଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍ଯାପିତ



**ମହାକାଳପଡ଼ା,୨୯।୧ (ସଂଚାର ବ୍ୟୁରୋ):** ବିଜୟପଥ ଚ୍ୟାଲେଞ୍ଜ କ୍ଲବ୍, ଅଳାଇଲୋ ଆନୁକୂଲ୍ୟରେ ଅଳାଇଲୋ ଖେଳପଡିଆରେ ଆୟୋଜିତ ୨୦ ତମ ବିଜୟପଥ ଚ୍ୟାଲେଞ୍ଜ ଟ୍ରଫି ଟୁର୍ଣ୍ଣାମେଣ୍ଟର ଆଜି ଉଦଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉଦଯାପନୀ ଦିବସରେ ହିନ୍ଦୁସ୍ଥାନ ସୁଟିଂ କ୍ଲବ୍ ଓ ତୁଳସୀ କ୍ରିକେଟ କ୍ଲବ,ଅଯୋଧ୍ୟାନଗରୀ, କେନ୍ଦ୍ରାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁଳସୀ କ୍ରିକେଟ କ୍ଲବ ବିଜୟ ହାସଲ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବି, ଯୁବନେତା ଚିତ୍ତରଞ୍ଜନ ଦାସ ଓ ମୁଖ୍ୟ ବକ୍ତା ଭାବରେ ଅଳାଇଲୋ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଦାସ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କାର ଓ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ୍ ପ୍ରଶିକ୍ଷଣ ଶିବିର




**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ଆଖୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ୍ ସ୍ୱେଚ୍ଛାସେବୀ ମାନଙ୍କର ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ପ୍ରାରମ୍ଭରୁ ରେଡ଼କ୍ରସ୍ ର ପତାକା ଉତ୍ତୋଳନ କରି ପ୍ରଧାନ ଶିକ୍ଷୟତ୍ରୀ ମଧୁମିତା ମହାପାତ୍ର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପରେ ପରେ ପ୍ରଶିକ୍ଷକ ମନୋଜ କୁମାର ଶତପଥୀ ଓ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନିରଞ୍ଜନ ବେହେରା ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଜୁନିୟର ରେଡ଼କ୍ରସ୍ ର ଇତିହାସ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉଦଘାଟନ ଉତ୍ସବରେ ମହାକାଳପଡ଼ା ବିଧାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ିବା ସହିତ ଦେଶ ସେବା ପାଇଁ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ମାର୍ଶାଘାଇ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ମହାକାଳପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା,ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଜିଲ୍ଲା ସମ୍ପାଦିକା ସ୍ମୃତି ପ୍ରତିଭା ସାହୁ,ଯୁଗ୍ମ ସମ୍ପାଦକ ବଙ୍କିମ ବିହାରୀ ମହାନ୍ତି ଓ ଜୁନିୟର ଅଧିକାରୀ ନିରଞ୍ଜନ ବେହେରା ମଞ୍ଚାସୀନ ଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା ଓ ଦଳଗତ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିକନ୍ଦ ସାହୁ, କାଳନ୍ଦୀ ମଲ୍ଲିକ,ସାନ୍ତନୁ କୁମାର ବରାଳ, ରଞ୍ଜନ କୁମାର ନାୟକ, ଗୋପିନାଥ ବେହେରା, ଭଗବାନ ସାହୁ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଆରମ୍ଭ ହେଲା କୃଷ୍ଣସାର ମୃଗ ଗଣନା, ୧୮ଟି ଟିମ୍‌କୁ ଦାଇତ୍ୱ

**ଗଞ୍ଜାମ,୨୯।୧(ସଂଚାର ବ୍ୟୁରୋ):** ଆଜିଠୁ ଆରମ୍ଭ ହେଉଛି କୃଷ୍ଣସାର ମୃଗ ଗଣନା। ଗଞ୍ଜାମ ଜିଲ୍ଲା ଘୁମୁସର ବନଖଣ୍ଡ ତଥା ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ଆଜିଠୁ ଗଣନା ଆରମ୍ଭ ହେବ । ଏଥିପାଇଁ ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ, ଭଂଜନଗର ସ୍ଥିତ ଲାଲସିଙ୍ଗି ସ୍ଥାୟୀ ଚାରା ଉଦ୍ୟାନ କେନ୍ଦ୍ର ଠାରେ ବନ କର୍ମଚାରୀ, ବିଭିନ୍ନ କଲେଜ ଛାତ୍ର ଏବଂ ନନ୍ଦନକାନନରୁ ଆସିଥିବା ଷ୍ଟୁଡେଣ୍ଟ ଭଲ୍ୟୁଣ୍ଟରଙ୍କୁ ତାଲିମ ଦିଆଯାଇଛି। ଆଜି ପୂର୍ବାହ୍ନ ସୁଧା ଏହି ଗଣନା ଶେଷ ହେବ । ଏଥିପାଇଁ ୫ ଟି ବନାଞ୍ଚଳରେ କୃଷ୍ଣସାର ମୃଗଙ୍କ ଗଣନା ପାଇଁ ୧୮ ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମରେ ୫ ଜଣ ଲେଖାଏଁ ବନ କର୍ମଚାରୀ , କଲେଜ୍ ଛାତ୍ର ଏବଂ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି ।



## ଅନଲାଇନ୍ ଟ୍ରେଡିଂ ନାଁରେ ୪ କୋଟି ହଡପ୍

- ଯୁବକଙ୍କୁ ଅପହରଣ ଘଟଣାରେ ୩ ଗିରଫ

**ବ୍ରହ୍ମପୁର,୨୯।୧(ସଂଚାର ବ୍ୟୁରୋ):** ଅନଲାଇନ ଟ୍ରେଡିଂ କରି ଅଳ୍ପ ଦିନରେ ଟଙ୍କା ଦୁଇ ଗୁଣା କରାଇଦେବା ଲୋଭ ଦେଖାଇ ଖାଜା ସାହି ଓ ଆଖପାଖ ଅଂଚଳର ୧୫୦ରୁ ଅଧିକ ଜମାକାରୀଙ୍କ ଠାରୁ ୪ କୋଟି ଟଙ୍କା ହଡପ କରି ନେଇଥିବା ଜଣେ ଯୁବକଙ୍କୁ ଅପହରଣ କରାଯାଇଛି। ଅଭିଯୋଗ ପରେ ଟାଉନ ଥାନା ପୁଲିସ ଅପହୃତ ଯୁବକ ତଥା ପାତ୍ରପେଟା ସାହି ୨ୟ ଲାଇନର ସେଖ୍ ସୁଲେମାନ ଅଲ୍ଲୀଙ୍କୁ ଦିଗପହଣ୍ଡିରୁ ଉଦ୍ଧାର କରିଛି। ସେହିପରି ତାଙ୍କୁ ଅପହରଣ କରିଥିବା ୩ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ହର୍ଷ ବିହାରର ସେଖ୍ ଅଲତାଫ(୩୨), ଖାଜା ସାହିର ମହମ୍ମଦ ସତାର ଓରଫ ଇମରାନ(୩୯) ଓ ଗୋଲିଆ ସାହିର ସୟଦ ନୁର ମହମ୍ମଦ ଖାଦ୍ରି(୩୦) । ଏ ନେଇ ଟାଉନ ଥାନାରେ କେସ ନଂ ୪୬/୨୫ରେ ଏକ ମାମଲା ରୁଜୁ ହେବା ସହ ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ସୂଚନାପ୍ରକାରେ, ପାତ୍ରପେଟା ସାହି ୨ୟ ଲାଇନର ସେଖ୍ ସୁଲେମାନ ଅଲ୍ଲୀ ଅନଲାଇନ ଟ୍ରେଡିଂ ନାଁରେ ସେହି ଅଞ୍ଚଳର ୧୫୦ରୁ ଅଧିକ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ । ଅଳ୍ପ ଦିନରେ ଟଙ୍କା ୨ ଗୁଣା କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ଉପରୋକ୍ତ ଅଭିଯୁକ୍ତ ମାନେ ମଧ୍ୟ ଟଙ୍କା ୨ ଗୁଣା ଲୋଭରେ ସୁଲେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଦେଇଥିଲେ । ହେଲେ ଅନେକ ମାସ ପରେ ମଧ୍ୟ ସୁଲେମାନ ମୂଳ ଟଙ୍କା କିମ୍ବା ଲାଭ ଟଙ୍କା ଦେଇନଥିଲେ । ଜମାକାରୀମାନେ ଟଙ୍କା ମାଗିବାରୁ ସେ ଦିନ ପରେ ଦିନ ଗଡାଇ ଚାଲିଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ୨୩ ତାରିଖରେ ଉପରୋକ୍ତ ଅଭିଯୁକ୍ତ ସହ ଅନ୍ୟ କିଛି ଜମାକରୀ ସୁଲେମାନଙ୍କ ଘରେ ପହଞ୍ଚି ଟଙ୍କା ଫେରାଇବାକୁ କହିଥିଲେ। ସେ ଟଙ୍କା ଦେବାକୁ ଅସମର୍ଥ ହେବାରୁ ତାଙ୍କୁ ଏକ ବାଇକରେ ବସାଇ ମିଲିଟାରୀ ଲାଇନକୁ ନେବା ପରେ ସେଠାରୁ ଏକ କାର ଯୋଗ ଅପହରଣ କରି ଦିଗପହଣ୍ଡି ନେଇଯାଇଥିଲେ ।

## ପରଲୋକରେ ସୂର୍ଯ୍ୟମଣି ପାତ୍ର

**ରାଜନଗର,୨୯।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବନ୍ଧପଡା ଗ୍ରାମ ପଞ୍ଚାୟତ ଅନ୍ତିଗତ ମଧ୍ୟପଡା ଗ୍ରାମର ବରିଷ୍ଠ ସମବାୟବିତ ଦିଲ୍ଲୀପ କୁମାର ପାତ୍ର ଙ୍କ ପିତା ସୂର୍ଯ୍ୟମଣି ପାତ୍ର ୯୬ ବର୍ଷ ବୟଷ ରେ ନିଜ ବାସଭାବନରେ ପର ଲୋକ ହୋଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କ ଜେଷ୍ଟ ପୁତ୍ର ଜୟନ୍ତ ଙ୍କ ସହିତ ଦିଲ୍ଲୀପ, ପ୍ରଦୀପ୍ତ, ପ୍ରଫୁଲ୍ଲ, ଝିଅ ପୁଷ୍ପଲତା,



ବନଜ୍ୟୋସ୍ନା ଓ ନାତି, ନାତୁଣୀ ପରିବାରର ବନ୍ଧୁ ମାନେ ଉପସ୍ଥିତି ଥିଲେ । ତାଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସରପଞ୍ଚ ଗାଲେଖି ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ମହାନ୍ତି, କୈଳାସ କୁମାର ପରିଡା, ପୁଷ୍ପ ଲତା ପାତ୍ର , ତାପସ କୁମାର ସାହୁ, ପୂର୍ବ୍‌ତନ ସମିତି ସଭ୍ୟ ଦିଲ୍ଲୀ କୁମାର ପାତ୍ର ଓ ବହୁ ମାନ୍ୟ ଗନ୍ୟ ବ୍ୟକ୍ତି ମର ଶରୀର ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାର କୁ ସମବେଦନା ଜ୍ଞାପନ କରିଥିଲେ ।

## ବାଗପଟିଆ ଥଇଥାନସ୍ଥଳୀର ଉନ୍ନତି, ଜୀବନଜୀବିକା ଉପରେ ଆଲୋଚନା



**ରାଜନଗର,୨୯।୧(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାତଭାୟାର ନୂତନ ପରିଚୟ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀରେ ବସବାସ କରୁଥିବା ଜୀବନ ଜୀବିକା ଏବଂ ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାନସ ମନ୍ଥନ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଥଇଥାନ ସ୍ଥଳୀର ବିପର୍ଯ୍ୟସ୍ତ ରାସ୍ତା ଘାଟ ମରାମତି, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଲୋକମାନଙ୍କର ଜୀବନ ଧାରଣ କାର୍ଯ୍ୟରେ ସରକାରୀସ୍ତରରେ ରହିଥିବା ସହଯୋଗ ଉପରେ ବିସ୍ତୃତ ଆଲୋଚନା କରିବା ସହିତ ଖୁବ୍ ଶୀଘ୍ର ବଗପାଟିଆର ବହୁବିଧି ସମସ୍ୟା ଦୁରହେବ କ୍ଷେତ୍ରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ସମୀକ୍ଷା ବୈଠକରେ ଡ଼ିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପଂଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ତହସିଲଦାର ଅଜୟ କୁମାର ମହାନ୍ତି ଙ୍କ ସମସ୍ତ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଫଟୋ ଅଛି

### ମାଇସ୍ ଓ ୱେଡିଂ ଟୁରିଜିମ୍ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ

# ୧୨୧ ପ୍ରକଳ୍ପରେ ୮୧୫୩ କୋଟି ନିବେଶ ପାଇଁ ଚୁକ୍ତି

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ'ର ଦ୍ୱିତୀୟ ଦିନରେ ଆଜି ଏକ କ୍ଷେତ୍ରୀୟ ଅଧିବେଶନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମାଇସ୍ ଓ ୱେଡିଙ୍ଗ ପର୍ଯ୍ୟଟନ ଆର୍ଥିକ ଅଭିବୃଦ୍ଧିର ପଥ ଭାବେ ଉପସ୍ଥାପନ କରାଯାଇଥିଲା। ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ, ପ୍ରଦର୍ଶନୀ (ଏମଆଇସିଇ) ଓ ବିବାହ (ୱେଡିଂ) ପର୍ଯ୍ୟଟନର ବର୍ଦ୍ଧିତ ସମ୍ଭାବନାକୁ ଖୋଜିବା ପାଇଁ ଏହି ଅଧିବେଶନ ଶିଳ୍ପ ଜଗତର ଅଂଶୀଦାର, ନେତା ଓ ସରକାରୀ ଅଧିକାରୀମାନଙ୍କୁ ଏକାଠି କରିଥିଲା। ଏହି ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ପର୍ଯ୍ୟଟନ ବିଭାଗ କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଉପସ୍ଥିତ ଥିଲେ।



ରାଜ୍ୟ ସଫଳତାର ସହ ଉଭୟ ଘରୋଇ ଓ ଵର୍ଜାତୀୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ଆଧୁନିକ ସୁବିଧାର ଏକ ଅନନ୍ୟ ମିଶ୍ରଣ ପ୍ରଦାନ କରୁଛି। ଓଡ଼ିଶା କେବଳ ଦେଶ ଭିତରେ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳୀ ହୋଇ ରହିନାହିଁ, ବରଂ ଏହାର ଉଚ୍ଚମାନର ପର୍ଯ୍ୟଟନ ସୁବିଧା ଏବଂ ଅସାଧାରଣ ଆତିଥ୍ୟ ସେବା ଏକ ବିଶ୍ୱସ୍ତ ଅନ୍ତର୍ଜାତୀୟ ଗ୍ରାହକ ମଣ୍ଡଳୀ ପ୍ରସ୍ତୁତ କରିଛି। ବର୍ତ୍ତମାନ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଉପଯୁକ୍ତ ସମୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିବା ସହ ପର୍ଯ୍ୟଟନ କ୍ଷେତ୍ରରେ ବୈଶ୍ୱିକ ସମ୍ପର୍କ, ସାଂସ୍କୃତିକ ବିନିମୟ ଓ ପରିବେଶ ସଚେତନ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିବା ସହ ଓଡ଼ିଶା ଭିଜନ-୨୦୩୬ ଅନୁସାରେ ଇଜ୍ ଅଫ୍ ଡୁଇଙ୍ଗ ବିଜିନେସ୍ ପାଇଁ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି ଯେ ରାଜ୍ୟ ପାଇଁ ପର୍ଯ୍ୟଟନ କ୍ଷେତ୍ର ଏକ ଶୀର୍ଷ ପ୍ରାଥମିକତା, ଯେଉଁଥିରେ ନିଯୁକ୍ତି ସୁଯୋଗ ସୃଷ୍ଟିର ଯଥେଷ୍ଟ ସମ୍ଭାବନା ରହିଛି। ଏହି କ୍ଷେତ୍ରରେ ନିବେଶ ଅଭିବୃଦ୍ଧି ଓ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ସେହିପରି ପର୍ଯ୍ୟଟନ ବିଭାଗ କମିଶନର ଶ୍ରୀ ସିଂହ ଓଡ଼ିଶାରେ ପର୍ଯ୍ୟଟନର ଅଭିବୃଦ୍ଧି ବାହକ ହେବ ବିବିଧ ପର୍ଯ୍ୟଟନ ଅଭିଜ୍ଞତା, ସକ୍ରିୟ ପର୍ଯ୍ୟଟନ ନୀତି ସୁବିଧା ଏବଂ ନିରନ୍ତର ପ୍ରୋତ୍ସାହନ ଅଭିଯାନ ବୋଲି କହିଛନ୍ତି।

ଏହି ଅଧିବେଶନରେ ୮୧୫୩ କୋଟି ମୂଲ୍ୟର ୧୨୧ଟି ପ୍ରକଳ୍ପ ପାଇଁ ନିବେଶ ଘୋଷଣା କରାଯାଇଛି, ଯାହା ହୋଟେଲ, ମନୋରଞ୍ଜନ ପାର୍କ, ଜଳକ୍ରୀଡା, କାରାଭାନ କ୍ୟାମ୍ପିଂ ଏବଂ ରିସର୍ଟରେ ଆତିଥ୍ୟ ସମ୍ଭାବନାକୁ ସମୃଦ୍ଧ କରିବ। କୋରାପୁଟ, ଗଜପତି, ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ପୁରୀ, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର ଆଦି ଜିଲ୍ଲାରେ ୨୩ଟି ରିସର୍ଟ ପ୍ରକଳ୍ପର ବିକାଶ ପାଇଁ ୨୩୮୭ କୋଟି ନିବେଶ ପାଇଁ ପ୍ରତିଶ୍ରୁତି ମିଳିଛି। ପୁରୀ, ସମ୍ବଲପୁର, ପାରାଦୀପ, ଗୋପାଳପୁର, ଗଞ୍ଜାମ, ଭୁବନେଶ୍ୱରରେ ୪୭ଟି ହୋଟେଲ ପ୍ରକଳ୍ପ ପାଇଁ ୩୭୯୨ କୋଟି ଟଙ୍କା ନିବେଶ ପ୍ରତିଶ୍ରୁତି ଆସିଛି। ଏହାଛଡ଼ା ୩୦ଟି ମୋଟେଲ/ଡବ୍ଲୁଏସି (ପଥପ୍ରାନ୍ତ ସୁବିଧା କେନ୍ଦ୍ର) ପ୍ରକଳ୍ପ ୨୪୬ କୋଟି ଟଙ୍କା ବିନିଯୋଗକୁ ଆକର୍ଷିତ କରିଛି।

ଅଭିନବ ଓ ଦୁଃସାହସିକ ପର୍ଯ୍ୟଟନ କ୍ଷେତ୍ର ମଧ୍ୟ ଆକର୍ଷଣୀୟ ହୋଇଛି ଯାହା ପୁରୀ, ଖୋର୍ଦ୍ଧା, ଚିଲିକା, ସୁନ୍ଦରଗଡ଼, କଟକରେ ୯ଟି ଜଳକ୍ରୀଡା ଏବଂ କ୍ରୁଜ୍ ପ୍ରକଳ୍ପରେ ୫୫୪ କୋଟି ଟଙ୍କା ନିବେଶର ସୁଯୋଗ ମିଳିଛି ଏବଂ ୪ଟି ଦୁଃସାହସିକ କ୍ରୀଡ଼ା ପଦକ୍ଷେପରେ କୋରାପୁଟ ଏବଂ ସୁନ୍ଦରଗଡ଼ରେ ୨୩ କୋଟି ଟଙ୍କା ନିବେଶର ଲକ୍ଷ୍ୟ ରହିଛି। ବହୁ-ଉପଯୋଗୀ ଆତିଥ୍ୟ କେନ୍ଦ୍ର ଉପରେ ଅତିରିକ୍ତ ଧ୍ୟାନ ଦେବା ଦ୍ୱାରା ୧୦୬୦ କୋଟି ଟଙ୍କା ପ୍ରତିଶ୍ରୁତି ମିଳିଛି। କାରାଭାନ ଏବଂ କ୍ୟାମ୍ପିଂ ପର୍ଯ୍ୟଟନ ପ୍ରତି ବଢ଼ୁଥିବା ଆଗ୍ରହ ସହ ରାଜ୍ୟ ଯଥାକ୍ରମେ ୫୮ କୋଟି ଏବଂ ୨.୯୫ କୋଟି ଟଙ୍କାର ନିବେଶ ହାସଲ କରିଛି।

କ୍ଷେତ୍ରୀୟ ପର୍ଯ୍ୟଟନ ଅଧିବେଶନର ଏକ ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶା ପର୍ଯ୍ୟଟନ ଏବଂ ଜାତୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ର। ଏହି ବୁଝାମଣା ନୂତନ ସଂଗ୍ରହାଳୟ ଓ ବ୍ୟାଖ୍ୟା କେନ୍ଦ୍ରର ବିକାଶ କରି ରାଜ୍ୟର ସାଂସ୍କୃତିକ ପର୍ଯ୍ୟଟନକୁ ସମୃଦ୍ଧ କରିବ।

ଆଲୋଚନାରେ ବିଶେଷଜ୍ଞ ଭାବେ ଆଇଏଟିଓ ପଶ୍ଚିମବଙ୍ଗ ଚାପ୍ଟରର ଅଧ୍ୟକ୍ଷ ଓ ଇମ୍ପ୍ରେସନ ଟୁରିଜିମ୍ ସର୍ଭିସେସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଏବଂ ସିଇଓ ଦେବଜିତ ଦତ୍ତା ପରିଚାଳନା କରିଥିଲେ। ଏଥିରେ ଏକ ବିଶିଷ୍ଟ ବିଶେଷଜ୍ଞ ଦଳ ଏମ୍ଏଚ୍ଆର୍ଆଇଏଲ୍ର ଉପସଭାପତି ଅମିତ୍ ମହାଜନ, ବାଣିଜ୍ୟ ବିକାଶ-ଦକ୍ଷିଣ ଏସିଆ ରେଡିସନ ହୋଟେଲ୍ସ ଗ୍ରୁପ୍ ଦାଭାଶିଷ ଶ୍ରୀବାସ୍ତବ, ଆସ୍କଟ୍ ହୋଟେଲ୍ସର କଣ୍ଟ୍ରି ହେଡ୍ ବିକାଶ ରାୟ, ଦକ୍ଷିଣ ଓ ପୂର୍ବ ଆଇଟିସି ହୋଟେଲ୍ସ ଲିମିଟେଡ୍ର ଉପାଧ୍ୟକ୍ଷ ଜୁବିନ୍ ସୋଙ୍ଗାଡୱାଲା, ଆଇଏଚ୍ସିଏଲ୍ର ପୂର୍ବତନ ଉପାଧ୍ୟକ୍ଷ ଦୀନେଶ ଚଢ଼ା, ବୈଠକ ଓ ପ୍ରୋତ୍ସାହନ ଏବଂ ପୂର୍ବତନ ଉପାଧ୍ୟକ୍ଷ-ଆଇସିପିବି ଅମରେଶ ତିୱାରୀ ଏବଂ ୭X ୱେଡିଂସର ପ୍ରତିଷ୍ଠାତା ଦେବାଙ୍ଗ ଶାହ ସାମିଲ ଥିଲେ।

# ଓଡ଼ିଆ ଚଳଚ୍ଚିତ୍ର ଭବିଷ୍ୟତ ଉଜ୍ଜ୍ୱଳ ଓ ସ୍ୱର୍ଣ୍ଣିମ: ମନ୍ତ୍ରୀ



**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ୧୯୩୬ରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ଚଳଚ୍ଚିତ୍ର ଜଗତର ମୂଳଦୁଆ ସ୍ଥାପନ କରିଥିଲା। ୧୯୭୪ରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ରାଜ୍ୟରେ ଚଳଚ୍ଚିତ୍ର ଶିଳ୍ପର ମାନ୍ୟତା ମିଳିଲା। ବିଗତ କିଛି ବର୍ଷରେ ବହୁ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ସ୍ତରରେ ମଧ୍ୟ ଖ୍ୟାତି ଓ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ଇତିହାସ କାଳଜୟୀ ଏବଂ ଆଗାମୀ ଭବିଷ୍ୟତ ହେଉଛି ସ୍ୱର୍ଣ୍ଣିମ ଓ ଉଜ୍ଜ୍ୱଳ ବୋଲି କହିଛନ୍ତି ଓଡ଼ିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ କହିଛନ୍ତି ଯେ ଓଡ଼ିଆ ଚଳଚ୍ଚିତ୍ର ହେଉଛି ଆମ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ନିଚ୍ଛକ ପ୍ରତିଫଳନ। ଏହାର ଉନ୍ନତି ଓ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ଆମ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିବ ବୋଲି ମୁଁ ଆଶା କରୁଛି। ପ୍ରକାଶଯୋଗ୍ୟ ଯେ ଭୁବନେଶ୍ୱର ଜନତା ମଇଦାନଠାରେ ଆୟୋଜିତ ହେଉଥିବା ଉତ୍କର୍ଷ ଓଡ଼ିଶା- ମେକଇନ୍ ଓଡ଼ିଶା କନକ୍ଲେଭରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନିବେଶର ବିଭିନ୍ନ ଦିଗ ଏବଂ ସୁଯୋଗ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଯାଜପୁର କୋରେଇ ବିଧାୟକ ଆକାଶ ଦାସ ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର, ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେସନର ମ୍ୟାନେଜିଂ ଡାଇରେକ୍ଟର ସମର୍ଥ ବର୍ମା ଉପସ୍ଥିତ ଥିଲେ। ଅଧିବେଶନରେ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ଏକ ଆଲୋଚନାଚକ୍ରର ଆୟୋଜନ ମଧ୍ୟ କରାଯାଇଥିଲା ଯେଉଁଥିରେ ବିଧାୟକ ଆକାଶ ଦାସ ନାୟକଙ୍କ ସମେତ ଚଳଚ୍ଚିତ୍ର ଶିଳ୍ପ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଅମିତାଭ ଗୁହା ଠାକୁରତା, ପ୍ରମୋଦ ଅରୋରା, ଶିବାଶିଷ ସରକାର, ରାଜେଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ।

## ହସ୍ପିଟାଲ୍ର ଅଗ୍ନି ନିରାପତ୍ତା ଯାଞ୍ଚ୍ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ,୨୯।୧ (ସଂଚାର ବ୍ୟୁରୋ) :** ରାଜ୍ୟର ବିଭିନ୍ନ ଡାକ୍ତରଖାନାମାନଙ୍କରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଆଜି ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାଜ୍ୟର ସବୁ ହସ୍ପିଟାଲର ଅଗ୍ନିଶମ ବ୍ୟବସ୍ଥା ଠିକ୍ଠାକ୍ ରହିଛି କି ନାହିଁ, ତାହା ଯାଞ୍ଚ କରିବାକୁ ଅଗ୍ନିଶମ ଡିଜିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସବୁ ସରକାରୀ ଓ ବେସରକାରୀ ହସ୍ପିଟାଲ୍ ଯାଞ୍ଚ ହେବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିସକାଶେ ୪ ମାସ ସମୟ ଦେଇଛନ୍ତି। ଯାଞ୍ଚ୍ ପରେ ଅଗ୍ନିଶମ ବିଭାଗ ଡିଜି ରିପୋର୍ଟ ଦାଖଲ କରିବା ସକାଶେ ମଧ୍ୟ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡ଼ାର ଏକ ହସ୍ପିଟାଲର ମାମଲାରେ ଶୁଣାଣି କରିବା ଅବସରରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ନିର୍ଦ୍ଦେଶକ-ଗୀତିକାର ବୃନ୍ଦାବନ ଜେନାଙ୍କ ପରଲୋକ

**କଟକ,୨୯।୧(ସଂଚାର ବ୍ୟୁରୋ):** ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଗୀତିକାର ବୃନ୍ଦାବନ ଜେନାଙ୍କର ଆଜି ସ୍ଥାନୀୟ ଏସ୍ସିବି ମେଡିକାଲ୍ରେ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ନିକଟରେ ବ୍ରେନ୍ ଷ୍ଟ୍ରୋକ୍ ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଆଜି ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ବୃନ୍ଦାବନ ବାଟ ଅବାଟ, ଶାସ୍ତି ଓ ହରପାର୍ବତୀ ଭଳି ଚଳଚ୍ଚିତ୍ରର



ନିର୍ଦ୍ଦେଶନା ଦେଇଥିଲେ। ସେହିପରି 'ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର...' ଭଳି କାଳଜୟୀ ଗୀତ ରଚନା କରି ବୃନ୍ଦାବନ ସମସ୍ତଙ୍କ ନିକଟରେ ନିଜ ପାଇଁ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଥିଲେ। ସେ ମଧ୍ୟ 'ଗେଲବସରର ଦିନ ସରିଗଲା...' ଭଳି ଗୀତ ମଧ୍ୟ ସେ ରଚନା କରିଥିଲେ। ମାତ୍ର ୭ ବର୍ଷ ବୟସରେ ଗୀତ ଲେଖିବା ଆରମ୍ଭ କରିଥିବା ବୃନ୍ଦାବନ 'ପୀରତି ତୋର ଦୂରୁ ଜୁହାର...', 'ଗୋରୀ ଦେଖିଲି କାଳୀ ଦେଖିଲି...', 'ଏମିତି ରାତି ଏଯେ ଅଭୁଲା ସ୍ମୃତି' ଭଳି ଗୀତ ମଧ୍ୟ ତାଙ୍କ କଲମରୁ ନିସୃତ ହୋଇଛି। ସେ ୩୦ରୁ ଅଧିକ ଚଳଚ୍ଚିତ୍ର ପାଇଁ ଗୀତ ରଚନା କରି ପୁରସ୍କୃତ ହୋଇଥିଲେ। ଗୀତିକାର ଭାବେ ଘର ସଂସାର, ଧରିତ୍ରୀ, ସିନ୍ଦୁର ବିନ୍ଦୁ ଭଳି ଚଳଚ୍ଚିତ୍ରରେ ମଧ୍ୟ ବୃନ୍ଦାବନ କାମ କରିଥିଲେ। ଏହାଛଡ଼ା ବୃନ୍ଦାବନ ୮ଟି ଚଳଚ୍ଚିତ୍ରର ସଂଳାପ ଲେଖିଥିଲେ। ସେ ମଧ୍ୟ ୧୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଥିଲେ। ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅବଦାନ ପାଇଁ ବୃନ୍ଦାବନଙ୍କୁ ଗତ ୨୦୦୮ରେ ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୦୫ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ୨୦୦୬ରେ ଓଡ଼ିଆ ଗୀତିକବି ସମ୍ମାନ, ୨୦୧୧ରେ ସମ୍ମାନଜନକ ଫକୀରମୋହନ ଗୀତିଶ୍ରୀ ସମ୍ମାନ, ୨୦୧୫ରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗୀତିକବି ସମ୍ମାନରେ ସମ୍ମାନିତ କରାଯାଇଥିଲା।

● ନିରଞ୍ଜନଙ୍କ ଘରୁ ଚୋରି ମାମଲା

## ଗୁରୁତ୍ୱପୂର୍ଣ୍ଣ ସୁରାକ୍ ପାଇଛି ପୁଲିସ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ପାଖାପାଖି ୫୨ ଲକ୍ଷ ଟଙ୍କାର ଲୁଟ୍ ଗତ ୨୫ ତାରିଖ ବିଳମ୍ବିତ ରାତିରେ ହୋଇଥିବା ବେଳେ ଏହି ମାମଲାରେ ପୁଲିସ୍ର ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲାଗିଥିଲା। ତେବେ ଏହି ମାମଲାରେ ପୁଲିସକୁ କେତେକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିବା ଜଣାପଡ଼ିଛି। ଏନେଇ ପୁଲିସ କମିଶନର ଏସ ଦେବଦତ୍ତ ସିଂ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିରଞ୍ଜନଙ୍କ ଘରୁ ଚୋରି ଘଟଣାରେ ପୁଲିସ୍ ସିସିଟିଭି ଫୁଟେଜ୍ ଆଧାରରେ ଯାଞ୍ଚ୍ କରୁଛି। ଏହି ଚୋରି ପଛରେ ନିରଞ୍ଜନଙ୍କ ଘର ସହ ସମ୍ପର୍କ ଥିବା କୌଣସି ଲୋକଙ୍କର ସମ୍ପୃକ୍ତି ଥିବା ପୁଲିସ କମିଶନର କହିଛନ୍ତି। ତେଣୁ ଏହି ଦିଗରେ ତଦନ୍ତ କରି ପୁଲିସ୍ ନିରଞ୍ଜନଙ୍କ ଘରେ କାମ କରୁଥିବା ଡ୍ରାଇଭର, କୁକ୍, ସିକ୍ୟୁରିଟୀ କର୍ମଚାରୀଙ୍କୁ ପଚରାଉଚରା କରାଯାଇଛି। ଏହି ପଚରାଉଚରା ପରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି ଯାହା ଏହି ଚୋରି ଘଟଣାର ପର୍ଦ୍ଦାଫାସ୍ କରିବ ବୋଲି କମିଶନର୍ କହିଛନ୍ତି। କିନ୍ତୁ ଉକ୍ତ ତଥ୍ୟ ପ୍ରଘଟ କଲେ, ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିବାରୁ ଏନେଇ କୌଣସି ସୂଚନା ଦିଆଯିବା ସମ୍ଭବପର ନୁହେଁ ବୋଲି କମିଶନର୍ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଶନିବାର ବିଳମ୍ବିତ ରାତିରେ ଆଇଆରସି ଭିଲେଜର ଭିଆଇପି କଲୋନୀରେ ଥିବା ନିରଞ୍ଜନଙ୍କ ଉପର ମହଲାରେ ରହୁଥିବା ପୁଅ ବୋହୂଙ୍କ ଘରୁ ହୋଇଥିଲା ଲୁଟ । ଏକ ଘଣ୍ଟା ଧରି ବେଧଡ଼କ ଭାବେ ଆଲମାରି ଲକର ତାଡ଼ି ଲୁଟ୍ କରିଥିଲା ଚୋର। ଏହାପରେ ଗତ ୨୮ ତାରିଖ ଭୋରରେ ଚୋରି ଉଦ୍ୟମ ପାଇଁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ କାବୁ କରିଛି।

### 'ଶିଳ୍ପ ଭିତ୍ତିଭୂମି, ବନ୍ଦର, ବିମାନ ବନ୍ଦର, ରେଳ ଓ ସଡ଼କ ପଥ' ଶୀର୍ଷକ ଅଧିବେଶନ

# ସାମୁଦ୍ରିକ ଓ ଲଜିଷ୍ଟିକ୍ ସହ ମାନବ ସମ୍ବଳର ବିକାଶ ଗୁରୁତ୍ୱପୂର୍ଣ୍ଣ: ମନ୍ତ୍ରୀ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଦେଶର ପୂର୍ବ ଉପକୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିଥିବା ଓଡ଼ିଶା ସାମୁଦ୍ରିକ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଭାରତର ଆର୍ଥିକ ପ୍ରଗତି ନିମନ୍ତେ ପ୍ରବେଶ ଦ୍ୱାର ଭାବେ ଉଭା ହୋଇପାରିବ। ଏହି ଲକ୍ଷ୍ୟ ସାକାର କରିବା ପାଇଁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ସରକାର ପ୍ରତିବଦ୍ଧ। ସାମୂହିକ ଅଭିବୃଦ୍ଧି, ସ୍ଥାୟିତ୍ୱ ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ଦ୍ୱାରା ଆମେ ଆଗାମୀ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।



'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'ର ଦ୍ୱିତୀୟ ଦିନରେ ଆଜି 'ଶିଳ୍ପ ଭିତ୍ତିଭୂମି, ବନ୍ଦର, ବିମାନ ବନ୍ଦର, ରେଳ ଓ ସଡ଼କ ପଥ' ଶୀର୍ଷକ ଅଧିବେଶନରେ ବିଶ୍ୱସ୍ତରୀୟ ସାମୁଦ୍ରିକ ଓ ଲଜିଷ୍ଟିକ୍ସ ହବ୍ ହେବା ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅଧିବେଶନରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ସାମୁଦ୍ରିକ ଓ ଲଜିଷ୍ଟିକ୍ ବିକାଶ ସହ ମାନବ ସମ୍ବଳର ବିକାଶ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ଐତିହ୍ୟ ରହିଛି। ଏହି ଗୌରବମୟ ଇତିହାସର ପୁନରାବୃତ୍ତି ନିମନ୍ତେ ଆମ ଯୁବବର୍ଗଙ୍କୁ ଦକ୍ଷ କରାଯାଇପାରିଲେ ରାଜ୍ୟର ନିରନ୍ତର ବିକାଶ ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ ଓଡ଼ିଶାରେ ବିକାଶର ସମସ୍ତ ଆନୁଷଙ୍ଗିକ ସୁବିଧା ରହିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶାର ରୂପରେଖ ନେଇ ସରକାରଙ୍କର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ ରହିଛି। ସରକାର, ଶିଳ୍ପଜଗତ ଓ ଜନସାଧାରଣଙ୍କ ମଧ୍ୟରେ ସହଭାଗିତାରେ ଏହି ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଶ୍ରୀ ଆହୁଜା କହିଛନ୍ତି। ପାରାଦୀପ ପୋର୍ଟର ଅଧ୍ୟକ୍ଷ ପିଏଲ୍. ହରନାଧ, ଆଦାନୀ ଗ୍ରୁପ୍ର ପ୍ରତିନିଧି ସୁବ୍ରତ ତ୍ରିପାଠୀ ଓ ଜେଏସ୍ଡବ୍ଲ୍ୟୁର ପ୍ରତିନିଧି ରିଙ୍କେଶ ରାୟ ଅଧିବେଶନରେ ବକ୍ତା ଭାବେ ଯୋଗଦେଇ ରାଜ୍ୟରେ ଲଜିଷ୍ଟିକ୍ ବିପ୍ଳବ ଦ୍ୱାରା ବିକାଶର ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ରାଜ୍ୟରେ ଲଜିଷ୍ଟିକ୍ କ୍ଷେତ୍ରରେ ନିବେଶ ଓ ଉନ୍ନୟନ ନେଇ 'ଏରୋ କ୍ଲବ ଅଫ୍ ଇଣ୍ଡିଆ' ଓ 'ଇଣ୍ଡିଆୱାନ୍ ଏୟାର' ସହ ରାଜ୍ୟ ସରକାର ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର କରିଥିବାବେଳେ ପରିବହନ କମିଶନର ଏବଂ ଜାତୀୟ ରାଜପଥ ଓ ଲଜିଷ୍ଟିକ୍ସ ପରିଚାଳନା ଲିମିଟେଡ୍ (ଏନ୍ଏଚ୍ଏଲ୍ଏମ୍ଏଲ୍) ମଧ୍ୟରେ ଅନ୍ୟ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ପ୍ରାରମ୍ଭିକ ବକ୍ତବ୍ୟ ଦେଇ ବିକାଶର ତିନି ବାହକ ବିଷୟରେ ଆଲୋଚନା କରିଥିଲେ । ଲଜିଷ୍ଟିକ୍ କ୍ଷେତ୍ରର ବିକାଶ ସହ ଏହାର ପରିଚାଳନା ନିମନ୍ତେ ରାଜ୍ୟ ସରକାର ଉପଯୁକ୍ତ ମାନବସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀଙ୍କ ସଂଯୋଜନାରେ 'ଓଡ଼ିଶାର ଲଜିଷ୍ଟିକ୍ସ ବିପ୍ଳବ: ମଲଟି-ମୋଡାଲ୍ ସିନର୍ଜି ମାଧ୍ୟମରେ ଅଭିବୃଦ୍ଧିର ପରିଚାଳନା' ଶୀର୍ଷକ ଆଲୋଚନାଚକ୍ରରେ ରବି ପି. ଚତୁର୍ବେଦୀ, ମଣିକାନ୍ତ ନାୟକ, ଡି. ଆନନ୍ଦ ଭାସ୍କର, ଦେବାଶିଷ ଦତ୍ତା, କେ. ଭି. ମହୀଧର, ଅଜୟ କୁମାର, ନୀତିନ୍ ଠାକୁର ଅତିଥି ବକ୍ତା ଭାବେ ଯୋଗଦେଇ ଓଡ଼ିଶାରେ ଏହାର ଭବିଷ୍ୟତ ଓ ସମ୍ଭାବ୍ୟ ଦିଗ ଉପରେ ଆଲୋଚନା କରିଥିଲେ।

## ସୁଭଦ୍ରାରେ ୩ ନୂଆ ପଦକ୍ଷେପ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ସୁଭଦ୍ରା ଯୋଜନାରେ ଆଉ ୩ଟି ପଦକ୍ଷେପ ନିଆଯାଇଛି। ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନାରେ 'ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଏବଂ ସୁଭଦ୍ରା ସେତୁ' ଆରମ୍ଭ ହୋଇଛି। ସୁଭଦ୍ରା ମୁଦ୍ରା କାର୍ଯ୍ୟକ୍ରମ ଅବସରରେ ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ତାଙ୍କ କହିବାନୁସାରେ, ଏଣିକି ଶୁଣ ସୁଭଦ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁଥିରେ ମହିଳାମାନଙ୍କ ଯୋଜନା ବିଷୟରେ କିଛି ସନ୍ଦେହ ଥିଲେ ସେନେଇ ବିଭାଗକୁ ପଚାରିପାରିବେ ଓ ଯୋଗାଯୋଗ କରିପାରିବେ। ଏପରିକି ଋଣ କେମିତି ନେଇପାରିବେ ପଚାରି ବୁଝିପାରିବେ। ସେହିପରି କୁହ ସୁଭଦ୍ରାରେ ବିଭାଗ ପକ୍ଷରୁ ହିତାଧିକାରୀଙ୍କୁ କଲ୍ କରାଯାଇ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝାଯିବ। ସେହିପରି ଯେଉଁ ହିତାଧିକାରୀମାନେ ୨୧ ବର୍ଷରେ ପହଞ୍ଚିବେ, ସେମାନଙ୍କୁ ଏଥିରେ ଯୋଡ଼ିବା ପାଇଁ ସୁଭଦ୍ରା ସେତୁ କାମ କରିବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ତାଲିମ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ବିନା ନୋଟିସରେ ହେବନି ଜବରଦଖଲ ଉଚ୍ଛେଦ

### ବିଏମ୍ସି ଓ ସିଏମ୍ସି କମିଶନର୍ଙ୍କୁ ହାଇକୋର୍ଟଙ୍କ ତାଗିଦ୍

**କଟକ,୨୯।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଓ କଟକରେ ବିଭିନ୍ନ ସ୍ଥାନରେ ଜବରଦଖଲ ଦିନକୁ ଦିନ ବଢ଼ିଚାଲିଥିବା ବେଳେ ଏହାକୁ ହଟାଇବା ସକାଶେ ସମ୍ପୃକ୍ତ ସଂସ୍ଥାକୁ ନାକେଦମ୍ ହେବାକୁ ପଡୁଛି। ତେବେ ଆଜି ହାଇକୋର୍ଟଙ୍କ ଏକ ରାୟ ଜବରଦଖଲ ଉଚ୍ଛେଦ କରୁଥିବା ମହାନଗର ନିଗମ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଆଜି ହାଇକୋର୍ଟ ଏକ ମାମଲାର ରାୟ ଦେବାକୁ ଯାଇ ଏଣିକି ବିନା ନୋଟିସରେ କଟକ ଓ ଭୁବନେଶ୍ୱର ସହରାଞ୍ଚଳରେ କୌଣସି ଜବରଦଖଲ ଉଚ୍ଛେଦ ହୋଇପାରିବ ନାହିଁ ବୋଲି କହିଛନ୍ତି। କୌଣସି ପ୍ରକାର ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ଏଣିକି ଅତି କମ୍ରେ ୧୫ ଦିନର ନୋଟିସ ଦେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ବିନା ନୋଟିସରେ ହେଉଥିବା ଉଚ୍ଛେଦକୁ ନେଇ ହାଇକୋର୍ଟ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଓ କଟକ ମହାନଗର ନିଗମ (ସିଏମସି) କମିଶନରଙ୍କୁ ତାଗିଦ କରିଛନ୍ତି। କଟକ ଓ ଭୁବନେଶ୍ୱରରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରି ଉଚ୍ଛେଦ କରାଯାଉଥିଲା। ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। ଏହି ମାମଲାର ଶୁଣାଣି କରି ଆଜି ହାଇକୋର୍ଟ ଉଚ୍ଛେଦ ସମୟରେ ଓଡ଼ିଶା ପୌର ନିଗମ ଆଇନ କଡାକଡି ଭାବେ ପାଳନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ବେଆଇନ ଜବରଦଖଲ ଉଚ୍ଛେଦ ପାଇଁ ୧୫ ଦିନର ନୋଟିସ ଦେବାକୁ ହାଇକୋର୍ଟ ବିଏମସି ଓ ସିଏମସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଉଭୟ ବିଏମସି ଓ ସିଏମସି କମିଶନର ଭର୍ଚୁଆଲ ମୋଡ୍ରେ ହାଜର ହୋଇଥିଲେ। ଆସନ୍ତା ଫେବୃଆରୀ ୧୭ରେ ଏହି ମାମଲାରେ ପରବର୍ତ୍ତୀ ଶୁଣାଣୀ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି।

● ରାଜ୍ୟପାଳଙ୍କୁ ଭେଟିଲେ ଯୁବ କଂଗ୍ରେସ ନେତା

## ଚାକିରି ପାଇଁ ଆବେଦନ ବୟସ ସୀମା ବୃଦ୍ଧି ଦାବି

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଆଜି ଯୁବ କଂଗ୍ରେସ ନେତା ଡ. ସ୍ମୃତିରଞ୍ଜନ ଲେଙ୍କା ରାଜଭବନଠାରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ଭେଟିବା ସହ ସରକାରୀ ଚାକିରି ପାଇଁ ଆବେଦନ ବୟସ ସୀମା ୪୩ ବର୍ଷ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏନେଇ ପୂର୍ବ ସରକାରଙ୍କ ନିକଟରେ ଏକାଧିକ ବାର ଦାବି କରାଯାଇଥିଲେ ମଧ୍ୟ ସେଥିପ୍ରତି କେହି ବି ଗୁରୁତ୍ୱ ଦେଇନାହାନ୍ତି। ଅନ୍ୟପକ୍ଷରେ ପୂର୍ବରୁ ବର୍ତ୍ତମାନର କ୍ଷମତାସୀନ ଦଳ ବିଜେପିର ବହୁ ପ୍ରମୁଖ ନେତା ଏପରି ଦାବିକୁ ସମର୍ଥନ କରିଆସିଥିଲେ। ତେଣୁ ରାଜ୍ୟର ଶିକ୍ଷକ ବେକାର ଯୁବକଯୁବତୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀ ଚାକିରି ପାଇଁ ଆବେଦନ ବୟସ ସୀମା ୪୩ ବର୍ଷକୁ ବୃଦ୍ଧି କରିବା ସକାଶେ ଡ. ଲେଙ୍କା ଦାବି କରିଛନ୍ତି। ଏହାଦ୍ୱାରା ଅନେକ ଯୁବକଯୁବତୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଅନ୍ୟ ରାଜ୍ୟରେ ସରକାରୀ ଚାକିରି ପାଇଁ ଆବେଦନର ସର୍ବାଧିକ ବୟସ ସୀମା ୪୦ ବର୍ଷ ଉପରେ ଥିବା ବେଳେ ଓଡ଼ିଶାରେ ଏହା ୩୮ ରହିଛି। ତେଣୁ ଅନେକ ପ୍ରତିଭାବାନ୍ ଛାତ୍ରଛାତ୍ରୀ ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି। ବୟସ ସୀମା ବୃଦ୍ଧି କ୍ଷେତ୍ରରେ ମଧ୍ୟ ସରକାରଙ୍କୁ କୌଣସି ପ୍ରକାର ଅତିରିକ୍ତ ଆର୍ଥିକ ବୋଝ ଉଠାଇବାକୁ ପଡ଼ିବ ନାହିଁ। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ରାଜ୍ୟପାଳଙ୍କୁ ଡ. ଲେଙ୍କା ନିବେଦନ କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ଯୁବ କଂଗ୍ରେସ ନେତା ବୀରେନ୍ ଦଳେଇ, କୃଷ୍ଣ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ତପନ କୁମାର କାଣ୍ଡି, ଆଶୁତୋଷ ଲେଙ୍କା ପ୍ରମୁଖ ସାମିଲ୍ ଥିଲେ।



### ନିଶାଡ଼ି ଦମନ ଅଭିଯାନ

# ପୂର୍ବ ନିୟମାବଳୀ କାର୍ଯ୍ୟକାରୀ ହେଉ

**ଭୁବନେଶ୍ୱର,୨୯।୧(ତଥ୍ୟ):** ରାଜଧାନୀରେ ନିଶା ବ୍ୟବସାୟୀଙ୍କୁ ସାବାଡ ପାଇଁ ପୁଲିସ୍ କମିଶନର ଅଭିଯାନ ଆରମ୍ଭ କରିଥିବାବେଳେ ପୂର୍ବତନ ପୁଲିସ୍ କମିଶନର ମଦ ଦୋକାନୀଙ୍କ ପାଇଁ ଜାରି କରିଥିବା ନିୟମାବଳୀକୁ କଡାକଡି ପାଳନ ପାଇଁ ଦାବି ହେଉଛି । ଏହାଦ୍ୱାରା କେବଳ ନିଶାଡିଙ୍କୁ ନିୟନ୍ତ୍ରଣ କରିବା ସହଜ ହେବନାହିଁ, ବରଂ ରାଜଧାନୀରେ ଅପରାଧ ମାତ୍ରାକୁ ମଧ୍ୟ ହ୍ରାସ କରାଯାଇପାରିବ।

ରାଜଧାନୀରେ ନିଶାଡ଼ିଙ୍କ ଉତ୍ପାତ ବଢ଼ିବାପରେ ପୁଲିସ୍ କମିଶନଙ୍କ ଏବେ ସେମାନଙ୍କ ସାବାଡ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଫଳରେ ସହରର ବିଭିନ୍ନ ସ୍ଥାନରେ ଗଞ୍ଜେଇ, ଗଞ୍ଜେଇ ସିଗାରେଟ, ଅଫିମ, ଭାଙ୍ଗ ସମେତ ବ୍ରାଉନସୁଗର ଆଦି କାରବାର ଚଳାଇଥିବା ନିଶା ମାଫିଅମାନେ କିଛିଦିନ ପାଇଁ ଅଣ୍ଡରଗ୍ରାଉଣ୍ଡ୍ ହୋଇଯାଇଛନ୍ତି । ଫଳରେ ନିଶାଡିମାନେ ନିଶାସେବନ ପାଇଁ ମଦ ଦୋକାନ ଆଗରେ ଭିଡ ଜମାଉଛନ୍ତି । ଏହି ନିଶାଡିଙ୍କ ସହିତ ବିଭିନ୍ନ କିସମର ଅପରାଧି ବି ମଦ ଦୋକାନ ଆଖପାଖରେ ଚକ୍କର କାଟୁଛନ୍ତି । ସହରର ନିଶା ଓ ଅପରାଧ ରୋକିବାପାଇଁ ତତ୍କାଳୀନ ପୁଲିସ୍ କମିଶନର ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମା ମଦଦୋକାନୀମାନଙ୍କ ପାଇଁ ଏକ ମାର୍ଗ ନିର୍ଦ୍ଦେଶିକା ଜାରି କରିଥିଲେ । ଏଥିରେ ସ୍ପଷ୍ଟଭାବେ ଉଲ୍ଲେଖଥିଲା ଯେ



ପ୍ରତ୍ୟେକ ମଦ ଦୋକାନୀ ନିଜ ନିଜ ଦୋକାନରେ ସିସିଟିଭି ଲଗାଇବାକୁ ବାଧ୍ୟ । ସିସିଟିଭିରେ ଅତି କମ୍ରେ ୩୦ ଦିନରେ ରେକର୍ଡିଂ ରହିବ ଏବଂ କମିଶନରେଟ ପୁଲିସ୍ ଯେତେବେଳେ ଚାହିଁବ ମଦଦୋକାନୀମାନେ ରେକର୍ଡିଂ ଦେଖାଇବାକୁ ବାଧ୍ୟ । ଏଥିସହିତ ମଦୁଆଙ୍କ ଉତ୍ପାତ ହ୍ରାସ କରିବାଲାଗି ମଦ ଦୋକାନ ନିକଟରେ ବିଭିନ୍ନ କିସମର ଚାଖଣା ଦୋକାନ ଖୋଲିବା ଉପରେ ମଧ୍ୟ କଟକଣା ରହିଥିଲା । ଯଦି କେଉଁଠାରେ ଏହାର ବ୍ୟତିକ୍ରମ ଦେଖାଯିବ ତେବେ ସେଠାରେ ମଦ ଦୋକାନୀମାନେ ଦାୟୀ ରହିବେ । ସେହିଭଳି ମଦୁଆମାନଙ୍କୁ ଆକର୍ଷିତ କଲାଭଳି ମଦଦୋକାନୀମାନେ କୌଣସି ପ୍ରକାର ଆଖିଝଲସା ବିଜ୍ଞାପନ କିମ୍ବା ହୋର୍ଡିଂ ଆଦି ଦୋକାନ ଆଗରେ ଲଗାଇପାରିବେ ନାହିଁ । ତେବେ କମିଶନରେଟ ପୁଲିସ୍ର ଏହି ନିୟମକୁ ଆଉ ପ୍ରାୟତଃ କୌଣସି ମଦ ଦୋକାନୀ ମାନୁନାହାନ୍ତି। ପ୍ରାୟତଃ ସବୁ ମଦଦୋକାନ ଆଗରେ ମାଳ ମାଳ ଚାଖଣା ଦୋକାନ ଗଢି ଉଠିଛି। ମଦୁଆମାନେ ଦୋକାନକୁ ମଦ କିଣି ଖୋଲାଖୋଲି ଭାବେ ସେଠାରେ ରାସ୍ତା ଉପରେ ମଦ ପିଇ ମାତାଲ ହେଉଛନ୍ତି। ସେହିଭଳି ମଦ ଦୋକାନୀମାନେ ସିସିଟିଭି ଠିକଣା ଭାବେ ଲଗାଇଛନ୍ତି କି ତାହାର ଯାଞ୍ଚ ବି ନିୟମିତ ଭାବେ ହେଉନାହିଁ। ଉଲ୍ଲେଖନୀୟ ଯେ ରାଜଧାନୀରେ ଯେତେସବୁ ଛୋଟ ବଡ ଅପରାଧ ଘଟୁଛି, ତାହା ପଛରେ ନିଶା କାରବାର ଓ ନିଶା ସେବନ ରହୁଛି। ଅଧିକାଂଶ ଅପରାଧି ଅପରାଧ ଘଟାଇବା ପୂର୍ବରୁ ମଦ ଦୋକାନରୁ ମଦ କିଣି ସେବନ କରୁଥିବା ନେଇ ସନ୍ଦେହ କରାଯାଉଛି । ତେଣୁ ଯଦି ମଦ ଦୋକାନର ସିସିଟିଭି ନିୟମିତ ଭାବେ ପୁଲିସ୍ ଯାଞ୍ଚ କରିବ ତେବେ ବହୁ ଅପରାଧି ଧରାପଡିବେ ବୋଲି ପୂର୍ବତନ ପୁଲିସ୍ ଅଧିକାରୀମାନେ ମତ ଦେଉଛନ୍ତି।

ତେଣୁ ନିଶାଡ଼ିଙ୍କ ବିରୋଧରେ ପୁଲିସ୍ କମିଶନର ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ମଦ ଦୋକାନୀଙ୍କ ପାଇଁ ପୂର୍ବତନ ପୁଲିସ୍ କମିଶନର ଜାରି କରିଥିବା ମାର୍ଗଦର୍ଶିକା ପାଳନ ପାଇଁ ମତ ପ୍ରକାଶ ପାଉଛି।

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ-ମୋତେ ଛାଡ଼ି ତୁମେ ଯେତେ
ଯାହା ସଂଗ୍ରହ କଲେ ବି ଦିନେ
ଦେଖିବ ତାହା ସବୁ ବରଫ ଭଳି
ତରଳି ଶୂନ୍ୟ ହୋଇଯାଇଛି।

SANCHAR
ସଂଚାର



# ବିନା ପ୍ରମାଣରେ ଅଭିଯୋଗ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଏବେ ପ୍ରଚାର ଜମୁଛି। ଏହି ନିର୍ବାଚନରେ ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଏବଂ ଆପ ମଧ୍ୟରେ ମୁକାବିଲା ହେଉଛି। ନିର୍ବାଚନ ପ୍ରଚାର ବେଳେ ରାଜନୈତିକ ଦଳମାନେ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରିବା ସ୍ୱାଭାବିକ। ଶାସନ କ୍ଷମତାରେ ଥିବା ଦଳକୁ ବିରୋଧୀ ସମାଲୋଚନା କରିବାରେ କିଛି ଅସ୍ୱାଭାବିକତା ନାହିଁ। ଗତ ୧୦ ବର୍ଷ ହେବ ଦିଲ୍ଲୀରେ ଅରବିନ୍ଦ କେଜରିୱାଲଙ୍କ ଆମ ଆଦମୀ ପାର୍ଟୀ କ୍ଷମତାରେ ରହିଛି। ୨୦୧୫ ଏବଂ ୨୦୨୦ ନିର୍ବାଚନରେ ଆପ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦୁଇ ତୃତୀୟାଂଶରୁ ଅଧିକ ଆସନରେ ଜିତି କ୍ଷମତା ଦଖଲ କରିଥିଲା। ଅରବିନ୍ଦ କେଜରିୱାଲ ହୋଇଥିଲେ ମୁଖ୍ୟମନ୍ତ୍ରୀ। ତେବେ ଗତ ବର୍ଷ ମଦ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଜାମିନରେ ଆସିବା ପରେ କେଜରିୱାଲ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ସ୍ଥାନରେ ଆତିଶୀ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏବେ ବି ସେ ଏହି ପଦରେ ଅଛନ୍ତି। କିନ୍ତୁ ନିର୍ବାଚନରେ କେଜରିୱାଲ ଦଳର ନେତୃତ୍ୱ ନେଉଛନ୍ତି। ଏଥର ମଧ୍ୟ ଦିଲ୍ଲୀରେ କେଜରିୱାଲ ଆପର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଅଛନ୍ତି। କିନ୍ତୁ କଂଗ୍ରେସ ଏବଂ ବିଜେପିର କେହି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାହାଁନ୍ତି। କଂଗ୍ରେସ ଏହି ନିର୍ବାଚନ ରାହୁଲ ଗାନ୍ଧି ଏବଂ ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲଢୁଛନ୍ତି। ଦିଲ୍ଲୀରେ କେଜରିୱାଲ, ମୋଦି ଏବଂ ରାହୁଲ ଗାନ୍ଧିଙ୍କ ମଧ୍ୟରେ ସିଧାସଳଖ ମୁକାବିଲା ହେଉଛଛି। ମଦ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ କେଜରିୱାଲଙ୍କ ଜାମିନ ପ୍ରଦାନ କରିବା ବେଳେ ଯେଉଁ ସବୁ ସର୍ତ୍ତ ରଖିଥିଲେ ସେଥିରେ କେଜରିୱାଲ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବା ଅସମ୍ଭବ ଥିଲା। ତେଣୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। କିନ୍ତୁ ଜେଲରେ ୬ମାସକାଳ ରହିଥିଲେ ମଧ୍ୟ ସେ ତାଙ୍କ ପଦ ଛାଡ଼ିନଥିଲେ। ଏବେ ବି ସେହିସବୁ ସର୍ତ୍ତ କାଏମ ରହିଛି ଯାହା ସୁପ୍ରିମକୋର୍ଟ ଜାମିନ ପ୍ରଦାନ ବେଳେ ରଖିଥିଲେ। ତେଣୁ ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ ଏଥର ବିଜୟୀ ହେଲେ ମଧ୍ୟ କେଜରିୱାଲ ପୁଣି ମୁଖ୍ୟମନ୍ତ୍ରୀ ହେବା ଅସମ୍ଭବ ମନେ ହେଉଛି। ତେବେ କେଜରିୱାଲ ଏବେ ବି ବିଶ୍ୱାସ ରଖିଛନ୍ତି ଯେ, ସେ ପୁଣି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ହେବେ। ଏଥିପାଇଁ ଦିଲ୍ଲୀବାସୀଙ୍କୁ ଆପ ଅନେକ ପ୍ରଲୋଭନ ଦେଇଛି। ମହିଳାଙ୍କୁ ଘରେ ବସି ପ୍ରତି ମାସରେ ଟଙ୍କା ମିଳିବ, ରନ୍ଧନ ଗ୍ୟାସରେ ରିହାତି ଏବଂ ବସରେ ମହିଳା ମାଗଣା ଯାତ୍ରା କରିପାରିବେ ବୋଲି ଆପ ପକ୍ଷରୁ ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଛି। କଂଗ୍ରେସ ଓ ବିଜେପି ମଧ୍ୟ ଏହାର ସମତୁଲ ହେବାକୁ ନିଜ ନିଜ ସଙ୍କଳ୍ପ ପତ୍ରରେ ଏଭଳି ଅନେକ ପ୍ରତିଶ୍ରୁତି ଦେଇଛନ୍ତି ଯାହା ଦେଶର ଅର୍ଥ ବ୍ୟବସ୍ଥା ଲାଗି ବିପଜ୍ଜନକ। ଏହା ଏକ ବିତର୍କର ବିଷୟ। କିନ୍ତୁ ସବୁ ଦଳର ସ୍ୱାଧୀନତା ରହିଛି ସେମାନେ ନିର୍ବାଚନରେ ଭୋଟରଙ୍କୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ତଥା ଆଇନର ପରିସର ଭିତରେ ସବୁ ପ୍ରକାର ସହାୟତା ଲାଗି ପ୍ରତିଶ୍ରୁତି ଦେଇପାରିବେ। କିନ୍ତୁ ନିର୍ବାଚନ ପ୍ରଚାର ବେଳେ ଅନ୍ୟ ଦଳ ବିରୋଧରେ ବିନା ପ୍ରମାଣରେ ସଙ୍ଗୀନ ଅଭିଯୋଗ ଆଣିବା, ବ୍ୟକ୍ତିଗତ କୁତ୍ସାରଟନା କରିବା ଏବଂ ଅନ୍ୟର ଚରିତ୍ର ସଂହାର କରିବା କଦାପି ଗ୍ରହଣୀୟ ବା ସ୍ପୃହଣୀୟ ନୁହେଁ। ଏହା ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଆଦର୍ଶ ଆଚରଣବିଧିର ଉଲ୍ଲଙ୍ଘନ। ଏଥର ଦିଲ୍ଲୀ ବିଧାନସଭା ନିର୍ବାଚନରେ ଦିଲ୍ଲୀର ପ୍ରଦୂଷଣ ସମସ୍ୟା ଏକ ବଡ଼ ପ୍ରସଙ୍ଗ ହୋଇଛି। ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟା ସମ୍ପର୍କରେ ସମସ୍ତେ ଅବଗତ। ପ୍ରତି ବର୍ଷ ଶୀତ ଦିନେ ଏହା ଏକ ବଡ଼ ଚିନ୍ତାର କାରଣ ହେଉଛି। ପଞ୍ଜାବର ଚାଷୀମାନେ ନିଜ ଜମିରେ ଯେଉଁ କୃଷି ବର୍ଜ୍ୟ ବସ୍ତୁ ସବୁ ଜାଳୁଛନ୍ତି ସେଥିରୁ ନିର୍ଗତ ଧୂଆଁ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହୋଇଛି। ସୁପ୍ରିମକୋର୍ଟଙ୍କ ତାଗିଦ ସତ୍ତ୍ୱେ ପଞ୍ଜାବର ଚାଷୀମାନେ ଏହାକୁ ବନ୍ଦ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଏଥିପାଇଁ ଦିଲ୍ଲୀ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ। କିନ୍ତୁ ଉଭୟ ଦିଲ୍ଲୀ ଏବଂ ପଞ୍ଜାବରେ ଆପ ସରକାର ଚାଲୁଛି। ତେଣୁ ଆପ ଦିଲ୍ଲୀ ବାୟୁ ପ୍ରଦୂଷଣ ନିମନ୍ତେ ଉତ୍ତରଦାୟୀ। ସେହିପରି ଦିଲ୍ଲୀରେ ପ୍ରବାହିତ ହେଉଥିବା ଯମୁନା ନପଦୀର ଜଳ ପ୍ରଦୂଷଣ ମଧ୍ୟ ଏଥର ନିର୍ବାଚନରେ ଏକ ବଡ଼ ପ୍ରସଙ୍ଗ ହୋଇଛି। ୨୦୨୦ରେ କେଜରିୱାଲ ଯମୁନା ନଦୀର ଜଳକୁ ପ୍ରଦୂଷଣ ମୁକ୍ତ କରିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଦିଲ୍ଲୀରେ ଯମୁନାକୁ ଲଣ୍ଡନର ଟେମସ ନଦୀ ଭଳି କରାଯିବ ବୋଲି ସେ କହିଥିଲେ। କିନ୍ତୁ ୫ ବର୍ଷ ଭିତରେ ଏହି ପ୍ରତିଶ୍ରୁତି ପୂରଣ ହେବା ଦୂରର କଥା ବରଂ ଯମୁନା ଦଳ ଅଧିକ ପ୍ରଦୂଷିତ ହୋଇଛି। ଏହାର ଜଳ ଏବେ ମନୁଷ୍ୟ ବ୍ୟବହାର ଲାଗି ଅନୁପଯୁକ୍ତ ହୋଇପଡ଼ିଛି। ଏହାର ଜଳ ଏତେ ବିଷାକ୍ତ ହୋଇପଡ଼ିଛି ଏଥିରେ ଥିବା ଜଳଜୀବଙ୍କ ସ୍ଥିତି ପ୍ରତି ମଧ୍ୟ ବିପଦ ଆଶଙ୍କା ସୃଷ୍ଟି ହୋଇଛି। କିଛି ମାସ ତଳେ ଯମୁନା ନଦୀରେ ଫେଣ ଭାସୁଥିବା ଦେଖାଯାଇଥିଲା। ଜଳରେ ଅତ୍ୟଧିକ ରାସାୟନିକ ସାମଗ୍ରୀ ମିଶିଲେ ଏଭଳି ଦେଖିବାକୁ ମିଳେ। ଦିଲ୍ଲୀ ଏବଂ ଏହାର ଆଖ ପାଖ ଅଞ୍ଚଳରେ ଯେଉଁସବୁ ଶିଳ୍ପ କାରଖାନା ରହିଛି ସେଥିରୁ ନିର୍ଗତ ହେଉଥିବା ରାସାୟନିକ ବର୍ଜ୍ୟ ବସ୍ତୁ ଯମୁନାରେ ମିଶୁଥିବାରୁ ଏହାର ଜଳ ଏପରି ମାରାତ୍ମକ ଭାବେ ପ୍ରଦୂଷିତ ହେଉଛି। ଏହାର ପ୍ରତିକାର ସମ୍ଭବ। କିନ୍ତୁ ଦିଲ୍ଲୀ ସରକାର ଶସ୍ତା ଲୋକପ୍ରିୟ କାର୍ଯ୍ୟକ୍ରମରେ ସମୟ ଦେଉଛନ୍ତି, ମାଗଣା ବଣ୍ଟନ ବା ରିହାତି ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ ଯମୁନା ଜଳ ବିଶୋଧନ ଉପରେ କେଉଁଣସି ଦୃଷ୍ଟି ଦେଇ ନାହାଁନ୍ତି। ଯଦି ଯମୁନା ନଦୀର ଜଳ ବିଶୋଧନ ଲାଗି କେଜରିୱାଲ ସମୁଚିତ ଦୃଷ୍ଟି ଦେଇଥାଆନ୍ତେ ତେବେ ପରିସ୍ଥିତି ଭିନ୍ନ ହୋଇଥାଆନ୍ତା। ଏହା ହିଁ ଭାରତୀୟ ରାଜନୀତିର ବ୍ୟତିକ୍ରମ। ରାଷ୍ଟ୍ରୀୟ ସ୍ୱାର୍ଥ ଏବଂ ସାଧାରଣ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପ୍ରତି କେହି ଗୁରୁତ୍ୱ ଦେଉ ନାହାଁନ୍ତି। ସମସ୍ତେ ଭୋଟ ବ୍ୟାଙ୍କ ରାଜନୀତିରେ ମାତିଛନ୍ତି। ଯେଉଁଠି ଭୋଟ ମିଳିବାର ସମ୍ଭାବନା କମ ତାହାକୁ ଅଣଦେଖା କରାଯାଉଛି। ଚଳିତ ବିଧାନସଭା ନିର୍ବାଚନରେ ଯମୁନା ନଦୀର ଜଳ ପ୍ରଦୂଷଣକୁ ବିଜେପି ଏକ ବଡ଼ ପ୍ରସଙ୍ଗ କରିଛି। ନିର୍ବାଚନୀ ସଭାରେ ଗୃହ ମନ୍ତ୍ରୀ ଅମିତ ଶାହା ଏହି ପ୍ରସଙ୍ଗ ଉଠାଇ କେଜରିୱାଲଙ୍କୁ ଯମୁନାରେ ବୁଡ଼ ପକାଇବାକୁ ଆହ୍ୱାନ କରିଛନ୍ତି। ଯମୁନାକୁ ପ୍ରଦୂଷଣ ମୁକ୍ତ କରିବା ଲାଗି ଆପର ନିର୍ବାଚନ ପ୍ରତିଶ୍ରୁତି ଧୂଆଁବାଣରେ ପରିଣତ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ ପି ନଡ୍ଡା ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ଏହାର ଜବାବରେ କେଜରିୱାଲ ଅତି ଅବାନ୍ତର ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ, ଦିଲ୍ଲୀରେ ଆପ ସରକାରକୁ ବଦନାମ କରିବା ପାଇଁ ହରିୟାନାର ବିଜେପି ସରକାର ଯମୁନାରେ ବିଷ ମିଶାଉଛନ୍ତି। ଏହା ଏକ ମାରାତ୍ମକ ଅଭିଯୋଗ। ଯଦି ସତ୍ୟ ହୋଇଥିବ ତେବେ ଏହା ସାଂଘାତିକ। ଏହାକୁ ହତ୍ୟା ଅପରାଧ ସହ ତୁଳନା କରାଯାଇପାରେ। କିନ୍ତୁ ନିର୍ବାଚନ ପ୍ରଚାର ବେଳେ ଏଭଳି ସଙ୍ଗୀନ ଅଭିଯୋଗ ବିନା ପ୍ରମାଣରେ ଆଣିବା ମଧ୍ୟ ଆଉ ଏକ ଗର୍ହିତ ଅପରାଧ। ଏଥିଲାଗି ନିର୍ବାଚନ କମିଶନ କେଜରିୱାଲଙ୍କୁ ନୋଟିସ ଜାରି କରିଛନ୍ତି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗର ପ୍ରମାଣ ଉପସ୍ଥାପନ ନକଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ଚେତାବନୀ ଦେଇଛନ୍ତି। ବିଜେପି ପକ୍ଷରୁ ନିର୍ବାଚନ କମିଶନଙ୍କ ନିକଟରେ କେଜରିୱାଲଙ୍କ ଏଭଳି ପ୍ରମାଣବିହୀନ ମନ୍ତବ୍ୟ ପାଇଁ ନିର୍ବାଚନ ପ୍ରଚାର ଅଭିଯାନରୁ ବାରଣ କରିବା ନିମନ୍ତେ ଦାବି କରାଯାଇଛି। କେଜରିୱାଲଙ୍କ ଏହି ଅଭିଯୋଗ ଯଦି ପ୍ରମାଣହୀନ ହୋଇଥିବ ତେବେ ଏହା ଆଦର୍ଶ ନିର୍ବାଚନ ଆଚରଣବିଧିର ଉଲ୍ଲଙ୍ଘନ। ଏହା ଦିଲ୍ଲୀବାସୀଙ୍କ ମଧ୍ୟରେ ବିଭ୍ରାନ୍ତି ଏବଂ ଅଯଥା ଭୟ ସୃଷ୍ଟି କରିଛି ବୋଲି ବିଜେପି କହିଛି। ଏବେ ଦେଖିବାର କଥା କେଜରିୱାଲ କ'ଣ କୈଫିୟତ ଦେଉଛନ୍ତି ଏବଂ ନିଜ ଅଭିଯୋଗର କ'ଣ ପ୍ରମାଣ ରଖୁଛନ୍ତି। ଯଦି ସେ ଏଥିରେ ବିଫଳ ହେବେ ତେବେ ତାଙ୍କୁ ଦିଲ୍ଲୀବାସୀ ଦଣ୍ଡିତ କରିବା ଉଚିତ। ମନ ଇଚ୍ଛା ଅଭିଯୋଗ କରିବା, ଭୋଟରଙ୍କୁ ପ୍ରଲୋଭିତ କରିବା ନିମନ୍ତେ ରାଜକୋଷକୁ ଖାଲି କରିଦେବା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ସବୁ ଦଳ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଉଚିତ। ଗଠନମୂଳକ ସମାଲୋଚନାରେ କିଛି ଅସୁବିଧା ନାହିଁ, କିନ୍ତୁ ନିଜ ଦୋଷ ଲୁଚାଇବା ନିମନ୍ତେ ଅନ୍ୟ ବିରୋଧରେ ମନଗଢ଼ା କଥା କହିବା ଅନୁଚିତ। ଏଭଳି କାର୍ଯ୍ୟରୁ ସବୁ ଦଳ ବିରତ ରହିବା ଉଚିତ। କଂଗ୍ରେସ ନେତା ରାହୁଲ ଗାନ୍ଧି କେଜରିୱାଲଙ୍କୁ ମଦ ଦୁର୍ନୀତିର ମୁଖ୍ୟ ବିନ୍ଧାଣୀ ବୋଲି କହିଛନ୍ତି। ଏହା ବି ଅନୁଚିତ। କାରଣ କୋର୍ଟରେ ଏ ଯାବତ କେଜରିୱାଲଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇନାହିଁ।

# ବିଶ୍ୱାସର ସଙ୍ଗମ: ମା ଉକୁଳେଇ

**ଜ୍ଞାନଦର୍ଶୀ ସାହୁ**

ଭକ୍ତ ଚାହିଁଛନ୍ତି, ମାଟିହାଣ୍ଡିରେ ଥିବା ଫୁଲ ଗୁଡାକ କଣ ମିଠେଇ ହୋଇଗଲା। ଆଉ ଏହାକୁ ପାଇ ଭକ୍ତ ବି ଗଦଗଦ ହୋଇପଡିଲେ। ହେଲେ ଏହା କେମିତି ସମ୍ଭବ ହେଲା ଯେ, ସତରେ ବିଶ୍ୱାସ କରି ହେଉନି। ହେଲେ ଏହା ହେଉଛି ଏକ ନିରାଟ ସତ କାହାଣୀ। ପୁରୀ ଜିଲ୍ଲା ଅସ୍ତରଙ୍ଗ ମା ଉକୁଳେଇ ପୀଠରେ ଏମିତି ଦୃଶ୍ୟ ବର୍ଷକୁ ଥରେ ଦେଖାଯାଇଥାଏ। ମା ସ୍ୱୟଂ ନିଜେ ଏଭଳି ଅଲୌକିକତା ଦେଖାଇ ଥାଆନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ମାଘ ମାସ ତ୍ରିବେଣୀ ଅମାବାସ୍ୟାରେ ମାଙ୍କ ଜନ୍ମୋତ୍ସବ ପଡେ। ଆଜି ହେଉଛି ସେହି ପବିତ୍ର ଦିନ। ଏହି ଦିନ ଅନେକ କିଛି ଅବିଶ୍ୱସନୀୟ ଘଟଣା ଦେଖାଯାଇଥାଏ। ଏଠି କେବଳ କାଠ ଦିଟାକୁ ଘଷିଲେ ନିଆଁ ଜଳେ। ପାଦୁକ ପାଣି ପାଖରେ ରଖିଲେ ଜ୍ୱର ଭଲ ହୁଏ। ମାଙ୍କ ପାଖରେ ହେଉଥିବା ମଧ୍ୟାହ୍ନ ଧୂପର ଧୂଆଁ ବାଜିଲେ ରୋଗ ଉଭେଇ ଯାଏ ଭଲ ହୁଏ। ଅନେକ ଦୁଃସାଧ୍ୟ ରୋଗକୁ ଭଲ କରିଛି ମା। ଯେତେବେଳେ ମରଣ ମୁହଁ ଜଣେ ଠେଲି ହୋଇଯାଏ ସେତିକି ବେଳେ ମାଙ୍କ ଶରଣ ପଶିଥାଏ ଭକ୍ତ। ଆଉ ସତରେ ମାର ଅପାର ମହିମା ତାକୁ ସୁସ୍ଥ କରି ଫେରାଇ ଦିଏ। ବିଶ୍ୱାସର ସହ ଯାହା ମାନସିକ ରଖିଲେ ଏଠି ପୂରଣ ହୁଏ। ଏକଥା ଏବେର ନୁହେଁ, ଏହା ପୌରାଣିକ କଥା। ମାଙ୍କ କରୁଣା ଅପାର ଥିବାରୁ ଏଠାରେ ପ୍ରତି ଗୁରୁବାର ଭିନ୍ନ ଏକ ପରିବେଶ ସୃଷ୍ଟି ହୋଇଥାଏ। ତ୍ରିବେଣୀ ଅମାବାସ୍ୟା ପାଇଁ ପୀଠ ପୁରା ଚଳଚଞ୍ଚଳ। ପୁରା ପୀଠରେ ଚାଲିଛି ସଂକୀର୍ତ୍ତନ ଓ ନାମଜପ। ଦିନଟିକୁ ମହାଆଡମ୍ବରରେ ପାଳନ କରିବାକୁ ହୋଇଛି ବଡ ଆୟୋଜନ। ଚାଲିଛି ପୂଜା, ଆରାଧନା, ଭଜନକୀର୍ତ୍ତନ ଆଉ ଏମିତି କେତେ କ'ଣ। ଆଉ ଏହି ଦିନଟିକୁ ଭକ୍ତ ଟିଏ ଚାହିଁ ରହିଥାଏ। ଦୂର ଦୂରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ। ୧୯୯୨ ମସିହା ବନ୍ୟାରେ ଭାସି ଆସିଥିବା ଏକ ବିରାଟ ନାଗସାପ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱ ହୁଙ୍କାରେ ଅବସ୍ଥାନ କରିବା ପରଠାରୁ କାହିଁକି କେଜାଣି ଏହି ସ୍ଥାନର ମହିମା ଅତି ବଢ଼ିଯାଇଛି। ପୀଠର ମଙ୍ଗୁଳି ନନା ପ୍ରତିଦିନ କ୍ଷୀର କଦଳୀ ଦେଇ ନାଗ ଦେବତାଙ୍କୁ ସନ୍ତୁଷ୍ଟ କରନ୍ତି।

ପ୍ରାୟ ୧୯୦୦ ମସିହା କଥା। ଅସ୍ତରଙ୍ଗ ବ୍ଲକ୍‌ର ଜିଉନ୍ତୀ ଗ୍ରାମ ନିବାସୀ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କ ଘର। ଦିନର ଘର ଜଞ୍ଜାଳ ସାରି ଶୋଇଛନ୍ତି ସ୍ୱାମୀ – ସ୍ତ୍ରୀ। ରାତି ଅଧରୁ ଟପିଲାଣି, ହଠାତ୍ ଘର ଭିତରଟା ଆଲୋକିତ ହୋଇଉଠିଲା। ଗୋପୀନାଥଙ୍କର ନିଦ ଭାଙ୍ଗିଗଲା। ଘରର ଦକ୍ଷିଣପାର୍ଶ୍ୱ ଖୋଲା ଝରକାବାଟେ ଦେଖୁଲେ ଚାରିପଟଟା ଆଲୋକିତ। କ୍ଷଣକେ ମଧ୍ୟରେ ଆଲୋକ କୁଆଡେ ଚାଲିଗଲା। କିନ୍ତୁ କେବଳ ଆସୁଛି ଚୁଆର ବାସନା। ଗୋପୀନାଥ ସ୍ତ୍ରୀଙ୍କୁ ଉଠାଇ ସବୁ କହିଲେ। କାହିଁକି କେଜାଣି ଟିକିଏ ଟିକିଏ ଭୟ ବି ଲାଗୁଥାଏ। ରାତିସାରା ଦୁହେଁ ଉଜାଗର।

ପରଦିନ ଠିକ୍ ସେଇ ରାତି ଅଧ। ପୁଣି ସେଇ ଆଲୁଅ, ସେଇ ଚୁଆ ବାସନା। ଗୋପୀନାଥ ଉଠିପଡି ଖଟ ଉପରେ ବସି ଦେଖୁଲେ ସେଇ ଆଲୁଅ ପିଣ୍ଡୁଳା ମଧ୍ୟରେ ଲାଲ୍ ଶାଢୀ ପିନ୍ଧା ଓ ବଡ ସିନ୍ଦୁର ଠୋପା ପିନ୍ଧିଥିବା ସ୍ତ୍ରୀ ଲୋକଟିଏ' ଶିହରୀ ଉଠିଲେ ଗୋପୀନାଥ। କାହିଁ କୌଣସି ପ୍ରେତ ନୁହେଁ ତ ! ପୁଣି ରାତ୍ରି ଅନିଦ୍ରା। ତା'ର ପରଦିନ ଅର୍ଥାତ୍ ରାତି ପାହିଲେ ହେବ ମାଘମାସର ପବିତ୍ର ତ୍ରିବେଣୀ ଅମାବାସ୍ୟା। ଦୁଇଦିନ ଅନିଦ୍ରା ପରେ ନିଘୋଡ ନିଦରେ ଶୋଇ ଯାଇଛନ୍ତି ଗୋପୀନାଥ। ଠିକ୍ ବ୍ରାହ୍ମ ମୁହୂର୍ତ୍ତ। ସ୍ୱପ୍ନରେ ସେଇ ନାରୀ ମୂର୍ତ୍ତି। କୋମଳ ଭାଷାରେ କହିଗଲେ କେଇପଦ କଥା -"ଗୋପୀନାଥ! କ'ଣ ମୋତେ ଜାଣିପାରୁନ। ପୁଅ ଯଦି ମାଆକୁ ନ ଚିହ୍ନିବ ତେବେ ଚିହ୍ନିବ କିଏ ? ମୁଁ ମା' ଉକୁଳେଇ। କଳାବୁଦି ଗାଦିବ୍ରହ୍ମଙ୍କର ପୂର୍ବ – ଉତ୍ତର କୋଣରେ ଥିବା ଚୁନିକୋଳି ଗଛମୂଳରେ ପଡିଛି। ମୋତେ ପୂଜା କର। ବହୁ ଭକ୍ତଙ୍କର ଜ୍ୱର ରୋଗ ନିବାରଣ କରିବି।"

ହଠାତ୍ ନିଦ ଭାଙ୍ଗିଗଲା। ଗୋପୀନାଥ ନିଜେ ଉଠିବା ସଂଗେ ସଂଗେ ପତ୍ନୀଙ୍କୁ ଉଠାଇ ସମସ୍ତ ସ୍ୱପ୍ନ ବୃତ୍ତାନ୍ତ ଏକା ନିଶ୍ୱାସକେ କହିଗଲେ। ସେତେବେଳେ ମଧ୍ୟ ବାରି ଚାରିପଟୁ ଛୁଟି ଆସୁଥୁଲା ଚୁଆର ବାସନା। ସକାଳୁ ସକାଳୁ ଗୋପୀନାଥ ଚାଲିଲେ କଳାବୁଦି। ସିଦ୍ଧେଶ୍ୱର ଗାଦିବ୍ରହ୍ମଙ୍କୁ ମୁଣ୍ଡିଆଟିଏ ମାରି ପହଞ୍ଚିଲେ ଚୁନିକୋଳି ଗଛପାଖରେ ରେ। ସେଠି ଦେଖୁଲେ ତଳମୁହାଁ ହୋଇପଡିଛି ପଥରଖଣ୍ଡେ। ଓଲଟାଇ ଦେଲେ ପଥର ଖଣ୍ଡକ। ହଠାତ୍ ଶିହରୀ ଉଠିଲେ ସେ। ସ୍ୱପ୍ନ କ'ଣ ସତ ହୁଏ ? ଆଜି ସେ ସ୍ୱପ୍ନକୁ କୁ ବାସ୍ତବ ମଣିଲେ ଦେବୀଙ୍କର ପଥର ମୂର୍ତ୍ତିକୁ



ଦେଖୁ। ଆନନ୍ଦରେ ଅଧୀର ହୋଇପଡି ଡିଲେ ସେ। ଖୁସିର କେଇବୁନ୍ଦା ଅଶ୍ରୁ ଝରିପଡିଲା ଆଖୁ କୋଣରୁ। ଗଦ୍‌ଗଦ କଣ୍ଠରେ "ମା' ଉକୁଳେଇ, ମା' ଉକୁଳେଇ" କହି କହି ଗଡିଗଲେ ସେଇ ଭୂଇଁ ଉପରେ। ଘରକୁ ଫେରି ସ୍ତ୍ରୀଙ୍କୁ ସମସ୍ତ କଥା କହି ବ୍ରାହ୍ମଣ ଡାକି ଆରମ୍ଭ କଲେ ପୂଜା। ପରେ ପରେ ଯଜ୍ଞ। ଦେବୀଙ୍କ ପୂଜାର୍ଚ୍ଚନା ପାଇଁ ବ୍ରାହ୍ମଣ ନିଯୁକ୍ତ କଲେ। ପାଖ ପଡୋଶୀ ଗାଁର ଗ୍ରାମବାସୀମାନେ ମଧ୍ଯ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଅନେକଙ୍କର ଜ୍ୱର ଭଲ ହେଲା। କିନ୍ତୁ ପୂଜାରୀ ବ୍ରାହ୍ମଣ ଅତ୍ୟଧିକ ଧନ ପାଇଁ ଲୋଭାସକ୍ତ ହେଲେ। ପୁଣି ମା ଗୋପୀନାଥଙ୍କୁ ସ୍ୱପ୍ନାଦେଶ ଦେଲେ " ମୁଁ ତୁମରି ଦ୍ୱାରା ହିଁ ପୂଜା ପାଇବାକୁ ଚାହେଁ ଏବଂ ପ୍ରତି ଗୁରୁବାର ଦିନ ବାରଟା ବେଳେ ମୋର ଝୁଣା ଧୂପ ବାହାରିବ। ପାଖରେ ଥିବା ସିଦ୍ଧ ପୋଖରୀରେ ଜ୍ୱରାକ୍ରାନ୍ତ ରୋଗୀ ଚୁଆ ଲଗାଇ ଗାଧୋଇ ଆସି ସେହି ଧୂପ ନ୍ୟାସ ନେଲେ ନିଶ୍ଚିତ ଜ୍ୱରମୁକ୍ତ ହେବ।" ଦେବୀଙ୍କ ଆଦେଶରେ ଗୋପୀନାଥ ହେଲେ ପୂଜାରୀ ଏବଂ ଯଥାବିଧୂ ପୂଜା ଚାଲିଲା ସେଦିନଠାରୁ।

ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଇଏତ ଦୁନିଆଁର ନୀତି। ହଠାତ୍ ଦେବୀଙ୍କ ବିଜେସ୍ଥଳୀକୁ ନେଇ ଉପୁଜିଲା ବିବାଦ। ସେହି ସ୍ଥାନ ଯଦିଓ ଅନାବାଦୀ ଥୁଲା ତଥାପି ପୁରୀ ଉତ୍ତରପାର୍ଶ୍ୱ ମଠର ଜମିଦାର ସେ ସ୍ଥାନ ଉପରେ ଜମା ଧାର୍ଯ୍ୟକର ଲାଗୁକରି ଖଜଣା ଆଦାୟ ପାଇଁ ଗୋପୀନାଥଙ୍କୁ କୋର୍ଟ ନୋଟିସ୍ ଜାରି କଲେ। କେସ୍ ଚାଲିଲା। ସ୍ଥାନୀୟ ଜିଉନ୍ତି, ଗଡଜାତସାହି, ନୂଆସାହି, ରେନ୍ଦୁଅ, ରାମଚନ୍ଦ୍ରପୁର, ବସ୍ତଡିହ ଓ କୁହୁଡିର ଗ୍ରାମବାସୀବୃନ୍ଦ ଥିଲେ ଗୋପୀନାଥଙ୍କ ସପକ୍ଷରେ। ଏହି କେସ୍‌ରେ ଓକିଲ ହେଲେ ଗୋପୀନାଥ ମହାନ୍ତିଙ୍କ ଭାଇ ସ୍ୱର୍ଗତ ବାଞ୍ଛାନିଧି ମହାନ୍ତିଙ୍କର ପୁତ୍ର ତତ୍‌କାଳୀନ ପୁରୀ ଜର୍ଜ କୋର୍ଟର ଓକିଲ ସଦାଶିବ ମହାନ୍ତି। ବହୁଦିନ ଧରି ଚାଲିଲା କେସ୍.

ଆସନ୍ତା କାଲି ହେବ କେସ୍‌ର ରାୟ ଶୁଣାଣୀ। ସଦାଶିବ ମହାନ୍ତିଙ୍କ କୋଠା ଉପରେ ଶୋଇଛନ୍ତି ଗୋପୀନାଥ। ପୁଣି ରାତିର ସେହି ବ୍ରାହ୍ମ ମୁହୂର୍ତ୍ତ। ସେହି ଦେବୀ ମୂର୍ତ୍ତି। ସେଇ ଆଲୋକ ପିଣ୍ଡୁଳା। ସ୍ୱପ୍ନରେ ସତେ ଯେମିତି ଜଗତର ନାଥ ଜଗନ୍ନାଥଙ୍କ ବଡଦେଉଳର ପତିତପାବନ ବାନାରୁ ଓହ୍ଲାଇ ଆସି କହିଗଲେ, " ଗୋପୀନାଥ ! ଚିନ୍ତା କରନି, କାଲି ରାୟ ହେବ ଆମ ସପକ୍ଷରେ।" ରାତି ପାହିଲା। ଗୋପୀନାଥ ଆନନ୍ଦରେ ସଦାଶିବ ମହାନ୍ତିଙ୍କୁ ସବୁ କହିଗଲେ। କୋର୍ଟରେ ବିଚାରର ସମୟ। ଠିକ୍ ଦିନ ବାରଟା। ଆଶ୍ଚର୍ଯ୍ୟର କଥା। କୋର୍ଟରେ ଜର୍ଜଙ୍କ ମୁହଁରୁ ବାହାରିଲା ଜଜ୍‌ମେଣ୍ଟର ସେହି ଅମୃତବାଣୀ, " ଉକୁଳେଇଙ୍କର ବିଜେସ୍ଥଳୀ ଉକୁଳେଇ ଠାକୁରାଣୀଙ୍କର ହିଁ ଅଟେ ଏବଂ ତାହା ହେଲା ଠାକୁରାଣୀଙ୍କର ସ୍ଥିତିବାନ୍ ସମ୍ପତ୍ତି।" ସ୍ଥାନୀୟ ବାସିନ୍ଦା ସହ ସମସ୍ତେ ହେଲେ ଆନନ୍ଦିତ। ଗୋପୀନାଥଙ୍କୁ କହିଲେ ପ୍ରତିବର୍ଷ ତ୍ରିବେଣୀ ଅମାବାସ୍ୟାରେ ଦେବୀଙ୍କର ଜନ୍ମୋତ୍ସବ ପାଳିତ ହେବା ସଂଗେ ସଂଗେ ସାତ ଦିନ ବ୍ୟାପୀ ଯାତ୍ରା ଲାଗିବ ଏବଂ କଳାବୁଦି ପରିବର୍ତ୍ତେ ଏହି ସ୍ଥାନର ନାମ ଉକୁଳେଇ ଠାକୁରାଣୀଙ୍କ ନାମାନୁସାରେ ହେବ "ଉକୁଳେଇ"। ଅଦ୍ୟାବଧି ସମସ୍ତ ସରକାରୀ କାଗଜପତ୍ରରେ ସେ ସ୍ଥାନର ନାମ ଅଟେ ଉକୁଳେଇ।

ପ୍ରତିବର୍ଷ ତ୍ରିବେଣୀ ଅମାବାସ୍ୟାରେ ଜନ୍ମୋତ୍ସବ ପାଳନ କରିବାକୁ କହିଥିଲେ। ବଂଶାନୁକ୍ରମିକ ଭାବେ ଗୋପୀନାଥଙ୍କ ଅନ୍ତେ ତାଙ୍କ ପୁତ୍ର ରଘୁନାଥ ମହାନ୍ତି ଠାକୁରାଣୀଙ୍କର ପୂଜାର୍ଚ୍ଚନା କରିଚାଲିଲେ। ରଘୁନାଥଙ୍କ ସ୍ତ୍ରୀ ଅପର୍ଣ୍ଣା ଦେବୀ ଥିଲେ ଅତ୍ୟନ୍ତ ଧର୍ମପରାୟଣା। ମା'ଙ୍କ ନିକଟରେ ପକାଉଥିବା ଅର୍ଥରାଶିକୁ ଏକ ଲାଲ କପଡାରେ ବାନ୍ଧି ସେ ରଖୁଥିଲେ ଯତ୍ନରେ। କିଛି ବର୍ଷର ରୋଜଗାରରେ ଠାକୁରାଣୀଙ୍କ ବିଜେସ୍ଥଳୀରେ ଏକ ମନ୍ଦିର ନିର୍ମାଣର ବ୍ୟବସ୍ଥା କଲେ ଅପର୍ଣ୍ଣା ଦେବୀ। ନଳକଣର କେଲୁ ମିସ୍ତ୍ରୀ ଆଗେଇ ଆସିଲେ ମନ୍ଦିର ନିର୍ମାଣ କରିବା ପାଇଁ ଏବଂ ଅପନ୍ନା ଦେବୀଙ୍କୁ ସାହାଯ୍ୟ କଲେ ତାଙ୍କର ତିନି ପୁଅ ବ୍ରହ୍ମାନନ୍ଦ, ଦୁର୍ଗାଚରଣ ଓ ସାଧୁଚରଣ। ସେତେବେଳର କଳାବୁଦି ଗାଁ ଏବେ ମା ଉକୁଳେଇଙ୍କ ନାଁରେ ନାମିତ ହୋଇଛି। ହେଲେ ପୀଠର ବିକାଶ ସେମିତି କିଛି ହୋଇ ନାହିଁ। କେବଳ ଭକ୍ତଙ୍କ ସହାୟତାରେ ଛିଡା ହୋଇଛି ଏ ପୀଠ ହେଲେ ସରକାରଙ୍କ ତରଫରୁ ପୀଠର ଉନ୍ନତି ପାଇଁ କିଛି ବ୍ୟବସ୍ଥା କରାଗଲେ ଭକ୍ତଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଆହୁରି ପ୍ରସିଦ୍ଧ ଲାଭ କରିପାରନ୍ତା ମା ଉକୁଳେଇ ପୀଠ। ଏବେ ବି ପୀଠର ସିଦ୍ଧ ପୋଖରୀ ଯେଉଁଠାରେ ବୁଡ ପକାଇ ସାନ୍ନିଧ ଲାଭ କରେ ଭକ୍ତ ତାହା ଅପରିଷ୍କାର ହୋଇ ପଡି ରହିଛି। ମନ୍ଦିର ତଥା ପାରିବାର୍ଶିକ ବିକାଶ ପାଇଁ ସରକାରୀ ଅନୁଦାନ ପାଇଁ କାହାର ଆନ୍ତରିକତା ନାହିଁ। ପୀଠର ବିକାଶ ପାଇଁ ଅନେକ ସରକାରୀ ପ୍ରତିଶ୍ରୁତି ମିଳିଛି ହେଲେ କେହି ସହାୟତାର ହାତ ବଢାଇ ନାହାନ୍ତି। ଏବେ ନୂଆ ସରକାରଠାରୁ ସ୍ଥାନୀୟ ଅଞ୍ଚଳବାସୀ ତଥା ଭକ୍ତଙ୍କର ନୂଆ ଆଶା ସୃଷ୍ଟି ହୋଇଛି। ଯାହାହେଉ, ଉକୁଳେଇ ଠାକୁରାଣୀଙ୍କର ଏହି ଶକ୍ତି ପୀଠରେ ମହିମା ବଢ଼ିଚାଲୁ। ଭକ୍ତମାନେ ଏଠାରେ ଗୁଆବସାଇ ମାନସିକ ସିଦ୍ଧ ହେବା ସଂଗେ ସଂଗେ ରୋଗ ମୁକ୍ତ ହୁଅନ୍ତୁ, ଏଇ କାମନା। ଓଁ ମା' ଉକୁଳେଇ।

**ଖଣ୍ଡାସାହି, ଅସ୍ତରଙ୍ଗ**

# ଶତାୟୁ ପୁରୁଷ: ପଦ୍ମଚରଣ ନାୟକ



**ଡ. ବିଜୟ କୁମାର ସ୍ୱାଇଁ**

ବର୍ଷ ସଠିକ ମନେ ନାହିଁ। ବୋଧହୁଏ୧୯୬୧/୬୨ ମସିହା। ଆମ ଗାଁ ଅଳାବୋଲଠାରୁ ବାଲିକୁଦା ପ୍ରାୟ ଦୁଇ କିଲୋମିଟର ଦୂର। ଅଧାବାଟରେ ମାମୁଁଘର, ନାଗପୁର। ସେତେବେଳେ ସ୍କୁଲ ଯିବାଆସିବା କେବଳ ପାଦରେ। ତେଣୁ ସପ୍ତାହରେ ଦୁଇଦିନ ମାମୁଁଘରେ ରହିବା ଏକ ନିତିଦିନିଆ ଘଟଣା ଥିଲା ମୋର। ମାମୁଁଘରେ ରହିବା ଦିନ ସନ୍ଧ୍ୟାବେଳେ ସାନଅଜା ଶ୍ରୀଯୁକ୍ତ ହରେକୃଷ୍ଣ ବିଶ୍ୱାଳ, ଯିଏକି ବାଲିକୁଦା ଗାନ୍ଧୀ ନାମରେ ପରିଚିତ, ଗାନ୍ଧୀଜୀଙ୍କ ପ୍ରିୟ ଭଜନ ଗାଇଥାନ୍ତି ଓ ଆମେ ସମସ୍ତେ ତାହା ଦୋହୋରାଇ ଥାଉ। ସନ୍ଧ୍ୟା ପ୍ରାର୍ଥନା ପରେ ସାନଅଜା ନିଜ ଚରଖାରୁ ସୂତା କାଟିଥାନ୍ତି। ଏହି ସମୟରେ ଦୁଇ ଥର ଶ୍ରୀଯୁକ୍ତ ପଦ୍ମଚରଣ ନାୟକ ସହିତ ଭେଟ ହୋଇଥିଲା ଏବଂ ସାନଅଜା ତାଙ୍କ ସହିତ ମୋର ପରିଚୟ କରାଇ ହେଇଥିଲେ। ଖୁବ୍ କମ୍ ସମୟର ଭେଟ ହୋଇଥିଲେ ମଧ୍ୟ ତାଙ୍କର ପାଠ ପଢ଼ିବା ଓ ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ଯୋଗ୍ୟତା ତଥା ଚାକିରି ନକରି ସମାଜ ସେବା ଆମ ସମସ୍ତଙ୍କୁ ଚମତ୍କୃତ କରିଥିଲା। ତାଙ୍କ ସହ ଅନେକ ବର୍ଷ ପାଇଁ ଭେଟ ନହେବା କାରଣରୁ ଭୁଲିଯିବା ସ୍ୱାଭାବିକ।

ଏହାପରେ ତାଙ୍କ ସହ ମୋର ଭେଟ ହୁଏ ମୋ ବଡ ଭଉଣୀ ଡାକ୍ତର ସରସ୍ୱତୀ ସ୍ୱାଇଁଙ୍କ ସରକାରୀ ବାସଭବନ, କଟକ ମେଡିକାଲ କଲେଜର ସିନିଅର ପ୍ରଫେସର କ୍ୱାଟରରେ। ସେହି ସମୟରେ କେନ୍ଦ୍ରାପଡା ଲୋକସଭା ନିର୍ବାଚନ। ଶ୍ରୀଯୁକ୍ତ ପଦ୍ମଚରଣ ନାୟକ ମୋର ବଡ ଭିଣୋଇ ଶ୍ରୀଯୁକ୍ତ ରବି ରାୟଙ୍କ ସହପାଠୀ ତଥା ପରମ ବନ୍ଧୁ ହୋଇଥିବାରୁ ନିଜ ତରଫରୁ ନିର୍ବାଚନରେ ସହଯୋଗ କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥିଲେ। ଏହାର କାରଣ ବୋଧହୁଏ ଉଭୟଙ୍କର ସମାଜ ତଥା ଗରିବମାନଙ୍କ ପାଇଁ ସେବା ଓ ସମର୍ପଣ ଭାବ। ସେହି ସମୟରେ ରବିଭାଇଙ୍କ ଦଳର କେନ୍ଦ୍ରାପଡା ଓ ବାଲିକୁଦାର କିଛି ବରିଷ୍ଠ ସଦସ୍ୟଙ୍କୁ କେନ୍ଦ୍ରାପଡା ନିର୍ବାଚନରେ ସହଯୋଗ ତଥା ଭୋଟ ପ୍ରଚାର କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେମାନେ ନିର୍ବାଚନରେ ସହଯୋଗ କରିବା ତ ଦୂରକଥା ବରଂ ସେତେବେଳର ପିଜି ହଷ୍ଟେଲ ନିକଟସ୍ଥ ପିଡବ୍ଲୁଡି ଡାକବଙ୍ଗଳାରେ ମଦ ମାଂସ ଆସର ଜମାଇବା ଏକ ସାଧାରଣ ଘଟଣା ଥିଲା। କିନ୍ତୁ ଶ୍ରୀଯୁକ୍ତ ପଦ୍ମଚରଣ ନାୟକ ଥିଲେ ସମ୍ପୂର୍ଣ୍ଣ ନିଆରା ମଣିଷ। ପ୍ରକୃତ ବନ୍ଧୁ କାରଣରୁ ନିଜ ତରଫରୁ ପାଦରେ ଚାଲି ଚାଲି କିମ୍ବା ସାଇକେଲରେ ଏକୁଟିଆ ବୁଲି ଭୋଟ ପ୍ରଚାର କରିବା ବର୍ତ୍ତମାନ ସମୟରେ ବିରଳ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ସେହି କେନ୍ଦ୍ରାପଡା ନିର୍ବାଚନ ସମୟରୁ ମୋର ଅନ୍ତରଙ୍ଗ ପରିଚୟ ତାଙ୍କ ସହିତ।

ରସାୟନ ବିଜ୍ଞାନରେ ସ୍ନାତକୋତ୍ତର ହୋଇଥିଲେ ମଧ୍ୟ ସାମ୍ୟବାଦ ଆଦର୍ଶରେ ଅନୁପ୍ରାଣିତ ହୋଇ ଥିବାରୁ ଚାକିରି ନକରି ଜନସାଧାରଣଙ୍କର ସେବା କରିବା ପାଇଁ ଆଗେଇ ଆସିଥିଲେ। ସାମ୍ୟବାଦ ଦଳରୁ ବିଧାନସଭା ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ ମଧ୍ୟ ସେଥିରେ ହାର ନମାନି ପରବର୍ତ୍ତୀ ସମୟରେ ରାଜନଗର ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ ନିର୍ବାଚନରେ ନିଜେ ସାଇକେଲରେ ବୁଲି ବୁଲି ମାତ୍ର ୧୬୦୦ ଟଙ୍କା ଖର୍ଚ୍ଚ କରିଥିବା ତାଙ୍କ ଜନସାଧାରଣଙ୍କ ସହିତ ନିବିଡ ସମ୍ପର୍କକୁ ବୁଝାଇଥାଏ। ବିଧାନସଭାରେ ଏକ ବେସରକାରୀ 'ଏ କୂଳ ସେ କୂଳ' ବିଲ୍ ଆଣି ନଦୀ ନାଳଘେରା ରାଜନଗର/କେନ୍ଦ୍ରାପଡା ତଥା ଓଡିଶାର ଚାଷୀ ହରାଇଥିବା ନିଜର ଚାଷ ଜମି ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ନଦୀବଢ଼ି ସମୟରେ ନଦୀ ବନ୍ଧ କୂଳ ଖାଇଯାଇଥାଏ ଓ ନଦୀର ଅପର ପାର୍ଶ୍ୱରେ ମାଟି ପୋତିହେଇ ବାଲିଚର ସୃଷ୍ଟି କରିଥାଏ। ହେଲେ ଚାଷ ଜମି ହରାଇଥିବା ଚାଷୀମାନଙ୍କୁ ଏହି ଚଡା ଜମି ନ ମିଳିବା କାରଣରୁ ଏହି ବିଲ୍‌ରେ ବ୍ୟବସ୍ଥା ହୋଇଥିଲା। ପରେ ଆଉ ନିର୍ବାଚନ ନ ଲଢ଼ି ବରୀରେ ଥିବା ଗୋପବନ୍ଧୁ ରମାଦେବୀ ଆଶ୍ରମର ପୁନରୁଦ୍ଧାର କରି ଗାନ୍ଧିଜୀଙ୍କ ପ୍ରଦର୍ଶିତ ବେସିକ ଶିକ୍ଷା ଓ ନୟୀତାଲିମକୁ ଅଗ୍ରାଧିକାର ଦେବାସହ ପଦକ୍ଷେପ ଗ୍ରହଣ କରିଥିଲେ। କିଛିବର୍ଷ ପାଇଁ କାଜୁ ନିଗମର ଚେୟାରମ୍ୟାନ ଭାବରେ ଦାୟିତ୍ୱ ନେଇ ଦେବାଳିଆ ସ୍ଥିତିରୁ ପୁନରୁଦ୍ଧାର କରିଥିଲେ। ସେ ଅନେକ ପୁସ୍ତକର ରଚନା କରିଥିଲେ ମଧ୍ୟ 'ଅନିର୍ବାଣ' ଓ 'ଏଭଳି ମୁଖ୍ୟମନ୍ତ୍ରୀ ଥିଲେ' ତାଙ୍କର ସର୍ବଶ୍ରେଷ୍ଠ ପୁସ୍ତକ ବୋଲି ଅନେକ ସମୟରେ ମନ୍ତବ୍ୟ ଦେଇଥାନ୍ତି ଯାହା ନିରାଟ ସତ୍ୟ। କଲିକତାର ରୁଷ ଏମ୍ବାସିରେ ସାମ୍ବାଦିକ ଭାବରେ କାର୍ଯ୍ୟରତ ସମୟରେ ସେଠାରେ ଥିବା ଓଡ଼ିଆ ଶ୍ରମିକମାନଙ୍କୁ ପାଠ ପଢ଼ିବା ପାଇଁ ନୈଶ୍ୟ ବିଦ୍ୟାଳୟ ସ୍ଥାପନ କରି ସେମାନଙ୍କର ପାଠ ପଢ଼ିବାରେ ସହଯୋଗ କରିଥିଲେ। ପରବର୍ତ୍ତି ସମୟରେ କାଜୁ ଉନ୍ନୟନ ନିଗମର ଅଧକ୍ଷ ରହି ଏହାର ପୁନରୁଦ୍ଧାର କରିଥିଲେ।

ଗତ ଡିସେମ୍ବରରେ ସମ୍ବଲପୁର ଯାଇଥିଲୁ ଉଭୟ। ରହିଥିଲୁ ମୋର ତୃତୀୟ ଭଉଣୀ ଶ୍ରୀମତୀ ଶୈଳବାଳା ପ୍ରଧାନ (ଯିଏ କି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, (IAS) retଙ୍କ ଧର୍ମପତ୍ନୀ)ଙ୍କ ଘରେ। ରାତିରେ କହିଲେ, ଯନ୍ତା ରୁଟି ମିଳିଲେ ଭଲ ହେବ। ଘରେ ଥିବା କୁଚିଣ୍ଡାର ରୋଷେୟା ଝିଅ କେବେ ଯନ୍ତା ରୁଟି ତିଆରି କରି ନଥିଲା। ମନିଅପା ନିଜେ ଯନ୍ତାରୁଟି ତିଆରି କରିଥିଲା। ରାତିରେ ଖାଇବା ପରେ ପରଦିନ ସକାଳୁ ଉଠି ନିଜର ନିତ୍ୟକର୍ମ ଶେଷକଲେ ଓ ଉଷୁମ ପାଣି ମହୁ ଲେମ୍ବୁ ପିଇବା (ଯାହା ତାଙ୍କର ନିତିଦିନିଆ ଖାଦ୍ୟ/ପାନୀୟ) ପରେ କହିଲେ ବହୁତ ଦିନପରେ ଭଲ ଖାଦ୍ୟ ମିଳିଲା ଓ ରାତିରେ ଭଲ ନିଦ ମଧ୍ୟ ହେଲା । କାରଣ ସମ୍ବଲପୁର ଯିବା ଦିନ ରାତିରେ ଭଲ ନିଦ ହୋଇ ନଥିଲା। ତା' ପରଦିନ ଦ୍ୱି ପ୍ରହର ସମୟରେ ମୋର ବନ୍ଧୁ ଶ୍ରୀଯୁକ୍ତ ବିପିନ ବିହାରୀ ନନ୍ଦ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘଚାଳକଙ୍କ ଘରକୁ ଭେଟ କରିବାକୁ



ଯାଇଥିଲୁ ଉଭୟ। ବନ୍ଧୁ ତାଙ୍କ ବିଷୟରେ ମୋଠାରୁ ସମସ୍ତ ତଥ୍ୟ ଜାଣିଥିଲେ। ସେଠାରେ ପହଞ୍ଚିବା ପରେ ସମ୍ବଲପୁରର ବିଶିଷ୍ଟ ସାମ୍ବାଦିକ ତଥା ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ଗୁରୁଙ୍କ ଜାମାତା ସାମ୍ବାଦିକଙ୍କ ସହିତ ଭେଟ ହେଲା ଓ ମଦ ଆନ୍ଦୋଳନ ସମ୍ପର୍କିତ ସମସ୍ତ ସମ୍ବାଦ/ତଥ୍ୟ ଶୁଣିବା ପରେ ବିପିନ ନନ୍ଦ ନିଜ ତରଫରୁ ଦୁଇ ସହ ଦସ୍ତଖତ ସମ୍ବଳିତ ତଥ୍ୟ ଭୁବନେଶ୍ୱର ପଠାଇବେ ବୋଲି ପ୍ରତିଶ୍ରୁତି ଦେଲେ। ସେଠାରେ ଭୋଜନ ପରେ ଅଳ୍ପ ସମୟ ବିଶ୍ରାମ ପରେ କଥାବାର୍ତ୍ତା ସମୟରେ ବିପିନ ବିହାରୀ ନନ୍ଦ କହିଲେ, ଶହେ ବର୍ଷ ବୟସରେ ଜଣେ ସୁସ୍ଥ ଲୋକ ମଧ୍ୟ ଟ୍ରେନ ଓ ବସ୍‌ରେ ପ୍ରବାସ କରିବା ଆଶ୍ଚର୍ଯ୍ୟ କଥା। ହେଲେ ମୋର ଉତ୍ତର ଥିଲା ନିଜ ତରଫରୁ ଶ୍ରୀଯୁକ୍ତ ନାୟକ ଏହି ପ୍ରବାସ ଦିନ ସୁନିଶ୍ଚିତ କରିଥାନ୍ତି ଓ ଅନେକ ସମୟରେ ଏକା ଏକା ମୋଟର/ ରେଳରେ ଯିବାରେ ତାଙ୍କର କୌଣସି ଅସୁବିଧା ନଥାଏ। ଏହା ଶୁଣିବା ପରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସନ୍ଧ୍ୟା ସମୟରେ ଶ୍ରୀ ସନ୍ଦିପ ଶ୍ରୀବାସ୍ତବ ଓ ଶ୍ରୀ କାର୍ତ୍ତିକ ବହିଦାର ଆଦି ସମସ୍ତେ ମିଶି ଦୁଇଟି ବ୍ଲକର ବନ୍ଧୁମାନଙ୍କ ସହିତ ସାକ୍ଷାତ ଆଲୋଚନା ତାର ପରଦିନ ଭୁବନେଶ୍ୱର ଫେରିଥିଲୁ। ସମ୍ବଲପୁରରେ ଥିବା ସମୟରେ ବରଗଡ ଯିବାର କାର୍ଯ୍ୟକ୍ରମ ଥିଲା। ହେଲେ ସେ ଭଦ୍ରଲୋକ ହଠାତ୍ ବିଜୟନଗରମ୍ ଯିବା କାରଣରୁ ଭେଟ ହୋଇ ପାରିଲା ନାହିଁ।

ବାଂଲାଦେଶରେ ନୂଆଖାଲିଠାରେ ହଜାର ହଜାର ହିନ୍ଦୁମାନଙ୍କ ଗଣହତ୍ୟା ପରେ ଜାତିର ପିତା ଗାନ୍ଧିଜୀଙ୍କ ଡାକରାରେ କୌଣସି ଲୋକ ବା ପକ୍ଷ ଶାନ୍ତି ସ୍ଥାପନ ପାଇଁ ଆଗଭର ବା ଆଗେଇ ଆସି ନଥିଲେ। ତେଣୁ ଗାନ୍ଧିଜୀ ଏକଲା ଶାନ୍ତି ସ୍ଥାପନ ପାଇଁ ପ୍ରସ୍ତୁତ ହୋଇ ବାହାରିଲେ। ସେହି ସମୟରେ କବିଗୁରୁଙ୍କ ଏକ ବିଖ୍ୟାତ ସଂଗୀତ ଯାହା ଅନ୍ୟମାନେ ଗାନ୍ଧିଜୀଙ୍କ ଏହି ଶାନ୍ତି ଯାତ୍ରା ପାଇଁ ଗାଇଥିଲେ। ଯାହା ହେଲା, 'ଯଦି କେଓ ସାଥ ନ ଆସେ ତବେ ଏକଲା ଚଲୋ ଏକଲା ଚଲୋ...' ଠିକ୍ ସମାନ ସ୍ଥିତି ମିଳିତ ଓଡ଼ିଶା ନିଶା ନିବାରଣ (ମୋନା)ର ସଭାପତି ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କର। ୧୦୦ ବର୍ଷ ବୟସରେ ଉପନିତ ହୋଇ ମଧ୍ୟ ସେ ବେଶ କର୍ମ ଚଞ୍ଚଳ ଓ ଯୁବସୁଲଭ ଚପଳତା କାରଣରୁ ବୟସ ତାଙ୍କ ନିକଟରେ ହାର ମାନିଛି। 'ନିନ୍ୟାନବେ କେ ଫେରମେ' ହୋଇ ମଧ୍ୟ ଗାନ୍ଧିଜୀଙ୍କ ଆଦର୍ଶରେ ଓଡ଼ିଶା ।ତଥା ଭାରତବର୍ଷକୁ ମଦରକୁ ପରିଣାମ, ପ୍ରସାର ପ୍ରଚାର ବିରୁଦ୍ଧରେ ଏକଲା ଆଗଭର ଏହାକୁ ବନ୍ଦ କରିବା ପାଇଁ। ଯଦିଓ ଓଡ଼ିଶାର ସ୍ୱନାମଧନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ଏହା ବିଧାନସଭାରେ ପାରିତ ହୋଇ ମହାମହିମ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ସାରିଛି ହେଲେ ୧୯୫୬ ମସିହାଠାରୁ ଏହା ଓଡ଼ିଶାର ଗେଜେଟରେ ସ୍ଥାନ ପାଇନାହିଁ ଓ ସେହି କାରଣରୁ ଏହା ଆଜି ପର୍ଯ୍ୟନ୍ତ କୌଣସି ସରକାରଙ୍କ ଦ୍ୱାରା ଗୃହିତ ହୋଇନାହିଁ ଓ ଲାଗୁ ହୋଇ ପାରିନାହିଁ। ସରକାରଙ୍କ ଯୁକ୍ତି ଯେ ରାଜସ୍ୱ ମିଳୁଛି ଯାହା ସମ୍ପୂର୍ଣ୍ଣ ସତ୍ୟ ନୁହଁ। ଯଦି ଏହା ସତ୍ୟ, ତାହାଲେ ବିଜେଡି ସରକାର ବେଳେ ରାଜ୍ୟରେ ରାଜସ୍ୱ ବଳକା ଥିଲା! ତେଣୁ ଗତ ସରକାର କାହିଁକି ଓଡ଼ିଶାରେ ମଦ ପ୍ରଚଳନ ବନ୍ଦ ପାଇଁ ଆଦେଶ ଦେଇ ନଥିଲେ?? ଏହା ନିଶ୍ଚିତ ସତ୍ୟ ଯେ ସରକାରଙ୍କ ରାଜସ୍ୱ ଏକ ବାହାନା ମାତ୍ର। ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ସମୟରୁ ଏହି ମଦ ବିପଣନ ଆଇନ ବିଧାନସଭାରେ ପାରିତ ହୋଇ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନ ହୋଇ ପଡି ରହିଛି। ଓଡ଼ିଶାରେ ମଦ ବନ୍ଦ ପାଇଁ ୨୦୧୨ ମସିହା ଜାନୁଆରି ୩୦ ତାରିଖରେ ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କ ଦ୍ୱାରା ରୋପଣ କରାଯାଇ ଥିବା ଚାରାଟି ଏବେ ଜୀବନ୍ୟାସ ପାଇ ଅଧୁନାତନ ଓଡ଼ିଶାର ସମସ୍ତ ଜିଲାରେ ପରିବ୍ୟାପ୍ତ। ଆନ୍ଦୋଳନରେ ପଦଯାତ୍ରା ବା ମୋଟର ଯାତ୍ରା ଫଳରେ ହଜାର ହଜାର ନିଷ୍ପେଷିତ ଓ ନିର୍ଯାତନାର ଶିକାର ହୋଇଥିବା ମହିଳା ତଥା ଶିଶୁମାନଙ୍କର ଯୋଗ ଦାନ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନକୁ ଏକ ମହା ଦ୍ରୁମରେ ପରିଣତ କରାଇ ପାରିଛି। ମୋନା ତଥା ଶ୍ରୀଯୁକ୍ତ ନାୟକଙ୍କ ପ୍ରୟାସରେ ଅନେକ ଗାଁ/ପଡା ମଦ ମୁକ୍ତ ଗାଁରେ ପରିଣତ ହୋଇଛି। ଏହା କେବଳ ଓଡ଼ିଶା ଆନ୍ଦୋଳନର ତଥ୍ୟ ନୁହଁ। ଦିଲ୍ଲୀରେ ଅନୁଷ୍ଠିତ ରାଷ୍ଟ୍ରୀୟ ନିଶା ନିବାରଣ ଅଭିଯାନରେ ଭାରତବର୍ଷର ପ୍ରାୟ ସମସ୍ତ ପ୍ରଦେଶରୁ ତିନି ସହରୁ ଉର୍ଦ୍ଧ୍ୱ ଆନ୍ଦୋଳନ କାରି ସମର୍ଥକ ଯୋଗଦେଇ ଭାରତବର୍ଷକୁ ମଦ ମୁକ୍ତ କରିବା ଲକ୍ଷ ପ୍ରଣିଧାନଯୋଗ୍ୟ। ବିହାର ତଥା ମହାରାଷ୍ଟ୍ରର ଗଡ ଚିରୋଲି ଜିଲ୍ଲା ଓ ଅନ୍ୟାନ୍ୟ କିଛି ସ୍ଥାନରେ ଅଧୁନାତନ ମଦ ବିପଣନ ସମ୍ପୂର୍ଣ୍ଣ ବନ୍ଦ। ପୂର୍ବରୁ ଗୁଜରାଟ ଆଦି ଅନେକ ରାଜ୍ୟରେ ମଦ ବିପଣନ ସମ୍ପୂର୍ଣ୍ଣ ବନ୍ଦ ରହିଛି ଆଜି ପର୍ଯ୍ୟନ୍ତ। ଦିଲ୍ଲୀର ଏହି ସମ୍ମିଳନୀ ପରେ ମହାମହିମ ରାଷ୍ଟ୍ରପତି ତଥା ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ମୋନା ଏକମାତ୍ର ସଂଗଠନ, ଯେଉଁଠାରେ ସମସ୍ତ ରାଜନୈତିକ ଦଳଗୁଡିକ ନିଜନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ଓଡ଼ିଶାକୁ ସଂପୂର୍ଣ୍ଣ ମଦ ମୁକ୍ତ କରିବା ପାଇଁ ଆଗଭର। ଏହାର କାରଣ ଓ ଶ୍ରେୟ ଶ୍ରୀଯୁକ୍ତ ପଦ୍ମଚରଣ ନାୟକଙ୍କର ଏକମାତ୍ର ଲକ୍ଷ ମଦ ମୁକ୍ତ ଓଡ଼ିଶା / ଭାରତବର୍ଷ। ଏହି ଆନ୍ଦୋଳନ ଫଳରେ ଆଠଗଡ ବିଧାୟକ ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏକ ବେସରକାରୀ ବିଲ୍ ବିଧାନ ସଭାରେ ଆଗତ କରିଥିଲେ। ଚର୍ଚ୍ଚା ସମୟରେ ଉପସ୍ଥିତ ସମସ୍ତ ବିଧାୟକ ଦଳ ମତ ନିର୍ବିଶେଷରେ ଏହାକୁ ପୂର୍ଣ୍ଣ ପ୍ରାଣରେ ଦଳ ମତ ନିର୍ବିଶେଷରେ ବିପୁଳ ସମର୍ଥନ ଦେଇଥିଲେ ମଧ୍ୟ ସେତେବେଳର ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱାରା ଗୃହିତ ହୋଇ ପାରିଲା ନାହିଁ ଯାହା ଅତ୍ୟନ୍ତ ଲଜ୍ଜାଜନକ ଓ ଦୁଃଖଦାୟକ। ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ସମସ୍ତ ମନ୍ତ୍ରିମଣ୍ଡଳ ଏହି ବିଲ୍‌କୁ କାର୍ଯ୍ୟକାରୀ କରିବାରେ ସାମାନ୍ୟତମ ପ୍ରୟାସ କରିନାହଁନ୍ତି ନିଜର ଇଚ୍ଛାଶକ୍ତିର ଅଭାବ ବା ନିହିତ ଉଦ୍ଦେଶ୍ୟ କାରଣରୁ।

କରୋନା ଭୂତାଣୁ ସଂକ୍ରମଣ ସମୟରେ ସରକାରଙ୍କ ସମସ୍ତ ବାଧା ବନ୍ଧନ ସତ୍ତ୍ୱେ ଓ କୌଣସି ଆନ୍ଦୋଳନ ନ କରିବା ଆଦେଶ ଥିଲେ ମଧ୍ୟ ଏକା ଏକା ବିଭିନ୍ନ ସ୍ଥାନକୁ ଯାଇ ଗାନ୍ଧିଜୀଙ୍କ ପ୍ରଦର୍ଶିତ 'ଏକଲା ଚଲୋ' ନୀତିରେ ସରକାରଙ୍କ ଆଦେଶ ମଧ୍ୟ ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା। ସେହି କାରଣରୁ ସେ ନିଜେ କୋଭିଡ ଭୂତାଣୁ ଆକ୍ରମଣର ଶିକାର ହୋଇଛନ୍ତି। ହେଲେ ନିଜର କର୍ତ୍ତବ୍ୟ ଓ ଏକମାତ୍ର ଲକ୍ଷଠାରୁ ବିଚ୍ୟୁତ ହୋଇ ନାହାଁନ୍ତି। ଅକ୍ଳେଶରେ ୩ ମହଲା ଚଢ଼ିବା ଏବଂ ସାଇକେଲ୍ ଚଲାଇବରେ ତାଙ୍କର କୌଣସି ଅସୁବିଧା ହେଉନାହିଁ। ସେଥିନେଇ ଅନେକ ସମୟରେ କହିଥାନ୍ତି "I DIE IN HARNESS" ଓ ଜୀବନର ଅପରାହ୍ଣ ରେ ଯଦି ସରକାର ଓଡ଼ିଶା ତଥା ଭାରତବର୍ଷକୁ ମଦମୁକ୍ତ ଘୋଷଣା କରନ୍ତି ତାହା ତାଙ୍କ ପାଇଁ ପରମ ତୃପ୍ତି ଦାୟକ ହେବ। ଜଗତର ନାଥ ଜଗନ୍ନାଥଙ୍କ ଅପାର କରୁଣାରୁ ତାଙ୍କୁ କର୍ମକ୍ଷମ ଓ ଚଳ ଚଞ୍ଚଳ ରଖିବା ସହ ତାଙ୍କର ଏକମାତ୍ର ଲକ୍ଷ ମଦ ମୁକ୍ତ ଓଡ଼ିଶା/ ଭାରତବର୍ଷ କରାଯାଇ ପାରିଲେ ସେ ଭୀଷ୍ମ ପିତାମହଙ୍କ ସଦୃଶ ପରମ ଶାନ୍ତିରେ ବିଶ୍ରାମ ନେବେ।

**ଅବସରପ୍ରାପ୍ତ ଅଧକ୍ଷ**
**ମହର୍ଷି ମହାବିଦ୍ୟାଳୟ, ଭୁବନେଶ୍ୱର**
**ମୋ: ୯୪୩୭୦୫୫୦୫୮**

### ଉପଗ୍ରହ ଉତକ୍ଷେପଣରେ ଇସ୍ରୋର ଶତକ

# ଶ୍ରୀହରିକୋଟାରୁ ଲଞ୍ଚ ହେଲା ଏନଭିଏସ-୦୨



**ନୂଆଦିଲ୍ଲୀ,୨୯।୧:** ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନକୁ ବଡ ସଫଳତା ମିଳିଛି। ଶ୍ରୀହରିକୋଟାରୁ ଇସ୍ରୋର ସେଞ୍ଚୁରୀ ଲଞ୍ଚ ସଫଳ ହୋଇଛି। ସ୍ପେସପୋର୍ଟରୁ ଐତିହାସିକ ଉତକ୍ଷେପଣ କରିଛି ଇସ୍ରୋ। ମହାକାଶକୁ ଗଲା ନାଭିଗେସନ ସାଟେଲାଇଟ ଏନଭିଏସ-୦୨। ଜିଏସଏଲଭି-ଏଫ-୧୫ ରକେଟ ଯୋଗେ ଉଡାଣ ଭରିଲା ସାଟେଲାଇଟ। ଏହା ଇସ୍ରୋର ୧୦୦ତମ ମିଶନ। ଶ୍ରୀହରିକୋଟାରୁ ସକାଳ ୬ଟା୨୩ ମିନିଟରେ ସଫଳ ଉତକ୍ଷେପଣ କରି ଇତିହାସ ରଚିଛି ଇସ୍ରୋ। ମିଶନ ସଫଳ ହୋଇଥିବା ନେଇ ଟ୍ୱିଟ କରି ସୂଚନା ଦେଇଛି ଇସ୍ରୋ। ଇସ୍ରୋର ୧୦୦ତମ ମିଶନ କଣ? ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଇସ୍ରୋ ତାର ଐତିହାସିକ ୧୦୦ତମ ଅଭିଯାନ ଉତକ୍ଷେପଣ କରିଛି। ନାଭିଗେସନ ଉପଗ୍ରହ ଏନଭିଏସ୍-୦୨ ଭାରତୀୟ ଭୂପୃଷ୍ଠଠାରୁ ପ୍ରାୟ ୧୫୦୦ କିଲୋମିଟର ଦୂରରେ ଥିବା ଅଞ୍ଚଳରେ ଉପଭୋକ୍ତାଙ୍କୁ ସଠିକ୍ ସ୍ଥିତି, ବେଗ ଓ ସମୟ ପ୍ରଦାନ କରିବ। ଇସ୍ରୋ ଅନୁଯାୟୀ ଉପଗ୍ରହର ସେବା ସ୍ଥଳୀୟ, ଆକାଶମାର୍ଗ ଓ ସାମୁଦ୍ରିକ ନେଭିଗେସନ, ନିର୍ଦ୍ଦିଷ୍ଟ କୃଷି, ଫ୍ଲିଟ ମ୍ୟାନେଜମେଣ୍ଟ, ମୋବାଇଲ ଡିଭାଇସରେ ଅବସ୍ଥାନ ଭିତ୍ତିକ ସେବା, ଉପଗ୍ରହର କକ୍ଷପଥ ନିର୍ଦ୍ଧାରଣ, ଇଣ୍ଟରନେଟ ଅଫ୍ ଥିଙ୍ଗ୍ସ ଆଧାରିତ ଆପ୍ଲିକେସନ, ଜରୁରୀକାଳୀନ ଓ ସମୟଭିତ୍ତିକ ସେବା ପ୍ରଦାନରେ ବ୍ୟବହାର କରାଯିବ। ଭାରତ ପାଇଁ ମାଇଲଷ୍ଟୋନ- ସୋମନାଥଙ୍କ ପରେ ଇସ୍ରୋର ନୂଆ ଅଧକ୍ଷ ଭାବେ ଦାୟିତ୍ୱ ନେଇଥିଲେ ଭି. ନାରାୟଣନ। ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ ମିଶନ ଥିଲା। ଯାହା ସଫଳ ହୋଇଛି। ଇସ୍ରୋର ୧୦୦ତମ ମିଶନ ଜିଏସଏଲଭି-ଏଫ୧୫ରେ ଏନଭିଏସ-୦୨ସାଟେଲାଇଟର ସଫଳ ଉତକ୍ଷେପଣକୁ ନେଇ ଇସ୍ରୋ ମୁଖ୍ୟ ଭି.ନାରାୟଣ କହିଛନ୍ତି, ଏହା ଭାରତ ପାଇଁ ମାଇଲଷ୍ଟୋନ। ଏହା ଟିମ୍ ୱାର୍କ ପାଇଁ ସମ୍ଭବ ହୋଇଛି। ସମସ୍ତ ପୂର୍ବ ଅଧକ୍ଷଙ୍କୁ ଶ୍ରେୟ ଦେବା ସହିତ କଠିନ ପରିଶ୍ରମ ହିଁ ସଫଳତା ଆଣିଦେଏ ବୋଲି କହିଛନ୍ତି। ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ- ଇସ୍ରୋର ଏହି ସଫଳ ଉତକ୍ଷେପଣ ନେଇ ଶୁଭେଚ୍ଛା ଜଣାଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ। ଶ୍ରୀହରିକୋଟାରୁ ୧୦୦ତମ ସଫଳ ଲଞ୍ଚ କରି ଲ୍ୟାଣ୍ଡମାର୍କ ମାଇଲଷ୍ଟୋନ ହାସଲ କରିଥିଛି ଇସ୍ରୋ। ଟିମ୍ ଇସ୍ରୋ ଏନଭିଏସ-୦୨ର ସଫଳତ ଉତକ୍ଷେପଣ କରିବା ସହ ଦେଶକୁ ଗର୍ବିତ କରିଛି। ଏହା ଆମ ପାଇଁ ସୌଭଗ୍ୟର କଥା। ବିକ୍ରମ ସାରାଭାଇ ଓ ସତୀଶ ଧାୱନଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଯାତ୍ରା ଐତିହାସିକ ଯାତ୍ରାରେ ପରିଣତ ହୋଇଛି।

# ଆଶ୍ଚର୍ଯ୍ୟ: ଗର୍ଭସ୍ଥ ଶିଶୁ ଗର୍ଭବତୀ

**ନୂଆଦିଲ୍ଲୀ, ୨୯।୧:** ଗର୍ଭବତୀ ହେଲା ଗର୍ଭସ୍ଥ ଶିଶୁ। ସୋନୋଗ୍ରାଫି ପାଇଁ ପହଞ୍ଚିଥିବା ମହିଳା ହେଲେ ଆଶ୍ଚର୍ଯ୍ୟ। ମହାରାଷ୍ଟ୍ରର ବୁଲଢାନା ସରକାରୀ ଡାକ୍ତରଖାନାରେ ଏହି ଘଟଣା ଘଟିଛି। ଜଣେ ଗର୍ଭବତୀ ମହିଳାଙ୍କ ସୋନୋଗ୍ରାଫି ଏବେ ଚର୍ଚ୍ଚାରେ ରହିଛି। ୯ମାସ ହୋଇଯାଇଥିବାରୁ ସୋନୋଗ୍ରାଫି କରିବାକୁ ଯାଇଥିଲେ ମହିଳା। ଏହି ସମୟରେ ଡାକ୍ତର ଗର୍ଭସ୍ଥ ଶିଶୁର ପେଟରେ କିଛି ଥିବାର ଦେଖିଥିଲେ। ପରେ ଶିଶୁର ପେଟରେ ଏକ ଭ୍ରୁଣ ଥିବା ସାମ୍ନାକୁ ଆସିଥିଲା।

### ସୋନୋଗ୍ରାଫି ପାଇଁ ପହଞ୍ଚିଥିବା ମହିଳା ହେଲେ ଆଶ୍ଚର୍ଯ୍ୟ

ମିଳିଥିବା ସୂଚନା ମୁତାବକ, ଦୁଇ ଦିନ ପୂର୍ବରୁ ଜିଲ୍ଲାର ମୋତାଲା ତହସିଲର ଏକ ଗାଁରେ ରହୁଥିବା ଜଣେ ନଅ ମାସର ଗର୍ଭବତୀ ମହିଳା (୩୨ ବର୍ଷ) ସରକାରୀ ଡାକ୍ତରଖାନାରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ପ୍ରସାଦ ଅଗ୍ରୱାଲ ଗର୍ଭବତୀ ମହିଳାଙ୍କ ସୋନୋଗ୍ରାଫି କରିଥିଲେ। ସୋନୋଗ୍ରାଫି କରିବା ସମୟରେ, ସେମାନେ ମହିଳାଙ୍କ ପେଟରେ ଥିବା ଶିଶୁଟି ସୁସ୍ଥ ଥିବା ଦେଖିଥିଲେ। ହେଲେ ପରେ ଗର୍ଭରେ ଥିବା ଶିଶୁର ପେଟରେ କିଛି ଥିବା ଦେଖାଯାଇଥିଲା। ଜାଣିବା ପାଇଁ ୩-୪ଥର ସୋନୋଗ୍ରାଫି କରାଯିବାରୁ ଗର୍ଭସ୍ଥ ଶିଶୁର ଗର୍ଭରେ ଭ୍ରୁଣ ଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ଏବେ ମହିଳାଙ୍କ ଭଲ ଚିକିତ୍ସା ପାଇଁ ତାଙ୍କୁ ସମ୍ଭାଜୀନଗରରେ ଥିବା ଡାକ୍ତରଖାନାକୁ ପଠାଯାଇଛି। ଡାକ୍ତରଙ୍କ କହିବା ମୁତାବକ, ମହିଳାଙ୍କର କୌଣସି ଅସୁବିଧା ହେବ ନାହିଁ କିନ୍ତୁ ପ୍ରସବ ପରେ ଜନ୍ମ ହୋଇଥିବା ଶିଶୁର ଶୀଘ୍ର ଚିକିତ୍ସା କରା ନ ଗଲେ, ତା'ର ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ଉଲ୍ଲେଖଯୋଗ୍ୟ, ଏହାକୁ ଡାକ୍ତରୀ ଭାଷାରେ ଭ୍ରୁଣରେ ଭ୍ରୁଣ ବୋଲି କୁହାଯାଏ। ବିଶ୍ୱରେ ପ୍ରାୟ ୨୦୦ଟି ଏପରି ଘଟଣା ଘଟିଛି, ଯେଉଁଥିରୁ ଏପର୍ଯ୍ୟନ୍ତ ଭାରତରେ ୧୫ରୁ ୨୦ଟି ଏପରି ଘଟଣା ଘଟିଛି।

## ଯମୁନା ନଦୀ ସଂକ୍ରାନ୍ତ ମନ୍ତବ୍ୟ ନେଇ କେଜ୍ରିୱାଲ୍‌ଙ୍କ ଉପରେ ବର୍ଷିଲେ ମୋଦୀ

**ନୂଆଦିଲ୍ଲୀ ୨୯।୧:** ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ହରିୟାଣା ଯମୁନା ନଦୀକୁ ବିଷାକ୍ତ କରିଛି ବୋଲି କେଜ୍ରିୱାଲ୍‌ଙ୍କ ଅଭିଯୋଗକୁ ନେଇ ତାଙ୍କ ଉପରେ ବର୍ଷିଛନ୍ତି ମୋଦୀ। କହିଛନ୍ତି ଯେ ଏହା କେବଳ ରାଜ୍ୟ ପାଇଁ ନୁହେଁ ବରଂ ଦେଶ ପାଇଁ ଅପମାନଜନକ କଥା। ଦିଲ୍ଲୀର କରତାର ନଗରରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଏପରି କହିଛନ୍ତି। ସେ ଆହୁରି ବି କହିଛନ୍ତି କି ଧାନସଭା ନିର୍ବାଚନରେ ହାରିବା ଭୟରେ ଦଳ "ବିଚଳିତ" ହୋଇ ଭୟରେ ଆତୁସାତୁ କହୁଛନ୍ତି। "ଦିଲ୍ଲୀର ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଆଣାର ଲୋକଙ୍କ ଉପରେ ଘୃଣ୍ୟ ଅଭିଯୋଗ ଆଣିଛନ୍ତି। ହାରିବା ଭୟରେ ସେ ଏପରି ହେଉଛନ୍ତି। ହରିଆଣାର ଲୋକମାନେ କ'ଣ ଦିଲ୍ଲୀର ଲୋକଙ୍କଠାରୁ ଭିନ୍ନ? ହରିୟାଣାରେ ରହୁଥିବା ଲୋକଙ୍କ ସମ୍ପର୍କୀୟମାନେ କ'ଣ ଦିଲ୍ଲୀରେ ରହୁନାହାଁନ୍ତି? ହରିୟାଣାର ଲୋକମାନେ କ'ଣ ନିଜ ଲୋକଙ୍କ ପିଉଥିବା ପାଣିକୁ ବିଷାକ୍ତ କରିପାରିବେ?" ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି କି ହରିୟାଣା ପଠାଯାଇଥିବା ପାଣି ଦିଲ୍ଲୀରେ ରହୁଥିବା ସମସ୍ତ ଲୋକ ବ୍ୟବହାର କରନ୍ତି। ସେ ବି କରନ୍ତି।

## ବର୍ଷକରେ ବିଜେପିର ଖର୍ଚ୍ଚ ୧୭୫୪ କୋଟି, କଂଗ୍ରେସ ଖର୍ଚ୍ଚ କରିଛି ୬୧୯ କୋଟି

**ନୂଆଦିଲ୍ଲୀ,୨୯।୧:** ବିଜେପି ପାଖରେ ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ସର୍ବାଧିକ ୭,୧୧୩.୮୦ କୋଟି ଟଙ୍କା ଥିଲା। ଯାହା ଦ୍ୱାରା ଏହା ଦେଶର ସବୁଠୁ ଧନୀ ରାଜନୈତିକ ଦଳ ବିବେଚିତ ହୋଇଛି। ସର୍ବପୁରାତନ ଦଳ କଂଗ୍ରେସ ପାଖରେ ୮୫୭.୧୫ କୋଟି ଟଙ୍କା ରହିଥିଲା। ସେହିଭଳି ବିଜେପି ୨୦୨୩-୨୪ରେ ସର୍ବାଧିକ ୧,୭୫୪.୦୬ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା କି ୨୦୨୨-୨୩ର ୧,୦୯୨ କୋଟି ତୁଳନାରେ ୬୦% ଅଧିକ। କଂଗ୍ରେସ ୨୦୨୩-୨୪ରେ ୬୧୯.୬୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଦଳ ୨୦୨୨-୨୩ରେ ୧୯୨.୫୬ କୋଟି ଟଙ୍କା ବ୍ୟୟ କରିଥିଲା। ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ବାର୍ଷିକ ଅଡିଟ୍ ରିପୋର୍ଟରୁ ଏହା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ୨୦୨୪ ମାର୍ଚ୍ଚ ୧୬ରେ ଲୋକସଭା ନିର୍ବାଚନ ତାରିଖ ଘୋଷଣା ହୋଇଥିଲା। ଇସି ରିପୋର୍ଟ ଦର୍ଶାଇଛି ଯେ ୨୦୨୩- ୨୪ରେ ନିର୍ବାଚନୀ ବଣ୍ଡ ଜରିଆରେ ବିଜେପି ୧,୬୮୫.୬୨ କୋଟି ଟଙ୍କାର ସ୍ୱେଚ୍ଛାକୃତ ପାଣ୍ଠି ଗ୍ରହଣ କରିଥିଲା, ଯାହା ପୂର୍ବ ବର୍ଷ ୧,୨୯୪.୧୫ କୋଟି ଟଙ୍କା ଥିଲା। ଏହାବ୍ୟତୀତ ଶାସକ ଦଳ ୨୦୨୩- ୨୪ରେ ଅନ୍ୟାନ୍ୟ ଚାନ୍ଦାରୁ ୨,୦୪୨.୭୫ କୋଟି ଟଙ୍କା ପାଇଥିଲା। ୨୦୨୨-୨୩ରେ ଏହା ୬୪୮.୪୨ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ କଂଗ୍ରେସ ୨୦୨୩- ୨୪ରେ ମୋଟ ୧,୨୨୫.୧୧ କୋଟି ଟଙ୍କା ଗ୍ରହଣ କରିଥିବା ଇସି ନିଜ ରିପୋର୍ଟରେ ଦର୍ଶାଇଛନ୍ତି।

## ସୈଫଙ୍କୁ ଆକ୍ରମଣ ମାମଲା ୧୪ଦିନିଆ ନ୍ୟାୟିକ ହେପାଜତକୁ ଗଲା ଅଭିଯୁକ୍ତ

**ମୁମ୍ବାଇ, ୨୯।୧:** ମୁମ୍ବାଇ ବାନ୍ଦ୍ରା ସ୍ଥିତ ବଲିଉଡ ଅଭିନେତା ସୈଫ ଅଲ୍ଲୀ ଖାନଙ୍କ ଉପରେ ହୋଇଥିବା ଆକ୍ରମଣ ମାମଲାରେ ପୋଲିସକୁ ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ଏହି ମାମଲାର ଯାଞ୍ଚ କରି ପୋଲିସ ଗିରଫ କରିଥିବା ମହମ୍ମଦ ଶରିଫୁଲ ଇସଲାମ ଶାହଜାଦକୁ ପଚରାଉଚରା କରୁଛି। ଏହି ମାମଲାରେ ଅନ୍ୟ କୌଣସି ବ୍ୟକ୍ତିଙ୍କ ଭୂମିକା ସାମ୍ନାକୁ ଆସିନାହିଁ। ଏହି ମାମଲାରେ ଆଜି କୋର୍ଟରେ ଗିରଫ ଅଭିଯୁକ୍ତକୁ ହାଜର କରାଯାଇଥିଲା। କୋର୍ଟ ଅଭିଯୁକ୍ତକୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଛନ୍ତି। ଅପରାଧୀ ଜଣକ ହତିଆର କେଉଁଠୁ କିଣିଥିଲା ତାହା ଯାଞ୍ଚ କରିଛି ପୋଲିସ। ସମସ୍ତ ହତିଆରକୁ ପୋଲିସ ଜବତ କରିଛି। ଆକ୍ରମଣ କରିବା ପୂର୍ବରୁ ଅଭିଯୁକ୍ତ ରେକି କରିଥିଲା, ତାହାର ଯାଞ୍ଚ ହେବାକୁ ବାକି ରହିଛି। ଆଉ କିଏ ସହଯୋଗୀ ରହିଛି ପୋଲିସ ତାର ଛାନଭିନ୍ କରୁଛି। ପୋଲିସର ଗୋଟେ ଟିମ୍ ପଶ୍ଚିମବଙ୍ଗ ଯାଇଛି। ଅପରାଧୀ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଛି। ଅଭିଯୁକ୍ତର ଫିଙ୍ଗରପ୍ରିଣ୍ଟ ମ୍ୟାଚ ହେଉନଥିବା ପ୍ରଶ୍ନର ଉତ୍ତରରେ ପୋଲିସ ଡିସିପି କହିଛନ୍ତି, ଆମକୁ ଏପର୍ଯ୍ୟନ୍ତ ଫିଙ୍ଗରପ୍ରିଣ୍ଟ ସମ୍ବନ୍ଧୀୟ କୌଣସି ରିପୋର୍ଟ ମିଳିନାହିଁ। ଫିଙ୍ଗରପ୍ରିଣ୍ଟ ବ୍ୟୁରୋକୁ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟକୁ ଆମେ ଅପେକ୍ଷା କରୁଛି। ତେବେ ଗିରଫ ହୋଇଥିବା ଯୁବକ ଆକ୍ରମଣକାରୀ ନୁହେଁ ବୋଲି ଚର୍ଚ୍ଚା ହେଉଥିଲା। ଯାହାକୁ ନେଇ ପୋଲିସ ସାମ୍ନାରେ ଅନେକ ପ୍ରଶ୍ନ ଉଠିଥିଲା। ଯାହାର ଉତ୍ତର ଦେଇଛନ୍ତି ପୋଲିସ। ସୂଚନାଯୋଗ୍ୟ, ୧୫ତାରିଖ ମଧ୍ୟରାତିରେ ସୈଫ ଅଲ୍ଲୀ ଖାନଙ୍କ ବାନ୍ଦ୍ରା ବାସଭବନ ୧୧ ମହଲାରେ ତାଙ୍କ ଉପରେ ଛୁରାମାଡ଼ କରିଥିଲା ଦୁର୍ବୃତ୍ତ। ଆକ୍ରମଣ ପରେ ସୈଫଙ୍କୁ ତାଙ୍କ ଡ୍ରାଇଭର ଏବଂ ସିକ୍ୟୁରିଟି ଗାର୍ଡ ପୁଅ ତୈମୁର ସହିତ ଅଟୋରେ ହସପିଟାଲ ନେଇ ଯାଇଥିଲେ। ଆକ୍ରମଣ କରିଥିବା ଯୁବକକୁ ମହାରାଷ୍ଟ୍ର ଥାନେରୁ ଗିରଫ କରିଥିଲା ମୁମ୍ବାଇ ପୋଲିସ।

# ମେଡିକାଲ ଆଡମିଶନ୍‌ରେ ମୂଳ ବାସିନ୍ଦାଙ୍କୁ ମିଳିବନି ସଂରକ୍ଷଣ



**ନୂଆଦିଲ୍ଲୀ,୨୯।୧:** ସାରା ଦେଶରେ ମେଡିକାଲ କଲେଜରେ ଆଡମିଶନକୁ ନେଇ ଜାରି ସଂରକ୍ଷଣ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ସର୍ବୋଚ୍ଚ ଅଦାଲତ ନିଜ ରାୟରେ କହିଛନ୍ତି, ମେଡିକାଲ କଲେଜରେ ପୋଷ୍ଟଗ୍ରାଜୁଏଟ୍ କୋର୍ସ ପାଇଁ ମୂଳବାସିନ୍ଦା ଆଧାରରେ ମିଳିବନି ସଂରକ୍ଷଣ ରାୟ। କୋର୍ଟ ଏହାକୁ ଅଣ ସମ୍ବିଧାନିକ ବୋଲି କହିଛନ୍ତି। ମୂଳବାସିନ୍ଦା ଆଧାରରେ ମିଳିବନି ସଂରକ୍ଷଣ। ମେଡିକାଲ କଲେଜରେ ପୋଷ୍ଟ ଗ୍ରାଜୁଏସନ୍ କୋର୍ସ ପାଇଁ ମିଳିବନି ଏଭଳି ସୁବିଧା। ଏନେଇ ରାୟ ଦେଇଛନ୍ତି ଦେଶର ସର୍ବୋଚ୍ଚ ଅଦାଲତ। ଏହା ସହ ଏଭଳି କରି ଅଣସମ୍ବିଧାନିକ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଏହା ଦ୍ୱାରା ସମ୍ବିଧାନର ଧାରା ୧୪ ର ଉଲଂଘନ କରି କହିଛନ୍ତି, ଏହାକୁ ଲାଗୁ କରିହେବନି। ସୁପ୍ରିମକୋର୍ଟଙ୍କ ତିନି ଜଣିଆ ଖଣ୍ଡପୀଠରେ ଜଷ୍ଟିସ୍ ଋଷିକେଶ ରାୟ, ଜଷ୍ଟିସ୍ ସୁଧାଂଶୁ ଧୁଲିୟା ଓ ଜଷ୍ଟିସ୍ ଏସ୍‌ଭିଏନ୍ ଭଟି ସାମିଲ ଥିଲେ। ଖଣ୍ଡପୀଠ କହିଛନ୍ତି, ଆମେ ସବୁ ଭାରତର ନିବାସୀ। ଏହା ରାଜ୍ୟ କିମ୍ବା ପ୍ରାଦେଶିକ ମୂଳବାସିନ୍ଦା ଭଳି କିଛି ନୁହେଁ। କେବଳ ଏକ ଡୋମିସାଇଲ୍ ରହିଛି। ସେଭଳି ଆମେ ସବୁ ଭାରତର ନିବାସୀ।'

ଏହାସହ ଖଣ୍ଡପୀଠ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ସମ୍ବିଧାନର ଧାରା ୧୯ ଅନୁସାରେ ପ୍ରତି ନାଗରିକ ଭାରତର ଯେ କୌଣସି ଅଂଶରେ ରହି ପାରନ୍ତି। ବାଣିଜ୍ୟ କିମ୍ବା ପେଶାଗତ କାର୍ଯ୍ୟ କରିବାର ଅଧିକାର ରହିଛି। ଏହି ଅଧିକାର ଶିକ୍ଷା ସଂସ୍ଥାନରେ ଆଡମିଶନରେ ମଧ ଲାଗୁ ହେଉଛି। ତେଣୁ ମୂଳବାସିନ୍ଦା ଆଧାରରେ କୌଣସି କଟକଣା ପିଜି ସ୍ତରରେ ଏଭଳି ମୌଳିକ ସିଦ୍ଧାନ୍ତକୁ ପ୍ରଭାବିତ କରିଥାଏ। ସୁପ୍ରିମକୋର୍ଟ କହିଛନ୍ତି, କିଛି ସ୍ତର ପର୍ଯ୍ୟନ୍ତ ଡୋମିସାଇଲ ଆଧାରିତ ସଂରକ୍ଷଣ ଅଣ୍ଡରଗ୍ରାଜୁଏଟ୍ ଆଡମିଶନ୍‌ରେ ମାନ୍ୟତା ଦିଆଯାଇପାରେ, କିନ୍ତୁ ପିଜି ମେଡିକାଲ କୋର୍ସରେ ନୁହେଁ। କୋର୍ସରେ ବିଶେଷଜ୍ଞ ଓ କୌଶଳ ଗୁରୁତ୍ୱପୂର୍ଣ୍ଣ। ପିଜି ମେଡିକାଲ କୋର୍ସରେ ଡାକ୍ତରଙ୍କ ଆବଶ୍ୟକତା ଅଧିକ। ତେଣୁ ମୂଳବାସିନ୍ଦା ଆଧାରିତ ସଂରକ୍ଷଣ ଉଚ୍ଚସ୍ତରରେ ସମ୍ବିଧାନର ଅନୁଚ୍ଛେଦ ୧୪ର ଉଲଂଘନ ହେବ।

ଏହି ନିଷ୍ପତ୍ତିରେ କୋର୍ଟ ସେହି ଛାତ୍ରଙ୍କୁ ଆଶ୍ୱସ୍ତି ଦେଇଛନ୍ତି ଯେଉଁମାନେ ବର୍ତ୍ତମାନ ଡୋମିସାଇଲ ଆଧାରିତ ସଂରକ୍ଷଣ ଅନୁସାରେ, ପିଜି ମେଡିକାଲ କୋର୍ସେସରେ ଆଡମିଶନ ନେଇସାରିଛି କିମ୍ବା ଯେଉଁମାନେ ପିଜି ମେଡିକାଲ ଶିକ୍ଷା ପୁରା କରି ସାରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହି ନିଷ୍ପତ୍ତି ଭବିଷ୍ୟତରେ ଆଡମିଶନ୍‌କୁ ପ୍ରଭାବିତ କରିବ, କିନ୍ତୁ ଯେଉଁ ଛାତ୍ର ବର୍ତ୍ତମାନ ପିଜି କୋର୍ସ କରୁଛନ୍ତି କିମ୍ବା ପୂର୍ବରୁ ଶେଷ କରିସାରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଏହି ନିଷ୍ପତ୍ତି ଭବିଷ୍ୟତରେ ଆଡମିଶନ୍ ନେବାକୁ ଥିବା ଛାତ୍ରଙ୍କୁ ପ୍ରଭାବିତ କରିବ। କିନ୍ତୁ ଯେଉଁ ଛାତ୍ର ଏବେ ପିଜି କରୁଛନ୍ତି କିମ୍ବା ପୂର୍ବରୁ ଶେଷ କରିସାରିଛନ୍ତି ତାଙ୍କୁ ଏଥିରେ କୌଣସି ଫରକ ପଡିବନି। ଏହି ମାମଲା ୨୦୧୯ ରେ ଡକ୍ଟର ତନଭି ବେହେଲ ବନାମ ଶ୍ରେୟୀ ଗୋୟଲ ଓ ଅନ୍ୟମାନେ ସାମନାକୁ ଆସିଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅପିଲ କରାଯାଇଥିଲା। ହାଇକୋର୍ଟଙ୍କ ରାୟରେ ପିଜି ମେଡିକାଲ ଆଡମିସନ୍‌ରେ ଡୋମିସାଇଲ ସଂରକ୍ଷଣକୁ ଅଣସମ୍ବିଧାନିକ ଘୋଷିତ କରାଯାଇଥିଲା। ଏହି ଗମ୍ଭୀର ମାମଲାକୁ ଦେଖି ସୁପ୍ରିମକୋର୍ଟଙ୍କ ଏକ ବଡ଼ ଖଣ୍ଡପୀଠ ନିକଟକୁ ପଠାଇବାର ନିଷ୍ପତ୍ତି ନେଇଛି। ଏବେ ତିନି ବିଚାରପତିଙ୍କ ଖଣ୍ଡପୀଠ ଏହି ମାମଲାରେ ଅନ୍ତିମ ନିଷ୍ପତ୍ତି ନେଇଛି।

## ଅନଲାଇନ୍ ନୋଟିସ୍ ଉପରେ ସୁପ୍ରିମକୋର୍ଟଙ୍କ କଟକଣା

**ନୂଆଦିଲ୍ଲୀ, ୨୯।୧:** ଅଭିଯୁକ୍ତଙ୍କୁ ଅନଲାଇନ୍‌ରେ ନୋଟିସ୍ ପଠାଇ ପାରିବନି ପୁଲିସ। ଦେଶର କୌଣସି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଅଭିଯୁକ୍ତଙ୍କୁ ହ୍ୱାଟ୍‌ସଆପ୍, ଇ-ମେଲ୍ କିମ୍ବା ଅନ୍ୟ ଇଲୋକ୍ଟ୍ରୋନିକ ମାଧମରେ ନୋଟିସ୍ ପଠାଇ ପାରିବ ନାହିଁ। କ୍ରିମିନାଲ ପ୍ରୋସିଜର କୋଡ୍ କିମ୍ବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅଧୀନରେ ଏଭଳି କରିବାକୁ ପୁଲିସକୁ ଅନୁମତି ମିଳିନାହିଁ। ଜାନୁଆରୀ ୨୧ ତାରିଖରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଏମ୍ ଏମ୍ ସୁନ୍ଦରେଶ ଓ ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କ ଖଣ୍ଡପୀଠ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସିଆର୍‌ପିସି, ୧୯୭୩ର ଧାରା ୪୧ଏ କିମ୍ବା ବିଏନ୍‌ଏସ୍‌ଏସ୍, ୨୦୨୩ର ଧାରା ୩୫ ଅଧୀନରେ ଆଇନଗତ ନୋଟିସ୍ ପଠାଇବା ଲାଗି ଯେଉଁ ମାଧମକୁ ଅନୁମତି ମିଳିଛି ସେହି ମାଧମରେ ନୋଟିସ୍ ପଠାଇବାକୁ ପୁଲିସକୁ ଉଚିତ୍ ନିର୍ଦ୍ଦେଶ ଜାରି କରିବା କଥା କହିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ହ୍ୱାଟ୍‌ସ ଆପ୍ କିମ୍ବା ଅନ୍ୟ ଇଲୋକ୍ଟ୍ରୋନିକ ଉପକରଣ ଦ୍ୱାରା ନୋଟିସ୍‌କୁ ସିଆର୍‌ପିସି, ୧୯୭୩ କିମ୍ବା ବିଏନ୍‌ଏସ୍‌ଏସ୍, ୨୦୨୩ର ଅଧୀନରେ ନିର୍ଦ୍ଧାରିତ ସେବା ଉପାୟର ବିକଳ୍ପ ଭାବେ ମାନ୍ୟତା ଦେଇହେବନାହିଁ।

### କଂଗ୍ରେସ ଘୋଷଣା କଲା ଏସବୁ ପ୍ରତିଶ୍ରୁତି

## ୫ ଟଙ୍କାରେ ପେଟପୁରା ଖାଦ୍ୟ ସାଙ୍ଗକୁ ୨୫ ଲକ୍ଷର ସ୍ୱାସ୍ଥ୍ୟବୀମା

**ନୂଆଦିଲ୍ଲୀ, ୨୯।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ୨୦୨୫ ମତଦାନ ପାଇଁ ଦେବାକୁ ଆଉ ମାତ୍ର କିଛି ଦିନ ବାକି ଅଛି। ଦିଲ୍ଲୀ ନିର୍ବାଚନ ପାଇଁ ବିଜେପି ଏବଂ ଆପ ସେମାନଙ୍କର ଘୋଷଣାପତ୍ର ପ୍ରକାଶ କରିସାରିଛନ୍ତି। ଏହି ସମୟରେ, କଂଗ୍ରେସ ଆଜି ଦିଲ୍ଲୀ ନିର୍ବାଚନ ପାଇଁ ତାର ଘୋଷଣାପତ୍ର ପ୍ରକାଶ କରିଛି। ଆପଣଙ୍କୁ କହିରଖୁଛୁ ଯେ କଂଗ୍ରେସ ଦିଲ୍ଲୀ ନିର୍ବାଚନ ସମ୍ପର୍କରେ ୫ଟି ଗ୍ୟାରେଣ୍ଟି ଦେଇଛି। ଯେଉଁଥିରେ କଂଗ୍ରେସ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ବେକାର ଯୁବକ ଯୁବତୀଙ୍କୁ ମାସିକ ୮୫୦୦ ଟଙ୍କା, ୫୦୦ ଟଙ୍କାରେ ସିଲିଣ୍ଡର, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବାକୁ ପ୍ରତିଶ୍ରୁତି ଦେଇଥିଲା। କଂଗ୍ରେସ ୫୦୦ ଟଙ୍କାରେ ଏଲପିଜି ସିଲିଣ୍ଡର ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ଏହା ସହିତ, ଦଳ ପ୍ରତି ମାସରେ ଏକ ମାଗଣା ରାସନ୍ କିଟ୍ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି ଯେଉଁଥିରେ ୫ କିଲୋ ଚାଉଳ, ୧ କିଲୋ ତେଲ, ୬ କିଲୋ ଡାଲି, ୨୫୦ ଗ୍ରାମ ଚାପତି, ୧ କିଲୋ ଚିନି ରହିଛି। ସ୍ୱାସ୍ଥ୍ୟ ବୀମା- କଂଗ୍ରେସ ଦିଲ୍ଲୀବାସୀଙ୍କୁ ୨୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେବ ବୋଲି କହିଛି। ଏଥିରେ ମାଗଣା ଔଷଧ ଏବଂ ପରୀକ୍ଷା ମଧ୍ୟ ଅନ୍ତର୍ଭୁକ୍ତ।

ପ୍ୟାରୀ ଦିଦି ଯୋଜନା ଅନୁଯାୟୀ, କଂଗ୍ରେସ ପ୍ରତି ମାସରେ ମହିଳାଙ୍କୁ ୨୫୦୦ ଟଙ୍କାର ସହାୟତା ପ୍ରଦାନ କରିବ। ମାଗଣା ବିଦ୍ୟୁତ୍ ଯୋଜନା ଅଧୀନରେ ଦଳ ସମସ୍ତ ଯୋଗ୍ୟ ପରିବାରକୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ଉଡାନ ଯୋଜନାରେ ସମସ୍ତ ବେକାର ଯୁବକ ଯୁବତୀଙ୍କୁ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଗୋଟିଏ ବର୍ଷର ଶିକ୍ଷାନବିସ ପ୍ରଦାନ କରାଯିବ। ଏହା ଅଧୀନରେ, ପ୍ରତି ମାସରେ ୮୫୦୦ ଟଙ୍କା ଦିଆଯିବ।

ଏହି ୫ଟି ଗ୍ୟାରେଣ୍ଟି ବ୍ୟତୀତ, ଦଳ ୧୦୦ଟି ଇନ୍ଦିରା କ୍ୟାଣ୍ଟିନ୍ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛି। ଇନ୍ଦିରା କ୍ୟାଣ୍ଟିନ୍ ମାଧ୍ୟମରେ ୫ ଟଙ୍କାରେ ଖାଦ୍ୟ ଯୋଗାଇ ଦିଆଯିବ। ଟ୍ରାନ୍ସଜେଣ୍ଡର ବର୍ଗକୁ ଛାତ୍ରବୃତ୍ତି ଠାରୁ ଆରମ୍ଭ କରି ଛାତ୍ରାବାସ ପର୍ଯ୍ୟନ୍ତ ସୁବିଧା ଯୋଗାଇ ଦିଆଯିବ। ଦଳ ଦଳିତ ସମ୍ପ୍ରଦାୟ ପାଇଁ ମାଗଣା ଚାରିଧାମ ଯାତ୍ରାର ମଧ୍ୟ ପ୍ରତିଶ୍ରୁତି ଦେଇଛି।

# ସାଉଦି ଆରବରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୯ ଭାରତୀୟ ମୃତ



**ଜେଦା, ୨୯।୧:** ସାଉଦି ଆରବରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୯ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଜେଦ୍ଦାରେ ଥିବା ଭାରତୀୟ ମିଶନ ଏ ବିଷୟରେ ସୂଚନା ଦେଇଛି। ମିଶନ କହିଛି ଯେ ପଶ୍ଚିମ ସାଉଦି ଆରବର ଜିଜାନ ନିକଟରେ ଏହି ଦୁର୍ଘଟଣା ଘଟିଛି। ସେମାନେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି। ଭାରତୀୟ ମିଶନ ସାଉଦି ଅଧିକାରୀଙ୍କ ସମ୍ପର୍କରେ ମଧ୍ୟ ରହିଛି।

ଏହି ଦୁର୍ଘଟଣାକୁ ନେଇ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଦୁର୍ଘଟଣା ଏବଂ ଲୋକଙ୍କ ମୃତ୍ୟୁ ବିଷୟରେ ଜାଣି ଦୁଃଖିତ। 'ଏକ୍ସ'ରେ ଏକ ପୋଷ୍ଟରେ ବୈଦେଶିକ ମନ୍ତ୍ରୀ କହିଛନ୍ତି, ଜେଦ୍ଦାରେ ଆମର କନସୁଲ ଜେନେରାଲଙ୍କ ସହ କଥାବାର୍ତ୍ତା ହୋଇଛି। ସେ ଏହି ଦୁଃଖଦ ପରିସ୍ଥିତିରେ ପୂର୍ଣ୍ଣ ସମର୍ଥନ ଦେଉଛନ୍ତି। ଭାରତୀୟ ବାଣିଜ୍ୟ ଦୂତାବାସ 'ଏକ୍ସ' ପୋଷ୍ଟରେ କହିଛି, ସାଉଦି ଆରବର ପଶ୍ଚିମ ଅଞ୍ଚଳ ଜିଜାନ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୯ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ମୃତ୍ୟୁକୁ ନେଇ ଆମେ ଗଭୀର ସମବେଦନା ଜଣାଉଛୁ। ପୀଡ଼ିତଙ୍କ ପରିବାର ପ୍ରତି ଆମର ସମବେଦନା। ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମଧ୍ୟ ଆମେ ପ୍ରାର୍ଥନା କରୁଛୁ। ଏହିପରି ଅନ୍ୟ ଏକ ଘଟଣାରେ ଗତକାଲି ଭାରତୀୟ ମତ୍ସ୍ୟଜୀବୀଙ୍କ ଉପରେ ଗୁଳି ଚଳାଇଥିଲା ଶ୍ରୀଲଙ୍କା ନୌସେନା। ଏଥିରେ ୫ ମତ୍ସ୍ୟଜୀବୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିଲା। ଏହି ଘଟଣାରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କଡ଼ା ପ୍ରତିକ୍ରିୟା ଦେଇ ଶ୍ରୀଲଙ୍କା ନୌସେନାର କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଥିଲା। ଏ ନେଇ ମନ୍ତ୍ରଣାଳୟ ଶ୍ରୀଲଙ୍କାର ଉଚ୍ଚାୟୁକ୍ତଙ୍କୁ ତଲବ କରିଥିଲା।

# ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୨ ନକ୍ସଲ ନିପାତ

**ରାଞ୍ଚି,୨୯।୧:** ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଜିଲ୍ଲା ରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ ମହିଳାଙ୍କ ସମେତ ୨ ନିକ୍ସଲ ନିପାତ ହୋଇଛନ୍ତି। ୨ଟି ରାଇଫଲ ଜବତ ହୋଇଛି। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ପଶ୍ଚିମ ସିଂହଭୂମ ଜିଲ୍ଲାଠୁ ୮୦କିମି ଦୂର ସୋନୁଆ ଥାନା ଅଞ୍ଚଳରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୨ ନକ୍ସଲ ନିପାତ ହୋଇଛନ୍ତି। ପଶ୍ଚିମ ସିହଭୂମ ଏସପି ଆଶୁତୋଷ ଶେଖର କହିଛନ୍ତି, ଚାଇବାସା ଜିଲ୍ଲା ପୋଲିସ ଓ ସିଆରପିଏଏଫର ମିଳିତ ଅପରେସନରେ ଏହି ସଫଳତା ମିଳିଛି। ପତିରାମ ମାଝୀ ଓରଫ ଅନଲ, ଅସିମ ମଣ୍ଡଳ ଏବଂ ଅନମୋଲ ଆଦି ନକ୍ସଲଙ୍କ ସାଥୀ ନିହତ ହୋଇଛନ୍ତି। ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ରାଞ୍ଚି ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ମିଳିଥିବା ସୂଚନା ଅନୁସାରେ ପାଖାପାଖି ୩୫ ମିନିଟ ଧରି ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୨ ନିକ୍ସଲ ନିପାତ ହୋଇଛନ୍ତି। ଦୁଇଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ୨ଟି ଇନସାସ୍ ରାଇଫଲ ଜବତ ହୋଇଛି। କିଛି ଦିନ ତଳେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଜଙ୍ଗଲରେ ମାଓଦମନ ଅଭିଯାନ ହୋଇଥିଲା। ୪ ଦିନ ଧରି ୫୦୦ ସୁରକ୍ଷାକର୍ମୀ ଘେରାବନ୍ଦୀ ପରେ ୨୭ ଜଣ ମାଓବାଦୀ ସହ ଟପ୍ କମାଣ୍ଡର ଜୟରାମଙ୍କୁ ଏନ୍‌କାଉଣ୍ଟର କରିଥିଲେ। ସୁରକ୍ଷାକର୍ମୀଙ୍କ ପାଇଁ ଏହା ଏକ ବଡ ସଫଳତା ଥିଲା। ନୂଆପଡ଼ା ଜିଲ୍ଲା ସୀମାନ୍ତରୁ ୫କିମି ଦୂର ଗରିଆବନ୍ଧ ଅଞ୍ଚଳରେ ଯବାନଙ୍କ ଗୁଳିରେ ୨୭ଜଣ ନକ୍ସଲ ନିହତ ହୋଇଛନ୍ତି। ୧୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବେଳେ ବିପୁଳ ଅସ୍ତ୍ରଶସ୍ତ୍ର ମଧ ମିଳିଥିଲା।

# ଭାରତ-ଆମେରିକା ତିକ୍ତତା ବଢ଼ାଇବାକୁ ରୁଷିଆର ଯୋଜନା



**ମସ୍କୋ, ୨୯।୧:** ୟୁକ୍ରେନ ଯୁଦ୍ଧକୁ ଦୃଷ୍ଟିରେ ରଖି ଆମେରିକାର ଜୋ ବାଇଡେନ ପ୍ରଶାସନ କ୍ଷମତାରୁ ଯିବା ପୂର୍ବରୁ ରୁଷିଆ ଉପରେ ଲାଗିଥିବା ପ୍ରତିବନ୍ଧକକୁ କଡାକଡି କରିଥିଲେ। ରୁଷିଆ ତେଲ ରପ୍ତାନି ଉପରେ ଆମେରିକା ଅନେକ ନୂଆ ପ୍ରତିବନ୍ଧକ ଲଗାଇଛି, ଯାହା ଭାରତ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହା ପରେ ମଧ ରୁଷିଆ ଭାରତକୁ ୫ ତେଲ ଟ୍ୟାଙ୍କର୍ ପଠାଇଛି। ଆମେରିକା ଦ୍ୱାରା କଳା ତାଲିକାଭୁକ୍ତ ଏହି ରୁଷିଆ ଟ୍ୟାଙ୍କର ଗୁଡ଼ିକ ଭାରତ ପାଇଁ ଏକ ସଙ୍କଟ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଭାରତ ପୂର୍ବରୁ କହିଥିଲା ଯେ, ଯଦି ଜାନୁଆରି ୧୦ ପୂର୍ବରୁ ଜାହାଜରେ କୌଣସି ତେଲ ଲୋଡ୍ ହୋଇଥାଏ, ତେବେ ଏହାକୁ ଭାରତୀୟ ବନ୍ଦରରେ ଅନଲୋଡ୍ କରିବାକୁ ଅନୁମତି ଦିଆଯିବ। ରୁଷିଆ ପଠାଉଥିବା ନୂତନ ତୈଳ ଟ୍ୟାଙ୍କର୍ ଭାରତ ଦେଇଥିବା ରିହାତିର ଅତିରିକ୍ତ। ବାଇଡେନ କ୍ଷମତାରୁ ଯିବା ପୂର୍ବରୁ ଆମେରିକାର ଟ୍ରେଜେରୀ ବିଭାଗ ଜାନୁଆରି ୧୦ ରେ ରୁଷିଆ ବିରୋଧରେ କଟକଣା ଘୋଷଣା କରିଥିଲେ। ରୁଷିଆର ୫ ତେଲ ଟ୍ୟାଙ୍କର୍ ଏହି ଦିନ ପରେ ଭାରତ ମୁହାଁ ହୋଇଥିବା କୁହାଯାଉଛି। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ ରୁଷିଆର ଏହି ପଦକ୍ଷେପ ଉଭୟ ମସ୍କୋ ଏବଂ ନୂଆଦିଲ୍ଲୀର ପରୀକ୍ଷା କରିବ। ପାଶ୍ଚାତ୍ୟ ଦେଶମାନେ ମଧ ଏହା ଉପରେ ନଜର ରଖିଛନ୍ତି, ଯେଉଁମାନେ ୟୁକ୍ରେନ ପ୍ରସଙ୍ଗରେ ରୁଷିଆକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି। ଆମେରିକାର ଏହି ପ୍ରତିବନ୍ଧକ ସତ୍ତ୍ୱେ ରୁଷିଆ ବିଶେଷ ପ୍ରଭାବିତ ହୋଇନାହିଁ ଏବଂ ତୈଳ ଯୋଗାଣ ଜାରି ରଖିଛି। ସୁଏଜ୍ କେନାଲ ଦେଇ ରୁଷିଆ ତେଲ ଭାରତକୁ ଆସୁଛି। ୟୁକ୍ରେନ ଯୁଦ୍ଧ ମଧରେ ରୁଷିଆ ପାଇଁ ତୈଳ ବିକ୍ରି ଏକ ଲାଇଫ୍ ଲାଇନ୍ ପାଲଟିଛି। ଅନେକ ବିଶ୍ଳେଷକ କହିଛନ୍ତି ଯେ, ଆମେରିକାର କାର୍ଯ୍ୟ ତୈଳ ଯୋଗାଣ ଉପରେ ନକାରାତ୍ମକ ପ୍ରଭାବ ପକାଇବ। ଏହି ସମୟରେ, ରଏଟର୍ସ ରିପୋର୍ଟ କରିଛି ଯେ, ମାର୍ଚ୍ଚ ପାଇଁ ଚୀନ୍ ଏବଂ ଭାରତ ରୁଷିଆର ତେଲ କ୍ରୟକୁ ବନ୍ଦ କରି ଦେଇଛନ୍ତି। ଏହା ପଛର କାରଣ ହେଉଛି ରୁଷିଆର ପ୍ରତିବନ୍ଧକ ଯୋଗୁ ଜାହାଜ ପରିବହନ ମୂଲ୍ୟ ବହୁତ ଅଧିକ ହୋଇଯାଉଛି। ଏହାପୂର୍ବରୁ ଆମେରିକାର ଟ୍ରେଜେରୀ ବିଭାଗ ୧୮୩ ରୁଷିଆ ଜାହାଜକୁ ଟାର୍ଗେଟ କରି ଅନେକ କଠୋର ପ୍ରତିବନ୍ଧକ ଲଗାଇଥିଲା। ଆମେରିକା ଚାହୁଁଛି ରୁଷିଆର ଆୟ ହ୍ରାସ ହେଉ ଯାହା ଦ୍ୱାରା ଏହା ବୁଝାମଣା ଟେବୁଲକୁ ଆସିପାରିବ। କ୍ଷମତା ଗ୍ରହଣ କରିବା ପରଠାରୁ ଡୋନାଲ୍ଡ ଟ୍ରମ୍ପ ଆଲୋଚନା ପାଇଁ ଭ୍ଲାଡିମିର ପୁଟିନଙ୍କ ଉପରେ ଚାପ ବୃଦ୍ଧି କରିଛନ୍ତି। ଟ୍ରମ୍ପଙ୍କୁ ଭେଟିବାକୁ ସେ ପ୍ରସ୍ତୁତ ବୋଲି ପୁଟିନ କହିଛନ୍ତି। ଟ୍ରମ୍ପ ରୁଷିଆକୁ ମଧ ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଯଦି ପୁଟିନ ବୁଝାମଣା କରିବାକୁ ପ୍ରସ୍ତୁତ ନୁହଁନ୍ତି ତେବେ ସେ ରୁଷିଆ ବିରୋଧରେ ଆହୁରି କଠୋର କଟକଣା ଲାଗୁ କରିବେ। ଏହାପୂର୍ବରୁ ଟ୍ରମ୍ପ ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲେ ଯେ, ଯଦି ସେ କ୍ଷମତାକୁ ଆସନ୍ତି ତେବେ ସେ ୟୁକ୍ରେନ ଯୁଦ୍ଧ ବନ୍ଦ କରିବେ। ଏହି ବିଷୟରେ ଟ୍ରମ୍ପଙ୍କ ଉପରେ ମଧ ଚାପ ରହିଛି। ଅନେକ ବିଶ୍ଳେଷକ କହିଛନ୍ତି ଯେ, ଯଦି ଭାରତ ରୁଷିଆର ତେଲ ନିଏ, ତେବେ ଏଭଳି ପଦକ୍ଷେପ ଦ୍ୱାରା ଆମେରିକା ସହ ସମ୍ପର୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।

# ରଣଜୀ ଟ୍ରଫି ; ମୁମ୍ବାଇ ଦଳରୁ ରୋହିତ, ଆୟର, ଜୈସ୍ୱାଲ ଆଉଟ୍



**ମୁମ୍ବାଇ,୨୯।୧:** ରଣଜୀ ଟ୍ରଫି ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ୍ ମୁମ୍ବାଇ ତାର ଅନ୍ତିମ ରାଉଣ୍ଡ ଲିଗ୍ ମୁକାବିଲାରେ ମେଘାଳୟକୁ ଭେଟିବ। ଏହି ମ୍ୟାଚ୍ ପାଇଁ ମୁମ୍ବାଇ ଦଳ ଘୋଷଣା କରାଯାଇଛି। ଗତ ଜମ୍ମୁ ଓ କାଶ୍ମୀର ବିପକ୍ଷ ମ୍ୟାଚ୍ ଖେଳିଥିବା ରୋହିତ ଶର୍ମା, ଯଶସ୍ୱୀ ଜୈସ୍ୱାଲ ଓ ଶ୍ରେୟାସ ଆୟରଙ୍କୁ ଦଳରୁ ବାଦ ଦିଆଯାଇଛି। ଇଂଲଣ୍ଡ ବିପକ୍ଷ ଆଗାମୀ ଦିନିକିଆ ସିରିଜ ପାଇଁ ୩ ଖେଳାଳିଙ୍କୁ ଦଳରୁ ବାଦ ଦିଆଯାଇଛି।

ଆସନ୍ତା ୬ତାରିଖରୁ ଦିନିକିଆ ସିରିଜ ଆରମ୍ଭ ହେବ। ବିରାଟ କୋହଲି ଓ କେଏଲ ରାହୁଲ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଦଳରେ ସ୍ଥାନ ପାଇଥିଲେ ହେଁ ରଣଜୀ ଟ୍ରଫିର ଅନ୍ତିମ ରାଉଣ୍ଡ ଲିଗ୍ ମୁକାବିଲା ଖେଳିବେ। ଉଭୟ ଗତ ୨୩ ରୁ ୨୬ ତାରିଖ ମଧ୍ୟରେ ଖେଳାଯାଇଥିବା ଷଷ୍ଠ ରାଉଣ୍ଡ ମୁକାବିଲା ଖେଳି ନଥିଲେ। ମାତ୍ର ରୋହିତ ଓ ଜୈସ୍ୱାଲ୍ ଉକ୍ତ ରାଉଣ୍ଡରେ ଖେଳିଥିଲେ। ଅବଶ୍ୟ ଉଭୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଓ ଚମ୍ପିଅନ୍ସ ଟ୍ରଫି ପାଇଁ ରୋହିତ ଓ ଜୈସ୍ୱାଲଙ୍କୁ ବାଦ ଦିଆଯାଇଥିବା ସୂଚନା ମିଳିଛି।

ଆୟର ମୁମ୍ବାଇ ପକ୍ଷରୁ ସମ୍ପୂର୍ଣ୍ଣ ଘରୋଇ ସିଜନ ଉପଲବ୍ଧ ରହିଥିଲେ। ଏଥର ରଣଜୀ ଟ୍ରଫିରେ ଆୟର ୭ଟି ଇନିଂସରୁ ୬୮.୫୭ ହାରରେ ୪୮୦ରନ୍ ସଂଗ୍ରହ କରିଥିଲେ। ସେହିପରି ବିଜୟ ହଜାରେ ଟ୍ରଫିରେ ୫ଟି ମ୍ୟାଚ୍‌ରୁ ୩୨୫ ରନ୍ ଓ ସୟଦ ମୁସ୍ତାକ ଅଲି ଟି-ଟ୍ୱେଣ୍ଟିରେ ୧୮୮.୫୨ ଷ୍ଟ୍ରାଇକ ରେଟ୍‌ରେ ୩୪୫ ରନ୍ ସଂଗ୍ରହ କରିଥିଲେ।

ଦଳ: ଅଜିଙ୍କ୍ୟ ରାହାଣେ (ଅଧିନାୟକ), ଆୟୁଷ ମାହତ୍ରେ, ଅଙ୍ଗକ୍ରିଶ ରଘୁବଂଶୀ, ଅମୋଘ ଭଟକଲ, ସିଦ୍ଧେଶ ଲାଡ, ଆକାଶ ଆନନ୍ଦ, ହାର୍ଦ୍ଦିକ ତାମୋରେ, ସୂର୍ୟାଂଶ ସେଗେ, ସର୍ଦ୍ଦୁଲ ଠାକୁର, ସାମ୍ସ ମୁଲାନି, ତନୁଶ କୋଟିଆନ୍, ମୋହିତ ଅବସ୍ତି, ସିଲଭିଷ୍ଟର ଡିସୁଜା, ରୟଷ୍ଟନ ଡାଏସ, ଶ୍ରେୟାସ ଗୌରବ, ଅଥର୍ବ ଆଙ୍କୋଲେକର।

## ବାଙ୍କୁଆଳ ପ୍ରିମିୟର ଲିଗରେ କେଶୁରା ଚାମ୍ପିୟନ



**ଭୁବନେଶ୍ୱର,୨୯।୧ (ସଂଚାର ବ୍ୟୁରୋ):** ଜଗବନ୍ଧୁ ମେମୋରିଆଲ ବାଙ୍କୁଆଳ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏହାର ଫାଇନାଲରେ ଯାଆଁଳା କ୍ରିକେଟ୍ କ୍ଲବକୁ ହରାଇ କେଶୁରା ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଯାଆଁଳା ୧୭.୩ ଓଭରରେ ୧୩୩ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ କେଶୁରା ଦଳ ୯ ଉଇକେଟ ହରାଇ ଶେଷ ଓଭରରେ ମ୍ୟାଚ ଜିତିଥିଲା। କେଶୁରା ଦଳ ପକ୍ଷରୁ ଲୋକନାଥ ପାତ୍ର ୫ ଉଇକେଟ ସଫଳତା ପାଇବା ସହ ୩୫ରନ କରି ଅଲ୍‌ରାଉଣ୍ଡ ସଫଳତା ଅର୍ଜନ କରିଥିଲେ। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଯାଆଁଳା ଦଳର ଅଭିମନ୍ୟୁ ସ୍ୱାଇଁ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନରଅପ୍ ଦଳକୁ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଏବଂ ଧଉଳି ମଣ୍ଡଳ ଭାଜପା ସଭାପତି ସୂର୍ଯ୍ୟ ରଞ୍ଜନ ସାହୁ, ସାମାଜିକ କର୍ମୀ ବିଜୟ ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି କବିରାଜ ସ୍ୱାଇଁ, ସାମାଜିକ କର୍ମୀ କ୍ଷୀରୋଦ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭାଗବତ ମୁଖୀ, ଲକ୍ଷ୍ମୀଧର ପ୍ରଧାନ, ତ୍ରୈଲୋକ୍ୟ ସ୍ୱାଇଁ, ହାଡିବନ୍ଧୁ ସ୍ୱାଇଁ, ଅଭିମନ୍ୟୁ ସାମନ୍ତରାୟ, ରିଲା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ଅମିତ୍ 'ମିଷ୍ଟର ଓଡ଼ିଶା-୨୦୨୫'




**ଭୁବନେଶ୍ୱର,୨୯।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର କୁରୁଡ଼ାଛକ ଏବିଏ କଲେଜ ପରିସରରେ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା ୨ ଦିନଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ୨୦ ଜିଲାରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିସହିତ ପୁରୁଷ ଫିଜିକ୍ ସ୍ପୋଟର୍ସରେ ୨ଟି ବିଭାଗ ଏବଂ ମହିଳା ଓ ମାଷ୍ଟର୍ସ ବର୍ଗରେ ଗୋଟିଏ ଲେଖାଏ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ୫୫ କେଜିରୁ ୯୦ କେଜିରୁ ଅଧିକ ଓଜନ ବର୍ଗରେ ହୋଇଥିବା ପ୍ରତିଯୋଗିତାଗୁଡ଼ିକର ଫଳାଫଳକୁ ବିଚାରକୁ ନିଆଯାଇ ଭୁବନେଶ୍ୱରର ଅମିତ କୁମାର ଭୂୟାଁ 'ମିଷ୍ଟର ଓଡ଼ିଶା-୨୦୨୫' ବିବେଚିତ ହୋଇଥିଲେ। ଏହା ହେଉଛି ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସର୍ବୋଚ୍ଚ ଉପାଧି। ୫୫ କେଜିରେ ଲିପୁ ବେହେରା, ପ୍ରବୀର ବେହେରା ଓ ମୁକେଶ କୁମାର ଦାସ, ୬୦ କେଜି ଓଜନ ବର୍ଗରେ ରାକେଶ ବାଗ, ନାରାୟଣ ନାୟକ ଓ ଆକାଶ ପାତ୍ର, ୬୫ କେଜି ବର୍ଗରେ ଶେକ୍ ଜାଇନୁଲ, ସଞ୍ଜିତ ବେହେରା ଓ ରଶ୍ମି ରଞ୍ଜନ ଲେଙ୍କା, ୭୦ କେଜିରେ ବଲାଲ ଖାଁ, ରଞ୍ଜନ ନାୟକ ଓ ସଞ୍ଜୀବ ମହାପାତ୍ର, ୭୫ କେଜିରେ ଅମିତ କୁମାର ଭୂୟାଁ, ଗୌରବ ପାତ୍ର-ଅଭିଷେକ ଦାଶ (ଯୁଗ୍ମ ଦ୍ୱିତୀୟ) ଓ ବଳରାମ ଲେଙ୍କା, ୮୦ କେଜିରୁ ଉର୍ଦ୍ଧ୍ୱ ବର୍ଗରେ ଶୁଭମ୍ ମିଶ୍ର, ପାର୍ଥ ସାରଥି ଜେନା ଓ ସଞ୍ଜୟ କୁମାର ଜେନା, ୮୫ କେଜିରେ ଜିତେନ୍ଦ୍ର କୁମାର ପଲାଇ, ରଞ୍ଜନ ଚୌଧୁରୀ ଓ ବାପୁନ ବେହେରା, ୯୦ କେଜି ଓଜନ ବର୍ଗରେ ସଞ୍ଜୟ ବାନାର୍ଜୀ, ବିଦିପ୍ତ ପ୍ରସନ୍ନ ନାୟକ ଓ ଦୀପକ କୁମାର ବେହେରା, ୯୦ କେଜିରୁ ଉର୍ଦ୍ଧ୍ୱ ଓଜନ ବର୍ଗରେ ସ୍ମୃତି ରଞ୍ଜନ ସାମଲ, ଗୁଣ୍ଡେଲ ମହାକୁଡ଼ ଓ ରାମଚନ୍ଦ୍ର ପାଣିଗ୍ରାହୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ୧୬୫ ସେମି ଉଚ୍ଚତା ବର୍ଗରେ ହେମନ୍ତ କୁମାର ଭୋଇ ଏବଂ ତା'ଠାରୁ ଅଧିକ ଉଚ୍ଚତା ବର୍ଗରେ ଶୁଭଙ୍କର ରାଉତ ପ୍ରଥମ ହୋଇଥିଲେ। ତେବେ ଦୁଇ ବିଭାଗର ଟାଇଟଲ ଲଢ଼େଇରେ ଶୁଭଙ୍କର ଚାମ୍ପିୟନ ହୋଇଥିଲେ।

# ସବୁ ଖେଳାଳି ଗମ୍ଭୀରଙ୍କଠାରୁ ଶିଖିବା ଉଚିତ: ଆକ୍ରମ




**ମୁମ୍ବାଇ, ୨୯।୧:** ବର୍ତ୍ତମାନ ଭାରତୀୟ ଦଳର ମୁଖ୍ୟ କୋଚ ରହିଥିବା ଗୌତମ ଗମ୍ଭୀରଙ୍କୁ ପ୍ରଶଂସା କରିଛନ୍ତି ପାକିସ୍ତାନୀ କ୍ରିକେଟ କିମ୍ବଦନ୍ତୀ ୱାସିମ ଆକ୍ରମ। ସବୁ ଖେଳାଳି ଗମ୍ଭୀରଙ୍କଠାରୁ ଶିଖିବା ଉଚିତ ବୋଲି ବଡ ବୟାନ ମଧ ଦେଇଛନ୍ତି ସେ। ଗମ୍ଭୀର ଜଣେ ଅଧିନାୟକ ଭାବେ ଉଦାହରଣ ସୃଷ୍ଟି କରିଛନ୍ତି। ତେଣୁ ତାଙ୍କ ପରି ଅନ୍ୟମାନେ ହେବା ଉଚିତ ବୋଲି କହିଛନ୍ତି ଆକ୍ରମ। ଉଭୟ ଏକତ୍ର କୋଲକାତା ନାଇଟ ରାଇଡର୍ସ ଦଳରେ ରହିଥିଲେ। ୨୦୧୨ ଯେଉଁ ସିଜନରେ ଗମ୍ଭୀର କୋଲକାତାକୁ ଚାମ୍ପିୟନ କରିଥିଲେ ଆକ୍ରମ ସେହି ସିଜନର ଉଦାହରଣ ଦେଇଥିଲେ। ୨୦୧୨ ଚେନ୍ନାଇ ବିପକ୍ଷ ଫାଇନାଲ ପୂର୍ବରୁ ଗମ୍ଭୀରଙ୍କ ନିଷ୍ପତ୍ତି ତାଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା। ଫାଇନାଲ ମ୍ୟାଚ ପୂର୍ବରୁ ଲକ୍ଷ୍ମୀପତି ବାଲାଜୀ ଆହତ ହୋଇଥିଲେ। ବାଲାଜୀ ଦଳର ଷ୍ଟ୍ରାଇକ ବୋଲର ଥିବା ବେଳେ ଏହା ସମ୍ପୂର୍ଣ୍ଣ ସମୀକରଣ ବଦଳାଇ ଦେଇଥିଲା। ବ୍ରେଟ ଲି ରିପ୍ଲେସମେଣ୍ଟ ବୋଲର ଭାବରେ ସାମିଲ ହୋଇଥିଲେ। ତେବେ ୪ ଜଣ ବିଦେଶୀ ଖେଳାଳି ନିୟମ ଥିବାରୁ ଆଉ ଜଣେ ବିଦେଶୀ ଖେଳାଳିଙ୍କୁ ବାହାରେ ବସିବାକୁ ପଡିଥାନ୍ତା। ଆଉ ସେହି ଖେଳାଳି ଜଣଙ୍କ ଥିଲେ ବିସ୍ଫୋରକ ଓପନର ବ୍ରେଣ୍ଡନ ମ୍ୟାକକୁଲମ। ଗୌତମ ମ୍ୟାଚ ପୂର୍ବରୁ ନିଜେ ଯାଇ ମ୍ୟାକକୁଲମଙ୍କ ସହିତ କଥା ହୋଇଥିଲେ ଓ ଦଳର ପରସ୍ଥିତି ବୁଝାଇଥିଲେ। ଫାଇନାଲରେ ମ୍ୟାକକୁଲମ ବାଦ ପଡିଥିଲେ ମଧ କୋଲକାତା ଟୁର୍ନାମେଣ୍ଟରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ଫାଇନାଲରେ ଚେନ୍ନାଇ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୩ ଉଇକଟ ହରାଇ ୧୯୦ ରନ କରିଥିଲା। ଦଳ ପକ୍ଷରୁ ସୁରେଶ ରାଇନା ସର୍ବାଧିକ ୭୩ ରନ କରିଥିଲେ। ଅନ୍ୟ ମାନଙ୍କ ମଧରେ ମାଇକ ହସି ୫୪ ଓ ମୁରଲୀ ବିଜୟ ୪୨ ରନ କରିଥିଲେ। ଜବାବରେ ମାନବିନ୍ଦର ବିସଲାଙ୍କ ୮୯ ରନ ବଳରେ ୫ ଉଇକେଟ ହରାଇ କୋଲକାତା ବିଜୟୀ ହୋଇଥିଲା। ଆକ୍ରମ କହିଛନ୍ତି ଜଣେ ଲିଡର ସର୍ବଦା ଗମ୍ଭୀରଙ୍କ ଭଳି ହେବା ଉଚିତ। ସେ ଯେଉଁଭଳି ଭାବେ ମ୍ୟାକକୁଲମଙ୍କ ସହିତ କଥା ହେଲେ ଓ ଟିମ ମ୍ୟାନ ଭଳି ଖେଳିଲେ ସେ ସର୍ବଦା ମୋର ମନେ ରହିବେ। ଯୁବ ଖେଳାଳିଙ୍କୁ ଅନ ଓ ଅଫ ଦ ଫିଲ୍ଡରେ ଏହି ଆଭିମୁଖ୍ୟ ଆପଣେଇବା ଜରୁରୀ ବୋଲି କହିଥିଲେ ୱାସିମ ଆକ୍ରମ।

### ଆଇସିସି ଟି୨୦ ବୋଲିଂ ର୍ୟାଙ୍କିଙ୍ଗ

## ୨୫ ଖେଳାଳିଙ୍କୁ ପଛରେ ପକାଇ ଟପ୍ ୫ରେ ବରୁନ ଚକ୍ରବର୍ତ୍ତୀ

**ଦୁବାଇ, ୨୯।୧:** ଆଇସିସି ଟି୨୦ ବୋଲର ରାଙ୍କିଂ ଜାରି କରିଛି। ଯେଉଁଥିରେ ଭାରତୀୟ ବୋଲର ବରୁନ ଚକ୍ରବର୍ତ୍ତୀ ୨୫ ସ୍ଥାନ ଉପରକୁ ଉଠିଛନ୍ତି। ବରୁନ ଚକ୍ରବର୍ତ୍ତୀ ୨୫ ଜଣ ଖେଳାଳିଙ୍କୁ ପଛରେ ପକାଇ ଟପ୍ ୫ରେ ନିଜକୁ ସାମିଲ କରିଛନ୍ତି। ଆଇସିସି ଜାରି କରିଥିବା ଟି୨୦ ବୋଲିଂ ରାଙ୍କିଂରେ ବରୁନ ୬୭୯ ରେଟିଂ ପଏଣ୍ଟ ସହିତ ୫ମ ସ୍ଥାନରେ ରହିଛନ୍ତି। ବରୁନଙ୍କ ବ୍ୟତୀତ ଅନ୍ୟ କୌଣସି ଭାରତୀୟ ବୋଲର ଟପ୍ ୫ରେ ନାହାନ୍ତି। ଆଇସିସି ଟି୨୦ ବୋଲର ରାଙ୍କିଂର ୯ ନଂ ସ୍ଥାନରେ ଅର୍ଶଦୀପ ସିଂଙ୍କ ନାଁ ରହିଥିବା ବେଳେ ୧୦ମ ସ୍ଥାନରେ ରବି ବିଷ୍ଣୋଇଙ୍କ ନାମ ରହିଛି। ଆଇସିସି ଟି୨୦ ବୋଲର ରାଙ୍କିଂର ପ୍ରଥମ ସ୍ଥାନରେ ଇଂଲଣ୍ଡର ଆଦିଲ ରାଶିଦ ୭୧୮ ପଏଣ୍ଟ ସହିତ ରହିଛନ୍ତି। ୭୦୭ ପଏଣ୍ଟ ସହିତ ୱେଷ୍ଟଇଣ୍ଡିଜ ଅକିଲ ହୁସେନ ଦ୍ୱିତୀୟ ସ୍ଥାନରେ, ଶ୍ରୀଲଙ୍କାର ବାନିନ୍ଦୁ ହସରଙ୍ଗା ୬୯୮ ପଏଣ୍ଟ ସହିତ ୩ୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆର ଆଡମ ଜମ୍ପା ୬୯୪ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ରହିଛନ୍ତି। ବରୁନ ଚକ୍ରବର୍ତ୍ତୀଙ୍କ ଛଡା ଭାରତର ଅନ୍ୟ ଜଣେ ଖେଳାଳି ଆଇସିସି ରାଙ୍କିରେ ଡିଆଁ ମାରିଛନ୍ତି। ଟି୨୦ ବ୍ୟାଟର ଆଇସିସି ରାଙ୍କିଂରେ ତିଳକ ବର୍ମା ୩ୟ ସ୍ଥାନରୁ ଦ୍ୱିତୀୟ ସ୍ଥାନକୁ ଆସିଛନ୍ତି। ତିଳକ ବର୍ମା ୮୩୨ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ରାଙ୍କିଂରେ ହାର୍ଦ୍ଦିକ ପାଣ୍ଡ୍ୟା ୧ ନଂ ସ୍ଥାନରେ ରହିଛି। ରାଜକୋଟ ଟି୨୦ରେ ଭାରତ ହାରିବାକୁ ନେଇ ହାର୍ଦ୍ଦିକ ଅନେକ ସମାଲୋଚନାର ଶିକାର ହୋଇଥିଲେ। ଏହାପରେ ମଧ ଆଇସିସି ରାଙ୍କିଂରେ ନଂ ୧ ଅଲରାଉଣ୍ଡର ହୋଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବୀନଙ୍କୁ ପଛରେ...

ନରେନ୍ଦ୍ର ମୋଦି ସମ୍ମିଳନୀକୁ ଉଦଘାଟନ କରି ଓଡ଼ିଶା ପ୍ରତି ତାଙ୍କର ସମର୍ଥନ ଜଣାଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଓଡ଼ିଶା ହେଉଛି ଉତ୍କୃଷ୍ଟ। ଓଡ଼ିଶା ହେଉଛି ବର୍ତ୍ତମାନ ପାଇଁ ସର୍ବୋତ୍ତମ ସୁଯୋଗର ଭୂମି ବୋଲି ମତ ଦେଇ ଓଡ଼ିଶା ପ୍ରତି ଦେଶବିଦେଶ ପୁଞ୍ଜି ନିବେଶକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍କଣ୍ଠା ସୃଷ୍ଟି କରିପାରିଛନ୍ତି। ଏଥିପାଇଁ ରାଜ୍ୟର ସାଢ଼େ ୪ କୋଟି ଓଡ଼ିଆଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରହି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ 'ମୋଦି ଗ୍ୟାରେଣ୍ଟି' ଦେଇଛନ୍ତି। ଆସନ୍ତା ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଏକ ଗ୍ରୋଥ୍ ଇଞ୍ଜିନ୍ କରିବା ପାଇଁ ସେ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଆସିଛନ୍ତି। ଡବଲ ଇଞ୍ଜିନ ସରକାରରେ ତାଙ୍କର ଯାହା ଭୂମିକା ରହିବା କଥା ତାକୁ ସେ ସମ୍ପୂର୍ଣ୍ଣ ଭାବେ ନିର୍ବାହ କରିଛନ୍ତି। ଏହାଦ୍ୱାରା ଦେଶର ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ପାଇଁ ଆମର ଯେଉଁ ସଂକଳ୍ପ ରହିଛି, ଆମେ ତାହାର ନିକଟତର ହୋଇପାରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମ୍ମିଳନୀରେ ସ୍ୱାକ୍ଷରିତ ହୋଇଥିବା ୧୪୫ଟି ଏମ୍‌ଓୟୁ ରାଜ୍ୟର ଶିଳ୍ପକ୍ଷେତ୍ରରେ କାୟକଳ୍ପ ପରିବର୍ତ୍ତନ କରିବା ସହିତ ବିଶ୍ୱସ୍ତରୀୟ ଶିଳ୍ପସଂସ୍ଥାମାନଙ୍କ ସହ ସହଭାଗୀତାର ନୂଆ ଯୁଗ ଆରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି ରାଜିନାମାଗୁଡ଼ିକ ମାଧ୍ୟମରେ ଆସିବାକୁ ଥିବା ପୁଞ୍ଜି କେମିକାଲସ୍, ପେଟ୍ରୋକେମିକାଲ୍ସ, ଟେକ୍ସଟାଇଲ୍ସ, ମାଇନିଂ ଓ ମେଟାଲଜି, ନବୀକରଣୀୟ ଶକ୍ତି, ଆଇଟି, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ ପରି ବିବିଧ କ୍ଷେତ୍ରର ବିକାଶ ହେବ। ଏହି ନିବେଶ ମାଧ୍ୟମରେ ରାଜ୍ୟର ୮ ଲକ୍ଷ ୯୪ ହଜାରରୁ ଅଧିକ ଯୁବକଯୁବତୀ ନିଯୁକ୍ତି ପାଇପାରିବେ। ଏହା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସହ ରାଜ୍ୟରେ ସମାବେଶୀ ଅଭିବୃଦ୍ଧି (ଇନ୍‌କ୍ଲୁସିଭ୍ ଗ୍ରୋଥ୍) ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି ଏମ୍‌ଓୟୁ ସ୍ୱାକ୍ଷର ବ୍ୟତୀତ ଆହୁରି ୩.୮୪ ଲକ୍ଷ କୋଟି ଟଙ୍କାର ୪୪୮ଟି ପୁଞ୍ଜିନିବେଶ ଅଭିପ୍ରାୟ (ଇନ୍‌ଭେଷ୍ଟମେଣ୍ଟ ଇନଟେଣ୍ଟସ ରିସିଭ୍‌ଡ ଇନ୍ ଫର୍ମ୍ସ) ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଗ୍ରହଣ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୩.୯୨ ଲକ୍ଷ ନିଯୁକ୍ତି ସୁଯୋଗ ସମ୍ଭାବନା ରହିଛି। ଏହି ସମ୍ମିଳନୀରେ ମୋଟ ୨୦ଟି ସେକ୍ଟରରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି, ଯାହାକି ୧୨.୮୮ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିପାରିବ। ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ପରି ପାର୍ଟନର ଦେଶର ପ୍ରତିନିଧିମାନଙ୍କ ସହିତ ୧୬ଟି ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଏହାଦ୍ୱାରା ବିଶ୍ୱ ନିବେଶ ମାନଚିତ୍ରରେ ଓଡ଼ିଶା ଏକ ଆକର୍ଷଣୀୟ ସ୍ଥାନ ହୋଇପାରିଛି।

ଆଜି ବୟନ ଶିଳ୍ପ ଓ ପୋଷାକ, ନବୀକରଣୀୟ ଶକ୍ତି, ସ୍କିଲଡ୍ ଇନ୍ ଓଡ଼ିଶା, ମହିଳାମାନଙ୍କ ଉଦ୍ୟୋଗ ସ୍ଥାପନ, ପର୍ଯ୍ୟଟନ, ସର୍କୁଲାର ଇକୋନମି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ଫାର୍ମା ଓ ବାୟୋଟେକ୍ ଏବଂ ଶିଳ୍ପ ଭିତ୍ତିଭୂମି ଆଦି ବିଭିନ୍ନ କ୍ଷେତ୍ରୀୟ ଶିଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହିସବୁ କ୍ଷେତ୍ରରେ ପୁଞ୍ଜିନିବେଶ ଓ ଅଭିବୃଦ୍ଧି ପାଇଁ ବିଭିନ୍ନ ରଣନୀତି ଉପରେ ପ୍ରସ୍ତାବ ରଖାଯାଇଥିଲା। ଆଧୁନିକ ଓ ଆଗାମୀ ଦିନରେ ଶିଳ୍ପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ୱାର୍କଫୋର୍ସକୁ ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ରଣନୀତି ଉପରେ ସ୍କିଲଡ୍ ଇନ୍ ଓଡ଼ିଶା ଅଧିବେଶନରେ ଆଲୋଚନା କରାଯାଇଥିଲା।

ମହିଳା ଉଦ୍ୟମଶୀଳତା ଓ ଷ୍ଟାର୍ଟଅପ୍ ଓଡ଼ିଶା ଆଦି ସମ୍ପର୍କିତ ପ୍ୟାନେଲ ଆଲୋଚନାରେ ଅଭିନବ ଓ ସମାବେଶୀ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ନବୀକରଣୀୟ ଶକ୍ତି, ସର୍କୁଲାର ଇକୋନମି ଓ ଗ୍ରୀନ ଟେକ୍ନୋଲୋଜି ଆଦି ଆଲୋଚନାରେ ଚିରନ୍ତନ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ପ୍ରତିଫଳିତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତକୁ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧତାର ସହ କାମ କରୁଛୁ ଓ ଆଗାମୀ ଦିନରେ ମଧ୍ୟ ଏଥିପାଇଁ ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମ୍ମିଳନୀର ସଫଳତା ପାଇଁ ଶିଳ୍ପ ବିଭାଗ, ଇପିକଲ, ଇଡକୋ, ସି.ଆଇ.ଆଇ, ପିଡବ୍ଲୁସି ପରି ବିଭିନ୍ନ ସଂସ୍ଥାକୁ ଧନ୍ୟବାଦ ଦେଇଛନ୍ତି।

## ଏମଓୟୁ...

ବିକଶିତ କରିବାରେ ବିଫଳ ହେବା ସହ ସ୍ଥାନୀୟ ସମସ୍ୟାକୁ ଅଣଦେଖା କରିବା ଫଳରେ ସେମାନେ ଓଡ଼ିଶା ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଅବଶ୍ୟ ଏବେ ବିଦେଶୀ ନିବେଶକମାନେ ଓଡ଼ିଶା ପ୍ରତି ଆଗ୍ରହ ବ୍ୟକ୍ତ କରିଛନ୍ତି । ଆର୍ସେଲର ମିତ୍ତଲ ଓ ପସ୍କୋ ଭଳି କମ୍ପାନୀ ପୁଣିଥରେ ଓଡ଼ିଶା ମୁହାଁ ହୋଇଛନ୍ତି।

## ଉତ୍କର୍ଷ ଓଡ଼ିଶାରେ...

ଗୋଟିଏ ପାସ୍ ପାଇଁ ଆବେଦନ କରିବାକୁ କୁହାଯାଇଛି। ଅଧିସ୍ୱୀକୃତି ପାଇବା ପାଇଁ ନିଜ ସଂସ୍ଥାରୁ ଚିଠି କରାଇବା ସହ ସମ୍ପାଦକ କିମ୍ବା ପରିଚାଳକଙ୍କଠାରୁ ଅନୁମତିପତ୍ର ଦେବାକୁ ପଡିଥାଏ। ଏହାକୁ ଗୁଇନ୍ଦା ବିଭାଗ ଯାଞ୍ଚ କରି ସବୁଜ ସଙ୍କେତ ଦେବା ପରେ ବିଭାଗୀୟ ମନ୍ତ୍ରୀଙ୍କ ଅନୁମୋଦନରେ ଲୋକସମ୍ପର୍କ ବିଭାଗ ପାସ୍ ଜାରି କରିଥାନ୍ତି। ଏହି ପାସ୍ ଦେଖାଇ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ସଚିବାଳୟରେ ପ୍ରବେଶ କରୁଥିବାବେଳେ ଚଳିତ ବର୍ଷ ସେମାନଙ୍କୁ ଆଉ ଗୋଟିଏ ପାସ୍ ପାଇଁ ଆବେଦନ କରିବାକୁ କୁହାଯାଇଛି।

ଅଧିସ୍ୱୀକୃତିପ୍ରାପ୍ତ କାର୍ଡଧାରୀଙ୍କୁ ଆଉ ଗୋଟିଏ ପାଶ୍ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶ ଦେବାକୁ କେହି ହେଲେ ସହଜରେ ଗ୍ରହଣ କରିପାରୁନାହାନ୍ତି। ସାମ୍ବାଦିକମାନଙ୍କୁ ସଚିବାଳୟ ପ୍ରବେଶରୁ ରୋକିବା ପାଇଁ ବିଭାଗୀୟ ନିର୍ଦ୍ଦେଶକ ଏଭଳି ତୋଗଲକୀ ନୀତି ପ୍ରଣୟନ କରୁଥିବା ଆଲୋଚନା ହେଉଛି। ଖୋଦ୍ ମୁଖ୍ୟମନ୍ତ୍ରୀ ସାମ୍ବାଦିକମାନଙ୍କ ପାଇଁ ସଚିବାଳୟ ଫାଟକ ଖୋଲିଦେଇଥିବା ବେଳେ ନିର୍ଦ୍ଦେଶକ କାହା ବଳରେ ସେଥିରେ ବାଧା ଦେଉଛନ୍ତି, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ସେହିଭଳି ସଚିବାଳୟ ପ୍ରବେଶ ଲାଗି ଗୋଟିଏ ସଂସ୍ଥାରୁ ଜଣେ ବ୍ୟକ୍ତି ପାସ୍ ପାଇବେ ବୋଲି ଅଜବ ନିୟମ ବି କରାଯାଇଛି। ଜଣେ ପାସଧାରୀ କିଭଳି ଦିନତମାମ ସଚିବାଳୟରେ ରହି ଖବର ସଂଗ୍ରହ କରିବେ, ତାହା ଏବେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ଓ ଏହାର ପ୍ରତିନିଧିଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଲାଣି।

ବିଜେଡି ସରକାରଙ୍କ ଗେହ୍ଲାପୁଅ ଥିବା ବାବୁମାନେ ଏବେ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଗାଦି ମାଡ଼ି ବସିବା ସହ ଏଭଳି ନୂଆ ନୂଆ ନିୟମକାନୁନ୍ କରୁଥିବା ଆଲୋଚନା ହେଉଛି। ପାସ୍ ପ୍ରଦାନରେ ବାଧା ସୃଷ୍ଟି କରିବା ସହ ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ରାଜଭବନର ଆଟ୍‌ହୋମ୍ ଆଦିରୁ ବିଜେଡି ସରକାର ସମୟରେ ଯେଭଳି ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୂରେଇ ରଖୁଥିଲେ, ଠିକ୍ ସେହି ଢାଞ୍ଚାରେ ଏବେ ବି ଗଣମାଧ୍ୟମ ପ୍ରତି ବ୍ୟବହାର ଦେଖାଉଛନ୍ତି। ଏହା ଏବେ ଧିରେ ଧିରେ ସାମ୍ବାଦିକଙ୍କ ମଧ୍ୟରେ ସରକାରୀ ବିରୋଧୀ ମନୋଭାବ ସୃଷ୍ଟି କରିବାରେ ଲାଗିଛି। ତେଣୁ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ତୁରନ୍ତ ହସ୍ତକ୍ଷେପ ପାଇଁ ମତ ପ୍ରକାଶ ପାଇଲାଣି।

## ପ୍ରତିଷ୍ଠା ହେବ...

ନଥିଲା। କିନ୍ତୁ ସେମାନଙ୍କ ପାଇଁ ଏକମାତ୍ର ଅଭାବ ଥିଲା ସଠିକ୍ ସୁଯୋଗ। ଏବେ ମହିଳାମାନେ ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥନୀତିଠାରୁ ଉତ୍ପାଦନ ଏବଂ ନବସୃଜନ ଶକ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପୁରୁଷମାନଙ୍କୁ ମଧ୍ୟ ପଛରେ ପକାଇଦେଇଛନ୍ତି। ସଠିକ୍ ସୁଯୋଗ ମିଳିଲେ, ସେମାନେ କାମ କରିବାକୁ ବାଛିଥିବା ଯେକୌଣସି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରିବେ। ନିର୍ମଳା ସୀତାରମଣ କେନ୍ଦ୍ର ଅର୍ଥମନ୍ତ୍ରୀ ଭାବେ ଲଗାତାର ଅଷ୍ଟମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ, ଯାହା ଏକ ରେକର୍ଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ମହିଳାମାନଙ୍କ କ୍ଷମତା ଓ ପ୍ରତିଭା ଉପରେ ଥିବା ବିଶ୍ୱାସକୁ ଏହା ପ୍ରତିପାଦିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟରେ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରାଜ୍ୟରେ ଗୋଟିଏ ସ୍ୱତନ୍ତ୍ର ମହିଳା ଶିଳ୍ପ ପାର୍କ ଓ ଇପିକଲରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଆଜି 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ'ର ଦ୍ୱିତୀୟ ଦିନରେ ମହିଳା ଉଦ୍ୟୋଗୀମାନଙ୍କ ସହ ଆଲୋଚନାଚକ୍ରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଶିକ୍ଷା ହେଉଛି ମହିଳା ସଶକ୍ତୀକରଣର ଅସଲ ଚାବିକାଠି। ଆଗାମୀ ବର୍ଷଗୁଡ଼ିକରେ ମହିଳାମାନଙ୍କୁ ଉଦ୍ୟୋଗୀ ସଫଳତା ପାଇଁ ଆବଶ୍ୟକ ଦକ୍ଷତା ଓ ଜ୍ଞାନ ପ୍ରଦାନ ପାଇଁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବିଶ୍ୱବିଦ୍ୟାଳୟ ଓ ବ୍ୟାବସାୟିକ ବିଦ୍ୟାଳୟ ସହିତ ସହଯୋଗ ରକ୍ଷା ପୂର୍ବକ ଶିକ୍ଷାଗତ ଓ ବ୍ୟାବହାରିକ ବ୍ୟବସାୟ ଅଭିଜ୍ଞତା ପ୍ରଦାନ କରୁଥିବା ଛାତ୍ରବୃତ୍ତି, ଇଣ୍ଟର୍ନସିପ୍ ଏବଂ ନେତୃତ୍ୱ କାର୍ଯ୍ୟକ୍ରମ ପ୍ରଦାନ କରାଯିବ। ରାଜ୍ୟ ସରକାର ଏକ ଜେଣ୍ଡର-ବଜେଟିଂ ପ୍ରସ୍ତୁତ କରୁଛନ୍ତି। ଚଳିତ ବଜେଟରେ ରାଜ୍ୟ ବଜେଟରୁ ୭୫ ହଜାର ୬୨୩ କୋଟି ଟଙ୍କା ଅର୍ଥାତ ମୋଟ ବଜେଟ୍ ଖର୍ଚ୍ଚର ୨୮.୫ ପ୍ରତିଶତ କେବଳ ରାଜ୍ୟର ମହିଳାମାନଙ୍କ ପାଇଁ ଖର୍ଚ୍ଚ କରାଯିବାକୁ ସ୍ଥିର ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ସୁଭଦ୍ରା ଯୋଜନାକୁ ମହିଳା ସଶକ୍ତିକରଣ ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିବା ସହ ଏହା ସେମାନଙ୍କୁ କ୍ଷୁଦ୍ର ବ୍ୟବସାୟ ଆରମ୍ଭ ଦିଗରେ ସାହାଯ୍ୟ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି ସୁବିଧା ଯୋଗାଇଦେବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନରେ ମହିଳାମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ରହିଛି। ମହିଳା ଉଦ୍ୟୋଗୀଙ୍କ ଅର୍ଥନୈତିକ ନେତୃତ୍ୱରେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭାରତ ତଥା ବିଦେଶର ପ୍ରମୁଖ ମହିଳା ଉଦ୍ୟୋଗୀ ଡାଏନା ପିଟୋ, ଧରିତ୍ରୀ ପଟ୍ଟନାୟକ, ସ୍ୱିକୃତୀ ପଟ୍ଟନାୟକ, ସ୍ମିତା ଅଗ୍ରୱାଲ, ପ୍ରୀତି ବଜାଜ୍ ପ୍ରମୁଖଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣିବା ସହ ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଓଡ଼ିଶାକୁ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ଗଢ଼ିବା ପାଇଁ ମହିଳା ଉଦ୍ୟୋଗୀମାନଙ୍କର ପ୍ରମୁଖ ଯୋଗଦାନ ରହିବ ଓ ସେଥିପାଇଁ ଆବଶ୍ୟକ ପଦକ୍ଷେପ ସରକାର ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବକ୍ତବ୍ୟ ରଖି ସମସ୍ତ ମହିଳା ଉଦ୍ୟୋଗୀଙ୍କୁ ସ୍ୱାଗତ କରିଥିଲେ। ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ଏକ ସର୍ବୋତ୍କୃଷ୍ଟ ରାଜ୍ୟ ଓ ଏଥିପାଇଁ ରାଜ୍ୟ ସରକାର କ'ଣ ସବୁ ପଦକ୍ଷେପ ନେଉଛନ୍ତି, ସେନେଇ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଆକ୍ୟୁ-ଲ'ର ମ୍ୟାନେଜିଂ ପାର୍ଟନର ସୁଚରିତା ବାସୁ ଉପସ୍ଥିତ ଥିବା ବେଳେ ଅନ୍ତିମ ପର୍ଯ୍ୟାୟରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା ଧନ୍ୟବାଦ ଦେଇଥିଲେ।

## ଦଳାଚକଟାରେ...

ଜଷ୍ଟିସ୍ ହର୍ଷ କୁମାରଙ୍କ ନେତୃତ୍ୱରେ ଏକ ତିନିଜଣିଆ ଜୁଡିସିଆଲ୍ କମିଶନ୍ ଗଠନ କରାଯାଇଛି। ଏଥିରେ ପୂର୍ବତନ ଡିଜି ଭିକେ ଗୁପ୍ତା ଓ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଭିକେ ସିଂହ ସଦସ୍ୟ ଅଛନ୍ତି। ସେହିପରି ସ୍ଥିତି ପରଖିବା ସକାଶେ ଆସନ୍ତାକାଲି ମୁଖ୍ୟ ସଚିବ ଓ ଡିଜିପି ଗସ୍ତ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପବିତ୍ର ମୌନି ଅମାବାସ୍ୟା ଅମୃତ ସ୍ନାନ ପୂର୍ବରୁ ମହାକୁମ୍ଭରେ ଏପରି ଅଘଟଣ ଘଟିଛି। ଆଜି ମୌନୀ ଅମାବାସ୍ୟା ଥିବାରୁ ଅମୃତ ସ୍ନାନ ରହିଥିଲା। ଏଥିପାଇଁ ସଙ୍ଗମରେ ଶ୍ରଦ୍ଧାଳୁଙ୍କ ଭିଡ଼ ବିଳମ୍ବିତ ରାତିରୁ ବଢ଼ିବାରେ ଲାଗିଥିଲା। ଆଉ ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟା ସମୟରେ ବ୍ୟାରିକେଡ୍ ଭାଙ୍ଗିବା ଫଳରେ ଭକ୍ତମାନଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ତୁରନ୍ତ ଘଟଣାସ୍ଥଳରେ ପାଖାପାଖି ୫୦ଟି ଆମ୍ବୁଲାନ୍ସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ମୃତାହତମାନଙ୍କୁ କେନ୍ଦ୍ରୀୟ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସ୍ନାନକୁ ବାତିଲ୍ କରି ଦିଆଯାଇଛି। ୫୦ରୁ ଅଧିକ ଆହତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦଳଚକଟା ପରେ ଅମୃତ ସ୍ନାନକୁ ଆଖଡ଼ା ସଂଘ ପକ୍ଷରୁ ରଦ୍ଦ କରିଦିଆଯାଇଛି। ଏହି ଦଳାଚକଟା ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଥା ହୋଇଛନ୍ତି। ତୁରନ୍ତ ଆବଶ୍ୟକ ସହାୟତା ଯୋଗାଇଦେବା ସକାଶେ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଆଦିତ୍ୟନାଥଙ୍କ ସହ କଥା ହୋଇଛନ୍ତି। ଏହି ଅଘଟଣରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ଚିକିତ୍ସାଧୀନ ଥିବା ଭକ୍ତମାନଙ୍କ ଆଶୁ ଆରୋଗ୍ୟ ରାଷ୍ଟ୍ରପତି କାମନା କରିଛନ୍ତି।

ଅନ୍ୟପଟେ ୧୪୪ ବର୍ଷ ପରେ ପଡ଼ିଥିବା ମହାକୁମ୍ଭ ମେଳାରେ ଗତ ୧୭ ଦିନ ମଧ୍ୟରେ ୧୫ କୋଟିରୁ ଅଧିକ ତୀର୍ଥଯାତ୍ରୀ ସ୍ନାନ କରିଥିବା ଉତ୍ତରପ୍ରଦେଶ ସରକାର ସୂଚନା ଦେଇଛନ୍ତି। ବୁଧବାର ମୌନି ଅମାବାସ୍ୟାରେ ୧୦ କୋଟିରୁ ଅଧିକ ଶ୍ରଦ୍ଧାଳୁ 'ଅମୃତ ସ୍ନାନ' କରିବେ ବୋଲି ଆଶା କରାଯାଉଥିବାରୁ ପ୍ରୟାଗରାଜରେ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୋଟି କୋଟି ଲୋକଙ୍କ ସମାଗମ ପାଇଁ ସୁରକ୍ଷା ବ୍ୟବସ୍ଥା ଅଭୂତପୂର୍ବ ରହିଥିବା ବେଳେ ମେଳା ଅଞ୍ଚଳକୁ ନୋ-ଭେହିକିଲ ଜୋନ୍ ଘୋଷଣା କରାଯାଇଛି।

## ମହିଳା ସଶକ୍ତିକରଣ...

ମା'ମାନେ ଛୋଟ ଛୋଟ ବ୍ୟବସାୟ କରୁଥିବା ବେଳେ ସଫଳ ଉଦ୍ୟୋଗୀ ହେବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ଯେ 'ସୁଭଦ୍ରା' ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ନାରୀଙ୍କ ଜୀବନକୁ ପ୍ରଭାବିତ କରି ଲିଙ୍ଗଭିତ୍ତିକ ସମାନତା ଓ ସଶକ୍ତ ଓଡ଼ିଶା ନିର୍ମାଣରେ ସହାୟକ ହୋଇଛି। ଏହି ଯୋଜନା ଅଧୀନରେ ମହିଳାମାନଙ୍କ ଡିଜିଟାଲ୍ ଓ ଆର୍ଥିକ ସାକ୍ଷରତା, ଉଦ୍ୟମିତାରେ ଉନ୍ନତି ଓ ନେତୃତ୍ୱ ନେବାର ଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟର ବୃହତ ମହିଳାକେନ୍ଦ୍ରିତ ଯୋଜନା ହେଉଛି ସୁଭଦ୍ରା ଏବଂ ଅବହେଳିତ ତଥା ଜନଜାତି ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ଏହା ବହୁମାତ୍ରାରେ ସଫଳ ହୋଇପାରିଛି ବୋଲି କହିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ ସମସ୍ତ ମହିଳାଙ୍କୁ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି କହିଛନ୍ତି। ଅନ୍ୟତମ ବିଶିଷ୍ଟ ଅତିଥି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶାସନ ସଚିବ ନିକୁଞ୍ଜ ଧଳ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକ ମୋନିକା ପ୍ରିୟଦର୍ଶିନୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ମହିଳାଙ୍କୁ ବିଭିନ୍ନ କ୍ଷେତ୍ର ନିମନ୍ତେ ତାଲିମ୍ ପାଇଁ ଆଇଆଇଏମ୍, ସମ୍ବଲପୁର ଓ ବିଶ୍ୱ ଦକ୍ଷତା କେନ୍ଦ୍ର ସହ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଏଥିସହ 'ମହିଳା ଉଦ୍ୟୋଗୀଙ୍କ ପାଇଁ ଋଣ ସୁବିଧା' ଏବଂ 'ମହିଳା ଉଦ୍ୟୋଗୀଙ୍କ ପାଇଁ ବଜାର ସଂଯୋଗ ସୃଷ୍ଟି' ଶୀର୍ଷକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ଏଥିରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ସୁରେନ୍ଦ୍ର ରଣା, ଭିସାର ବରିଷ୍ଠ ନିର୍ଦ୍ଦେଶକ କବିତା ମୁରଲୀ, ଅବନ୍ତୀ ଫାଇନାନ୍ସର ସହପ୍ରତିଷ୍ଠାତା ସୁନୀଲ କୁମାର ତଡେପାଲି, ଜୀବଦା ଭେଞ୍ଚର ପ୍ରା. ଲିଃର ପ୍ରତିଷ୍ଠାତା ଧରିତ୍ରୀ ପଟ୍ଟନାୟକ, ଲେବର ନେଟ୍‌ର ଅଧ୍ୟକ୍ଷ ଗାୟତ୍ରୀ ବାସୁଦେବନ୍, ଉଦୈତି ଫାଉଣ୍ଡେସନ୍‌ର ପ୍ରତିନିଧି କନିକା ସାଙ୍ଗଲ ଅଂଶଗ୍ରହଣ କରି ଔଦ୍ୟୋଗିକ ବିକାଶ ଯାତ୍ରାରେ ନାରୀମାନଙ୍କ ଭୂମିକା ଓ ସଫଳତା ଉପରେ ଆଲୋଚନା କରିଥିଲେ। ଏଥିସହ ତୃଣମୂଳ ସ୍ତରରେ ବାଣିଜ୍ୟିକ କାରବାରକୁ ବୃଦ୍ଧି କରି ଏକ ପ୍ରତିଯୋଗିତାମୂଳକ ଔଦ୍ୟୋଗିକ ବିକାଶରେ ଲିଙ୍ଗଗତ ଭେଦଭାବହୀନ ସମନ୍ୱିତ ଶିଳ୍ପ ବିକାଶ ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା।

# ଶଙ୍ଖରେ ଫାଟ, ବୈଠକରେ ହାଟ

## ବିଶୃଙ୍ଖଳାର ଚରମ ସୀମାରେ ବ୍ରହ୍ମପୁର ବିଜେଡି





**ବ୍ରହ୍ମପୁର,୨୯।୧(ସଂଚାର ବ୍ୟୁରୋ):** ବିଶୃଙ୍ଖଳାର ଚରମ ସୀମାରେ ପହଂଚିଲାଣି ବ୍ରହ୍ମପୁର ବିଜେଡି। ଦିନ ଯେତେ ଗଡୁଛି ସହରର ଦୁଇ ବିଜେଡି କର୍ପୋରେଟର ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ସେତେ ବଢୁଛି। ଗତ କିଛି ମାସ ହେବ ଦୁଇ ଗୋଷ୍ଠୀଙ୍କ ଭିତରେ ଛକାପଞ୍ଝା ଲାଗି ରହିଛି। ଗୋଟିଏ ଗୋଷ୍ଠୀ ମେୟରଙ୍କ ସମର୍ଥନରେ ରହିଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଜଣେ ପୂର୍ବତନ ବିଧାୟକଙ୍କ ପ୍ରରୋଚନାରେ କାର୍ଯ୍ୟ କରୁଥିବା କୁହାଯାଉଛି। ଯାହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ବୁଧବାର କାଉନସିଲ୍ ବୈଠକରେ ମଧ୍ୟ କର୍ପୋରେଟର ମାନେ ପାଟି ତୁଣ୍ଡ ହୋ ହାଲ୍ଲା କରିଥିଲେ। ବ୍ରହ୍ମପୁର ମହାନଗର ନିଗମର ସାଧାରଣ ବୈଠକ ଆରମ୍ଭରୁ କିଛି କର୍ପୋରେଟର ଷ୍ଟାଣ୍ଡିଂ କମିଟିକୁ ନେଇ ଜୋରଦାର ତର୍କ ବିତର୍କ କରିବା ସହ ସହରର ବିଭିନ୍ନ ସମସ୍ୟାକୁ ନେଇ ପ୍ରଶ୍ନ କରିଥିଲେ। ଯାହାକୁ ନେଇ ପରିସ୍ଥିତି ଉଗ୍ର ରୂପ ଧାରଣ କରିଥିଲା। ମେୟର ବାରମ୍ବାର କର୍ପୋରେଟର ମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡିନଥିଲା। ଅଶାନ୍ତ ପରିବେଶ ସୃଷ୍ଟି ହେବାରୁ ବିଏମସି କମିଶନର ଏବଂ ମେୟର ବୈଠକ ମଝିରୁ ଉଠି ଚାଲି ଯାଇଥିଲେ। ପରେ ଏକ ନିର୍ଦ୍ଦିଷ୍ଟ କର୍ପୋରେଟର ଗୋଷ୍ଠୀ ବିଏମସି ମୁଖ୍ୟ ଫାଟକ ବନ୍ଦ କରି ଧାରଣା ଦେଇ କମିଶନର ଗୋ ବ୍ୟାକ୍ ର ନାରା ଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କର୍ପୋରେଟର ଗୋଷ୍ଠୀଙ୍କ ଅଭିଯୋଗ ପ୍ରକାରେ, ବିଏମସିରେ ଅଫିସର ରାଜ୍ ଚାଲିଛି। ଖୋଦ କମିଶନର ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ବେଳେ ଜନ ପ୍ରତିନିଧି ମାନଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଏପରିକି ସାଧାରଣ ଲୋକେ ବିଏମସି ସେବାର ସୁଫଳ ପାଇପାରୁନାହାଁନ୍ତି । ଏପରିକି ମହାନଗର ନିଗମର ବିଭିନ୍ନ ଅଧିକାରୀ ମାନେ ଲୋକଙ୍କ କାର୍ଯ୍ୟକୁ ଦୀର୍ଘ ଦିନ ଧରି ଅଟକାଇ ରଖୁଛନ୍ତି। ମେୟର ଧାରଣା ସ୍ଥଳକୁ ଆସି ଆଲୋଚନା କରିବା ପରେ ବି କର୍ପୋରେଟର ମାନେ ଉଠିନଥିଲେ। ବାସ୍ତବରେ ଏହି କର୍ପୋରେଟର ଗୋଷ୍ଠୀ କମିଶନର ଏବଂ ମେୟରଙ୍କ କାର୍ଯ୍ୟକୁ ସହଜରେ ଗ୍ରହଣ କରିପାରୁନଥିବା ଚର୍ଚ୍ଚା ହେଉଛି।ପୂର୍ବ କାଉନସିଲ୍ ବୈଠକ ମାନଙ୍କରେ ବି ଏଭଳି ହିଁ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଥିଲା। ଦୁଇ କର୍ପୋରେଟର ଗୋଷ୍ଠୀଙ୍କ ବିବାଦ ଯୋଗୁଁ କାଉନସିଲ୍ ବୈଠକ ଚାଲିବା କଷ୍ଟକର ହୋଇ ପଡ଼ିଥିଲା। ତେବେ ଶଙ୍ଖ କ୍ୟାମ୍ପ୍ ର ଦୁଇ କର୍ପୋରେଟର ଦଳ ମଧ୍ୟରେ ବିବାଦ ଯୋଗୁଁ ସହରର ବିକାଶ ଅଟକି ରହିଥିବା ଆଲୋଚନା ହେଉଛି। ବ୍ରହ୍ମପୁର ସହରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ହୋଇଥିବା ବେଳେ ବିଶୃଙ୍ଖଳା ଯୋଗୁଁ ଏସବୁ ଅଟକି ରହିଥିବା ଜଣାପଡିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ସହରର ବିକାଶ ପରିବର୍ତ୍ତେ କର୍ପୋରେଟର ମାନଙ୍କ ବିବାଦ ବୃଦ୍ଧି ପାଉଥିବାରୁ ସାଧାରଣ ଲୋକେ ଏହାକୁ ନିନ୍ଦା କରିଛନ୍ତି। ସମ୍ପ୍ରତି ବିଏମସି ବିଜେଡି କବଜାରେ ରହିଛି। କିନ୍ତୁ ଗତ ସାଧାରଣ ନିର୍ବାଚନରେ ବିଜେଡିର ବଡ ପରାଜୟ ପରେ ସ୍ଥାନୀୟ ଶଙ୍ଖ କ୍ୟାମ୍ପ୍ ରେ ବିଦ୍ରୋହ ସୃଷ୍ଟି ହୋଇଥିଲା। ଯଦିଓ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜେଡି ନେତା ଏକତ୍ରିତ ହୋଇଥାନ୍ତି। ତଥାପି ନେତା ନେତାଙ୍କ ମଧ୍ୟରେ ଅନ୍ତଃ କନ୍ଦଳ ଲାଗି ରହିଛି। ଯାହାକୁ ନେଇ ବ୍ରହ୍ମପୁର ଶଙ୍ଖ ଶିବିରରେ ବଡ ଫାଟ ସୃଷ୍ଟି ହୋଇଛି। ପୂର୍ବରୁ ଦୁଇ କର୍ପୋରେଟର ଗୋଷ୍ଠୀଙ୍କ ବିବାଦ ଚର୍ଚ୍ଚାକୁ ଆସିବା ପରେ ଭୁବନେଶ୍ୱର ଶଙ୍ଖ ଭବନରେ ଉଭୟ ଗୋଷ୍ଠୀଙ୍କୁ ନେଇ ଦଳର ହେବିୱେଟ ନେତା ଆଲୋଚନା କରି ସମାଧାନ କରିବାକୁ ଉଦ୍ୟମ କରିଥିଲେ। ଏପରିକି ଖୋଦ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ନବୀନ ନିବାସ ଡାକି କର୍ପୋରେଟର ମାନଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଦଳ ମୁଖିଆଙ୍କ ନିର୍ଦ୍ଦେଶକୁ ବ୍ରହ୍ମପୁର ବିଜେଡି କର୍ପୋରେଟର ଗୋଷ୍ଠୀ ଫୁ କରି ଉଡେଇ ଦେଇଥିବା କୁହାଯାଉଛି। ଯାହାର ପ୍ରତିଫଳନ ଏବେ ମହାନଗର ନିଗମ ସାଧାରଣ ବୈଠକରେ ମଧ୍ୟ ଦେଖିବାକୁ ମିଳୁଥିବା ସ୍ଥାନୀୟ ରାଜନୈତିକ କରିଡ଼ରରେ ଆଲୋଚନା ହେଉଛି । ଯାହା ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି।

## ବନପାଳ ସରିତାଙ୍କୁ ଝାନସିରାଣୀ ଲକ୍ଷ୍ମୀବାଈ ଆୱାର୍ଡ଼




**ନୟାଗ, ୨୯।୧ (ସଂଚାର ବ୍ୟୁରୋ):** ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନପାଳ ସରିତା ବରାଳ ଆଉ ଏକ ଉପାଧି ହାସଲ କରିଛନ୍ତି। ଭୁବନେଶ୍ୱର ଜୟଦେବ ଭବନ ଠାରେ ଆୟୋଜିତ ଝାନସିରାଣୀ ଲକ୍ଷ୍ମୀବାଈ ସମ୍ବର୍ଦ୍ଧନା ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବନପାଳ ଶ୍ରୀମତୀ ବରାଳ ତାଙ୍କ କାର୍ଯ୍ୟକାଳ ସମୟରେ କାଠ ମାଫିଆଙ୍କୁ ସାବାଡ କରି ଜେଲରେ ପୁରାଇବା, ଶିକାରୀମାନଙ୍କୁ ଗୋଡେଇ ଗୋଡେଇ ଧରିବା ଓ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କାଠ ଜବତ କରିବାରେ ବେଶ ପାରଙ୍ଗମ।ତାଙ୍କର ଏଭଳି ପଦକ୍ଷେପ ପାଇଁ ତାଙ୍କୁ ବିଭିନ୍ନ ସମୟରେ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କୁ ଏବେ ଓଡ଼ଗାଁ ବନାଞ୍ଚଳରେ ଅବସ୍ଥାପିତ କରାଯାଇଛି।କିଛିଦିନ ତଳେ ଦୁର୍ଗମ ଜଙ୍ଗଲରେ ପଶି ଶିକାରୀଙ୍କୁ କାବୁ କରିବା ସହିତ ଦେଶୀ ବନ୍ଧୁକ ଜବତ କରିଛନ୍ତି।ତାଙ୍କର ଏଭଳି ସାହସିକତା ପାଇଁ ଝାନସିରାଣୀ ଲକ୍ଷ୍ମୀବାଇ ଆୱାର୍ଡ଼ ପ୍ରଦାନ କରାଯାଇଛି। ଗତକାଲି ଜୟଦେବ ଭବନ ଠାରେ ଆୟୋଜିତ ଓଡ଼ିଶା ଓମେନ କନକ୍ଲେଭ ଉତ୍ସବରେ ଶ୍ରୀମତୀ ବରାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ



**ଜଗତସିଂହପୁର, ୨୯।୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲାପାଳଙ୍କ କାର୍ଯାଳୟସ୍ଥିତ ସଦଭାବନା ସଭାଗୃହରେ କୃତ୍ରିମ ବୁଦ୍ଧିକୁ କିପରି ବ୍ୟବହାର କରି ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ଇଂରାଜୀ ଭାଷାରୁ ଆଞ୍ଚଳିକ ଭାଷାରେ ଅନୁବାଦ, ଓଡିଶା ଉଚ୍ଚ ନ୍ୟାୟାଳୟ ଭିଡିଓ କନଫରେନ୍ସ ନିୟମ ୨୦୨୦, ସିଭିଲ ପ୍ରୋସିଜିୟର, ଏଡିଆର୍ ନିୟମ ୨୦୦୭ ଏବଂ ମଧ୍ୟସ୍ଥତା ନିୟମ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବି ଡି ଡି ଚନ୍ଦନା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ଅତିଥି ଭାବେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନୀଳିମା ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସତ୍ୟବ୍ରତ ଦାସ, ଉପ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ ଏବଂ ସିସଟମ୍ ସହାୟିକା ଅପର୍ଣ୍ଣା ମହାରଣା ଯୋଗଦେଇ ଉପସ୍ଥିତ ଥିବା ପୁଲିସ ଅଧିକାରୀଙ୍କୁ ଏହି ଆଇନ ବିଷୟରେ ସଚେତନ କରାଇଥିଲେ ।

## ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପରେ ବିଜେପିର ମିଶ୍ରଣ ପର୍ବ ଓ ସମ୍ବର୍ଦ୍ଧନା ସଭା



**ଦଶରଥପୁର, ୨୯।୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଥାଲକୁଡ଼ି ପଞ୍ଚାୟତ ମଙ୍ଗଳପୁର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଆଜି ଅପରାହ୍ନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯାଜପୁର ସାଂସଦ ରବି ନାରାୟଣ ବେହେରା, ଯାଜପୁର ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ମହିଳା ମୋର୍ଚ୍ଚା ସଭା ନେତ୍ରୀ ବବିତା ମଲ୍ଲିକ, କୋରେଇ ପ୍ରଭାରୀ ତଥା ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ଦଶରଥପୁର ବ୍ଲକର ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ସାମଲ, ଜିଲ୍ଲା ସମ୍ପାଦକ ସୁରଜଲାଲ ସାମଲ, ବିଂଝାରପୁର ବ୍ଲକର ବରିଷ୍ଠ ବିଜେପି ନେତା ନିରଞ୍ଜନ ବେହୁରିଆ, ୭ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଶଧର ବେହୁରିଆ, ବରିଷ୍ଠ ନେତା ଚନ୍ଦ୍ର ନାରାୟଣ ସାହୁ, ପୂର୍ବତନ ମଣ୍ଡଳ ସଭାପତି ଅଧର ଧଳ, ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ମଲ୍ଲୀକାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମଲ୍ଲିକ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ସତ୍ୟଜିତ ସାମଲ, ମଙ୍ଗଳପୁର ମଣ୍ଡଳ ସମ୍ପାଦକ ଚିତ୍ତରଞ୍ଜନ ସାମଲ, ମଙ୍ଗଳପୁର ପଞ୍ଚାୟତର ଯୁବନେତା ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆଜିର ମିଶ୍ରଣ ପର୍ବରେ ଯାଜପୁର ନିର୍ବାଚନ ମଣ୍ଡଳୀ ତରପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାହୁ ଓ ବିଂଝାରପୁର ନିର୍ବାଚନ ମଣ୍ଡଳୀ ନିଜାମପୁର ପଞ୍ଚାୟତର ସରପଞ୍ଚ ଐରା ଖାରବେଳ ଦାସ ବିଜୁଜନତା ଦଳ ଛାଡି ବିଧିବଦ୍ଧ ଭାବେ ଭାରତୀୟ ଜନତାପାର୍ଟିରେ ସାମିଲ ହୋଇଥିଲେ। ସେହିପରି ବିରିପଟା, ଜାଫରପୁର, ଦଶରଥପୁର ପଞ୍ଚାୟତର ପ୍ରାୟ ଶହେରୁ ଉର୍ଦ୍ଧ ବିଜେଡି କର୍ମୀ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିଲେ । ସେହିପରି ଆଜିର ଏହି ମିଶ୍ରଣ ପର୍ବରେ ନୂତନ କରି ଦାୟିତ୍ୱ ନେଇଥିବା ୪,୫, ୬, ୭ ନମ୍ବର ଜୋନର ମଣ୍ଡଳ ସଭାପତି ମାନଙ୍କୁ ଏହି ମିଶ୍ରଣ ପର୍ବରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ବାଲିଅନ୍ତା,୨୯।୧ (ସଂଚାର ବ୍ୟୁରୋ):** ବାଳକାଟି ପ୍ରତାପଶାସନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୮ ଏବଂ ୨୯ ତାରିଖ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଆଜାଦ ଖାଁ ଓ ଅଧ୍ୟାପିକା ଅଞ୍ଜଳୀ ଶତପଥୀ କ୍ରୀଡ଼ା ପରିଚାଳନା କରିଥିଲେ। ମୋଟ ୧୮୫ ଜଣ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଥିଲେ । ବାଳକ ବିଭାଗରେ ଅଗ୍ନି ଭୋଇ ଓ ବାଳିକା ବିଭାଗରେ ବୈଶାଖୀ ଦାସ ଚାମ୍ପିୟନ ହୋଇଥିଲେ। କର୍ମଚାରୀ ଓ ଶିକ୍ଷକଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଲୀନା ପଟ୍ଟନାୟକ ପ୍ରଥମ ସ୍ଥାନ ହାସଲ କରିଥିଲେ।

## ନାବାଳକ ଲୁଟେରାକୁ ନିର୍ଘୁମ ଛେଚା

**ବାଲିଅନ୍ତା,୨୯।୧(ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ସାପ୍ତାହିକ ହାଟରେ ହାଟ କରୁଥିବା ଜଣେ ନାବାଳକ ଲୁଟେରାକୁ କାବୁ କରି ଲୋକେ ନିର୍ଘୁମ ଛେଚି ବାଲିଅନ୍ତା ପିସିଆର ପୁଲିସ ଜିମା ଦେଇଛନ୍ତି ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତେଜନା ଦେଖାଦେଇଛି । ଖବର ପାଇ ଘଟଣାସ୍ଥଳରେ ପିସିଆର ପୁଲିସ ପହଞ୍ଚି ନାବାଳକ ଲୁଟେରା ନିକଟରୁ ମୋବାଇଲ ଫୋନ ଜବତ କରିଥିଲା । ଦେଇଥିବା ଜଣା ପଡିଛି । ଅଣ୍ଡିଲୋ ଗ୍ରାମର ଜଣେ ବ୍ୟକ୍ତି ହାଟ କରୁଥିଲେ । ନାବାଳକ ଲୁଟେରା ଜଣକ ତାଙ୍କ ସାର୍ଟ ପକେଟରୁ ନେଇଯାଉଥିବା ବେଳେ ସେ କାବୁ କରି ନେଇଥିଲେ । ଏହାପରେ ଉତ୍ୟକ୍ତ ଲୋକେ ତାଙ୍କୁ ଉତ୍ତମ ମଧ୍ୟମ ଛେଚି ପିସିଆର ପୁଲିସକୁ ହସ୍ତାନ୍ତର କରିଥିଲେ । ହେଲେ ପିସିଆର ପୁଲିସ ଲୁଟ ମୋବାଇଲ ଉଦ୍ଧାର କରି ଲୁଟେରାକୁ ଥାନାକୁ ନେଇଥିଲା ।

## ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଖସଡ଼ା ପରିବର୍ତ୍ତନ ଅଭିଯୋଗ

**ସାଲେପୁର,୨୯।୧ (ସଂଚାର ବ୍ୟୁରୋ):** ବ୍ଲକର ସହକାରୀ ଯନ୍ତ୍ରୀ କେତେକ ରାଜନୈତିକ ନେତାଙ୍କ ହାତବାରିସୀ ସାଜି ଜଣେ ମହିଳା ସମିତିସଭ୍ୟାଙ୍କ ବାର୍ଷିକ କାର୍ଯ୍ୟ ଖସଡ଼ାକୁ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟତ୍ର ପରିବର୍ତ୍ତନ କରିବା ସହ ଉକ୍ତ ପଞ୍ଚାୟତରେ ବ୍ୟାପକ ଅର୍ଥ ଆତ୍ମସାତ୍ କରିଥିବା ନେଇ ସମିତିସଭ୍ୟା ଜଣକ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ନାନ୍ଦୋଳ ପଞ୍ଚାୟତର ସମିତିସଭ୍ୟା ବନ୍ଦନା ରାଉତ ଦେଇଥିବା ବାର୍ଷିକ କାର୍ଯ୍ୟ ଖସଡ଼ାକୁ ସାଲେପୁର ବ୍ଲକ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ମଲ୍ଲିକ ଉଦ୍ଦେଶ୍ୟମୂଳକ ଭାବେ ଅନ୍ୟତ୍ର ପରିବର୍ତ୍ତନ କରିବା ନେଇ ସେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ୨୦୦୮ମସିହା ପଞ୍ଚାୟତ ସମିତି ଗଠନ ହେବା ଦିନ ଠାରୁ ସେ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ପ୍ରତିବର୍ଷ ବାର୍ଷିକ କାର୍ଯ୍ୟଖସଡ଼ା ଲିଖିତ ଆକାରରେ ବ୍ଲକର ସହକାରୀ ଯନ୍ତ୍ରୀଙ୍କୁ ଦେଇଥାନ୍ତି। କିନ୍ତୁ ଯନ୍ତ୍ରୀ ଏହି ପଞ୍ଚାୟତର କେତେକ କୁଜିନେତାଙ୍କ ହାତବାରିସୀ ସାଜି ଉଦ୍ଦେଶ୍ୟମୂଳକ ଭାବେ ଏହି କାର୍ଯ୍ୟକୁ ମନଇଚ୍ଛା ଅନ୍ୟତ୍ର ପରିବର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକୁ ନେଇ ସେ ବାରମ୍ବାର ସାକ୍ଷାତ କଲେ ମଧ୍ୟ ନିର୍ବାହୀ ଯନ୍ତ୍ରୀ ଜଣକ ଟାଳଟୁଳ ନୀତି ଅବଲମ୍ବନ କରି ସମୟ ଗଡ଼ାଇ ଚାଲିଛନ୍ତି। ସେହିପରି ଏହି ପଞ୍ଚାୟତରେ ମହାତ୍ମା ଗାନ୍ଧି ଗ୍ରାମ୍ୟ ରୋଜଗାର ଯୋଜନା, ମୋ ବଗିଚା, ସୋକ୍ ପିଟ୍ ଇତ୍ୟାଦିରେ ବହୁ ଦୁର୍ନୀତି କରିଥିବାବେଳେ ଏନ୍.ଆର.ଜି.ଏସ୍. ଅମୃତ ସରୋବର ଯୋଜନାରେ ପଞ୍ଚାୟତ ପଛପଟେ ଥିବା ଗଡ଼ିଆକୁ ଜେ.ସି.ବି.ରେ ଖୋଳି ଟ୍ରାକ୍ଟରରେ ମାଟି ଅନ୍ୟତ୍ର ବିକ୍ରି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି।

## ଜିଲ୍ଲା କାରାଗାରରେ ଦକ୍ଷତା ପ୍ରଶିକ୍ଷଣ ଶିବିର



**ନୟାଗଡ଼,୨୯।୧ (ସଂଚାର ବ୍ୟୁରୋ):** ଜିଲ୍ଲା କାରାଗାରରେ ଚାଲିଛି ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର । ଜିଲ୍ଲା ସୁପରିଟେଣ୍ଡଙ୍କ ଅଭିନବ ପ୍ରୟାସ । ଜେଲରେ ଜୀବନ ବିତାଉ ଥିବା କଏଦୀଙ୍କୁ ଘୃଣା ନକରି ସ୍ୱାବଲମ୍ବୀ ହେବାର ବାଟ ଦେଖାଇଛନ୍ତି ନୟାଗଡ଼ ଜିଲ୍ଲା କାରାଗାରର ସୁପରିଟେଣ୍ଡେଣ୍ଟ ପ୍ରଫୁଲ୍ଲ କୁମାର କବି । ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଉପ କାରାଗାରରେ ଦୁଇ ଶହରୁ ଉର୍ଦ୍ଧ କଏଦୀ ଓ ବିଚାରଧୀନ କଏଦୀ ଜୀବନ ବିତାଉଛନ୍ତି । ବର୍ଷ ବର୍ଷ ଧରି ଜେଲ ଭିତରେ ରହି ବିଭିନ୍ନ ପ୍ରକାରର ମାନସିକ ଦୁଶ୍ଚିନ୍ତାରେ ରହି ଦିନ କାଟୁଛନ୍ତି ଅନ୍ତେବାସୀ । ଜେଲ ଦଣ୍ଡ ସରିବା ପରେ କଣ କରିବେ, କଣ ନକରିବେ, ସେ ଦୁଶ୍ଚିନ୍ତା ରହିବା ସହ କୌଣସି କାର୍ଯ୍ୟ ନକରି ଘରର ଚାରି କାନ୍ଥ ଭିତରେ ଲାଜ ଓ ଲୋକ ଲଜ୍ୟାକୁ ଡରି ଘରେ ରହିଥାନ୍ତି । ଯାହାଫଳରେ ଘର ଚଳାଇବା କଷ୍ଟ ସାଧ୍ୟ ହୋଇଥାଏ। ତେଣୁ ବାରମ୍ବାର ଅପରାଧ ମଧ୍ୟ କରିଥାନ୍ତି । ଏବଂ ଜେଲର ଚାରି କାନ୍ଥ କଏଦୀ ମାନଙ୍କ ପରିବାର ପାଲଟିଯାଏ । ମାନସିକ ଭାବେ ଭାଙ୍ଗି ପଡନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା କାରାଗାର ସୁପରିଟେଣ୍ଡଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଦକ୍ଷତା ବିକାଶ କେନ୍ଦ୍ରର ମିଳିତ ସହଯୋଗରେ ଜେଲ ପରିସରରେ ୬୦ରୁ ଉର୍ଦ୍ଧ କଏଦୀ ସ୍ୱାବଲମ୍ବୀ ହେବା ପାଇଁ ସାମିଲ ହେବା ସହ ଉର୍ନ୍ନତ ମାନର ଶିକ୍ଷା ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳିଛି । ଏଥିପାଇଁ କଏଦୀ ମାନେ ସ୍ୱାବଲମ୍ବୀ ହେବା ଜେଲରେ ରହି ମଧ୍ୟ ପରିବାର ପ୍ରତିପୋଷଣ କରି ପାରିବେ । ତେଣୁ ସୁପରିଟେଣ୍ଡଙ୍କ ପରିକଳ୍ପନାରେ ଇଲେକ୍ଟ୍ରିକାଲ, ଇଲୋକ୍ଟ୍ରୋନିସ ସଂପର୍କରେ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକଙ୍କ ଠାରୁ କଏଦୀ ମାନେ ଛାତ୍ର ପାଲଟି ଟିକିନିକି ଭାବେ ପ୍ରଶିକ୍ଷଣ ନେଉଥିବା ଦେଖିବାକୁ ମିଳିଥିଲା ।

## ମା'ବିରଜାଙ୍କ ଜନ୍ମୋତ୍ସବରେ:- ସହସ୍ରାଧିକଙ୍କ ସମାଗମ



**ଯାଜପୁର,୨୯।୧(ସଂଚାର ବ୍ୟୁରୋ):** ଆଜି ପବିତ୍ର ତ୍ରିବେଣୀ ଅମାବାସ୍ୟା ଅବସରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜାଙ୍କ ସ୍ୱ-ନକ୍ଷତ୍ର(ଜନ୍ମୋତ୍ସବ) ପାଳନ ହୋଇଛି। ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ସ୍ଥିର କରାଯାଇଥିବା ବେଳେ ସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ଭିଡ ଦେଖିବାକୁ ମିଳିଥିଲା। ଯାହାକୁ ମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ସମାପନ କରାଯାଇଛି। ଆଜି ବ୍ରାହ୍ମମୁହୂର୍ତ୍ତରେ ଦେବୀଙ୍କ ନିତ୍ୟସ୍ନାନ ଓ ବେଶ କାର୍ଯ୍ୟ ସରିବା ପରେ ୭.୫୭ ମିନିଟ ଦେବୀଙ୍କୁ ସ୍ୱ-ନକ୍ଷତ୍ର ବିହିତ ମହାସ୍ନାନ କରାଯାଇଥିଲା। ସ୍ନାନ ପରେ ଚନ୍ଦନ ବେଶ, ସାବିତ୍ରୀ ବେଶ ଓ ଅଳଙ୍କାର ବେଶ ଅନୁଷ୍ଠିତ ହୋଇ ଉକ୍ତ କାର୍ଯ୍ୟ ସରିବା ପରେ ସିଂହାସନ ଉପରେ ଷୋଡଶୋପଚାର ପୂଜାବିଧି ଆରମ୍ଭ କରାଯାଇଥିଲା। ସ୍ୱତନ୍ତ୍ର ନୀତି ଲାଗି କରାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଯଜ୍ଞ କାର୍ଯ୍ୟ ସରିବା ପରେ ପୂର୍ଣ୍ଣାହୁତି, ଆରତୀ ଓ ଘଟ ବିଶର୍ଜନ ହୋଇଥିଲା। ଯାହାକି ଆଜି ହଜାର ହଜାର ଶ୍ରଦ୍ଧାଳୁ ମାଙ୍କୁ ଦର୍ଶନ କରିଥିଲେ। ସକାଳୁ ଦିନ ତମାମ ମାଙ୍କ ଦର୍ଶନ ପାଇଁ ମନ୍ଦିରରେ ଭିଡ ଲାଗି ରହିଥିଲା।

## ଭାଲୁ ପଞ୍ଝାରୁ ବାପା ଜୀବନ ବଞ୍ଚାଇଲା କୁନି ପୁଅ



**ମାଲକାନଗିରି, ୨୯।୧ (ସଂଚାର ବ୍ୟୁରୋ):** ସାବାସ ପୁଅ । ଏମିତି ପୁଅ ସମସ୍ତଙ୍କୁ ମିଳୁ । ବାପାର ଜୀବନ ବଞ୍ଚାଇବାକୁ ଯାଇ ଯମକୁ ମାତ୍ ଦେଇଛି । ଯେଉଁ ବୟସରେ ପିଲାମାନେ ଖେଳକୁଦରେ ମନ ବଳାଇଥାଆନ୍ତି । ସେହି ବୟସରେ ଭାଲୁ ସହ ଲଢ଼େଇ କରି ବାପାର ଜୀବନ ବଞ୍ଚାଇଛି ପୁଅ । ଏକଥା ଶୁଣି ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ କିନ୍ତୁ ଏମିତି ଏଘଟଣା ଦନ୍ତେୱାଡ଼ାରେ ଘଟିଯାଇଛି । ସତରେ ପୁଅଟିଏ ପାଇବା ପାଇଁ ବାପା ମା କେତେ ଠାକୁରଙ୍କୁ ପୂଜା କରିଥାଆନ୍ତି । ପୁତ୍ର ସନ୍ତାନ ମିଳିବା ପରେ ବହୁତ ଖୁସି ହୋଇଯାଆନ୍ତି । ସେହି ପୁଅ ଯେତେବେଳେ ବଡ଼ ହୋଇଯାଏ ବାପା ମା'ଙ୍କର ଆଶା ଥାଏ ପୁଅ ବୃଦ୍ଧା କାଳେ ଆମର ସେବା ଯତ୍ନ କରିବ। କିନ୍ତୁ ଆଜିକାଲିର ପୁଅ ମାନେ ବାପା ମା ଚାହୁଁ ନଥିବା ବେଳେ ଏହି ୧୦ ବର୍ଷର ପୁଅ ଜଣକ ତା ବାପା ଙ୍କ ପାଇଁ ଯାହା କରି ଦେଖାଇଛନ୍ତି ତାହା ଜାଣିଲେ ଆପଣ ମଧ୍ୟ ଭାବପ୍ରବଣ ହୋଇଯିବେ । ୧୦ ବର୍ଷର ପୁଅ । ଦୁନିଆ ବିଷୟରେ ଖୁବ୍ କମ୍ ଜ୍ଞାନ ଆହୋରଣ କରିଛି । କିନ୍ତୁ ଯେଉଁ କାର୍ଯ୍ୟ ବଡ଼ ବଡ଼ ଲୋକ କରିବାକୁ ଡରିବେ ଆଉ ପଛକୁ ହଟିଯିବେ ସେହି କାମକୁ ସାହାସର ସହ କରି ଦେଖାଇଛି ଏହି ପୁଅ ।

## କୁମୁଲି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ବୋରିଗୁମ୍ମା,୨୯।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ସରସ୍ୱତୀ ଶିଶୁ ମନ୍ଦିରର ୨୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଦେବେନ୍ଦ୍ର କୁମାର ତ୍ରିପାଠୀ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉଦବୋଧନ ଦେଇ କୁମୁଲି ଭଳି ଗ୍ରାମାଞ୍ଚଳ ରେ ୨୨ ବର୍ଷ ହେବ ଶିଶୁ ମନ୍ଦିର ଗଢି ଉଠି ଶିଶୁ ଶିକ୍ଷା ର ଗୁରୁତ୍ୱ ଦେଇ ଆସୁଥିବାରୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ନୃସିଂହନାଥ ଶତପଥୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପାର୍ବତୀ ଜାନୀ, ମୁଖ୍ୟ ବକ୍ତା ଭାବେ ନବରଙ୍ଗପୁର କଲେଜର ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ବିଜୟ କୁମାର ମିଶ୍ର ଓ ଜୟପୁର କଂଗ୍ରେସର ବରିଷ୍ଠ ନେତା ଦେବେନ୍ଦ୍ର ବାହିନୀପତି , ଅଖିଳ ପଣ୍ଡା ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର କୁମାର ଶତପଥୀ, ପ୍ରଧାନ ଆଚାର୍ଯ୍ୟ ଏ ଶଙ୍କର ରାଓ ମଞ୍ଚାସୀନ ଥିବାବେଳେ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରିବା ସହିତ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ । ରମେଶ ଗୁରୁଜୀ ଅତିଥି ପରିଚୟ ଦେବା ସହିତ ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁମା ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟର ବିଭିନ୍ନ ବିଭାଗ ରେ କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



**ପୁଣି ଅଶାନ୍ତ କଳିଙ୍ଗନଗର**

## ଟାଟା କାରଖାନାରେ ବିସ୍ଥାପିତ, କ୍ଷତିଗ୍ରସ୍ତଙ୍କ ଧାରଣା




**କଳିଙ୍ଗନଗର,୨୯।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା କାରଖାନା ଓ ନୀଳାଚଳ କାରଖାନା ସମ୍ମୁଖରେ ଗତକାଲି ଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ବିଳମ୍ବିତ ରାତିରେ ଉଗ୍ରରୂପ ନେଇଥିଲା, ଟାଟା ଅଧିଗ୍ରହଣ କରିଥିବା ନୀଳାଚଳ ଇସ୍ପାତର ଫାଟକ ସମ୍ମୁଖରେ ଆନ୍ଦୋଳନରତ ମହିଳା ମାନଙ୍କୁ କାରଖାନାର ସୁରକ୍ଷା କର୍ମୀ ଫାଟକ ସମ୍ମୁଖରୁ ଉଠାଇବା ପାଇଁ ଚେଷ୍ଟା କରିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା, ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା,ସୁରକ୍ଷାକର୍ମୀ ମାନେ ମହିଳା ଆନ୍ଦୋଳନକାରୀ ମାନଙ୍କ ଉପରକୁ ହାତ ଉଠେଇ ଥିଲେ, ଲାଠିରେ ପିଟିଥିଲେ, ଟଣା ଘୋଷାରା କରିଥିଲେ, ଏପରିକି ଦୁଇଜଣ ପୁରୁଷ ଆନ୍ଦୋଳନକାରୀଙ୍କୁ ବାଡେଇ ଆହତ କରି ରକ୍ତାକ୍ତ କରିଦେଇଥିଲେ, ଆନ୍ଦୋଳନକାରୀ ଗୋବରଘାଟି ର ଗୋବିନ୍ଦ ମୁଣ୍ଡା ପେଟରେ ସୁରକ୍ଷା କର୍ମୀ ମୁନିଆ ଲୁହା ପାଇପରେ ଭୁସି ଦେବାରୁ ସେ ଗୁରୁତର ହୋଇ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତୀ ହୋଇଥିବା ବେଳେ ସୁମନ୍ତ ମହାନ୍ତଙ୍କର ଆଣ୍ଠୁ ଓ ଗୋଡ଼ରେ ମାଡ଼ ହୋଇଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା ସେ ମଧ୍ୟ ମେଡିକାଲରେ ଭର୍ତ୍ତୀ ହୋଇଥିଲେ, ସେହିପରି ମହିଳା ଆନ୍ଦୋଳନକାରୀ ସୁମିତ୍ରା ଗୋଇ, ହୀରା ମୁଣ୍ଡା, ଝରଣା ମହାନ୍ତ, ଦିଗା ମହାନ୍ତ, ଝୁନୁବାଳା ମହାନ୍ତ, ପିଙ୍କି ହେସା ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ଲହୁଲୁହାଣ ହୋଇଛନ୍ତି, ଏ ଘଟଣା ପରେ ଆନ୍ଦୋଳନ ଆଜି ତୀବ୍ର ରୂପ ନେଇଛି, ମହିଳା ମାନଙ୍କୁ ଓ ଆନ୍ଦୋଳନକାରୀ ଗଣତାନ୍ତ୍ରିକ ଉପାୟରେ ଫାଟକ ସମ୍ମୁଖରେ ନିଜ ଭିଟାମାଟି ହରାଇ ପେଟ ପାଇଁ ଆନ୍ଦୋଳନ କରୁଥିବା ବେଳେ ନୀଳାଚଳ କାରଖାନା ତରଫରୁ ଯେଉଁ ଆକ୍ରମଣ କରାଗଲା ତାହାକୁ ବୁଦ୍ଧିଜୀବି ମାନେ ନିନ୍ଦା କରିଛନ୍ତି,କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୁ ଭୂଷଣ ରାଉତ ରାତିଅଧିଆ ସ୍ଥାନୀୟ ମହିଳାଙ୍କ ଉପରେ ଆକ୍ରମଣ କୁ ଦୃଢ଼ ନିନ୍ଦା କରିବା ସହ ଟାଟା କମ୍ପାନୀର ଏପରି ମନମୁଖୀ କାର୍ଯ୍ୟକୁ ନାପସନ୍ଦ କରିଛନ୍ତି, ଆଜି କାରଖାନା ଭିତରକୁ କୌଣସି କର୍ମଚାରୀ ଓ ଶ୍ରମିକ ପଶି ପାରିନାହାଁନ୍ତି, ଆନ୍ଦୋଳନକାରୀ ମାନେ ହାତରେ ଠେଙ୍ଗା ବାଡ଼ି ଧରି ଫାଟକ ସମ୍ମୁଖରେ ବସିଛନ୍ତି,ଯୁବକ ମାନେ ହାତରେ ଠେଙ୍ଗା ଧରି ୧୬୩ ଧାରାକୁ ନ ମାନି ବାଇକ ରେ ସବୁ ଫାଟକ ବୁଲୁଛନ୍ତି, ଏକ ଭୟରବାତାବରଣ ଖେଳି ଯାଇଛି, ଘଟଣା ସ୍ଥଳରେ ପ୍ରଶାସନିକ ଅଧିକାରୀ ଭାବେ ତହସିଲଦାର, ଉପ ଜିଲ୍ଲାପାଳ, ଏସ. ପି., ଭୂ ଅର୍ଜନ ଅଧିକାରିଣୀ, ଥାନା ଅଧକାରୀ ଓ ପୋଲିସ ଫୋର୍ସ ମୁତୟନ ଅଛନ୍ତି, କାରଖାନାର ସମସ୍ତ ଫାଟକ ବନ୍ଦ ରହିଛି, ଟାଟା କାରଖାନା ସମ୍ମୁଖ ଫାଟକ ରେ ଆନ୍ଦୋଳନକାରୀ ମହିଳା ମାନେ ପିଲାଛୁଆଙ୍କୁ ଧରି ଜରିପାଲ ମାରି ବସି ରହିଛନ୍ତି, ସୁରକ୍ଷାକର୍ମୀ ମାନେ କାହିଁକି ମହିଳା ଓ ପୁରୁଷଙ୍କୁ ଆକ୍ରମଣ କଲେ ସେମାନଙ୍କ ବିରୋଧରେ କଳିଙ୍ଗନଗର ଥାନାରେ ପହଁଚି ଏତଲା ଦେଇଛନ୍ତି ମହିଳା ମାନେ, ପରିସ୍ଥିତି ଏପରି ହୋଇଛି ଏ ଘଟଣା ରାଜନୀତି ମୋଡ଼ ନେଲାଣି, ଘଟଣା ସ୍ଥଳକୁ ଆସି ସମର୍ଥନ ଦେଇ ନିନ୍ଦା କରିଥିବା ବେଳେ କାରଖାନା ଭିତରେ ଥିବା ଶ୍ରମିକ ମାନଙ୍କୁ କମ୍ପାନୀ ରୋଷେଇ କରି ଖାଇବାକୁ ଦେଇ ରଖିଛି, ଆନ୍ଦୋଳନକାରୀଙ୍କୁ ଉପ ଜିଲ୍ଲାପାଳ ଓ ଭୂ -ଅର୍ଜନ ଅଧିକାରୀଣୀ ଆଲୋଚନା ଯେତେ ଡାକିଲେ ମଧ୍ୟ୍ ଆନ୍ଦୋଳନ କାରୀ ଏକ ବର୍ଷ ହେଲା ବାରମ୍ବାର ମିଛ ପ୍ରତିଶ୍ରୁତି ପାଇ ନିରାଶ ହୋଇଥିବାରୁ ପ୍ରଶାସନଙ୍କ ଆଲୋଚନା ଉପରେ ଆଉ ଭରଷା କରୁ ନାହାନ୍ତି ।

## କର୍ମଶାଳା ଓ ଏକାଡେମୀ ଗୃହର ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ

**ନାଉଗାଁ,୨୯।୧(ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକର ଜାମୁଗାଁ ଠାରେ ଥିବା ସରକାରୀ ପଲିଟେକନିକ କଲେଜର ନୂତନ ଏକାଡେମୀ ଗୃହ ଓ କର୍ମଶାଳା ଗୃହର ଶିଳାନ୍ୟାସ ମାନ୍ୟବର ବିଧାୟକ ଅମରେନ୍ଦ୍ର ଦାସ ଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଲୋକ ପ୍ରିୟ ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ସାମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ନାଉଗାଁ ଜିଲ୍ଲାପରିଷଦ ଜୋନ ୧ ର ସଭ୍ୟା ଅମିତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ, କଲେଜ ଅଧ୍ୟକ୍ଷ କଳ୍ପନା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ ଙ୍କୁ ସ୍ଥାନୀୟ ନୂଆପାଟଣା ଛକ ନିକଟରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ଦଳୀୟ କର୍ମୀ ମାନେ କଲେଜ ପର୍ଯ୍ୟନ୍ତ ପାଛୋଟି ଅଣିଥିଲେ।

# ବୟନ, ପୋଷାକ ଶିଳ୍ପ କ୍ଷେତ୍ରରେ ୮ ଏମ୍ଓୟୁ

- ବୟନ, ପୋଷାକ, ରେଶମ ଶିଳ୍ପ ଓ ହସ୍ତତନ୍ତରେ ଆସିବ ସମୃଦ୍ଧି
- ୩୬ଟି ୟୁନିଟ୍‌ରେ ୭୭୬୨ କୋଟି ନିବେଶ ପାଇଁ ସହମତି
- ୮୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ




ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ବୟନ ଶିଳ୍ପ, ପୋଷାକ ଶିଳ୍ପ, ରେଶମ ଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ବିକାଶ ଓ ସମୃଦ୍ଧି ପାଇଁ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍' ସ୍ୱତନ୍ତ୍ର ଉର୍ଜା ଯୋଗାଇବ। ଏହି କ୍ଷେତ୍ରର ବିକାଶ ପାଇଁ ଆଜି ଏହି ସମ୍ମିଳନୀରେ ମୋଟ ୮ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଫଳରେ ୩୬ଟି ୟୁନିଟରେ ମୋଟ ୭୭୬୨ କୋଟି ଟଙ୍କାର ପୁଞ୍ଜି ନିବେଶ ନିଶ୍ଚିତ ହୋଇଛି। ଏହା ରାଜ୍ୟରେ ୨୨ ହଜାର ପ୍ରତ୍ୟକ୍ଷ ଓ ୬୬ ହଜାର ପରୋକ୍ଷ ଏହିପରି ମୋଟ ୮୮ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ।

'ଦି ଇମର୍ଜିଂ ଡେଷ୍ଟିନେସନ ଫର ଟେକ୍ସଟାଇଲ୍ସ, ଆପାରେଲ୍ସ ଆଣ୍ଡ ହ୍ୟାଣ୍ଡଲୁମ୍ସ' (ବୟନ, ପୋଷାକ, ଓ ହସ୍ତତନ୍ତ ପାଇଁ ସମ୍ଭାବନାର କ୍ଷେତ୍ର) ଶୀର୍ଷକ ପ୍ରଥମ ଅଧିବେଶନରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ଉଦ୍ୟୋଗୀଙ୍କୁ ସୁହାଇବା ଭଳି ନୀତି, ଦୃଢ଼ ଭିତ୍ତିଭୂମି, ଆବଶ୍ୟକ କଞ୍ଚାମାଲ, ଦକ୍ଷତାସମ୍ପନ୍ନ ମାନବ ସମ୍ବଳ, ସୁଦକ୍ଷ ବୁଣାକାର ଓ ଡବଲ ଇଞ୍ଜିନ୍ ସରକାର ଆମର ଶକ୍ତି ହୋଇଥିବା ବେଳେ ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ବିପୁଳ ସୁଯୋଗ ରହିଛି ବୋଲି କହିଛନ୍ତି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ କହିଛନ୍ତି ଯେ ବୟନ ଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ପୁଞ୍ଜି ନିବେଶ ହେଉଛି ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଦୃଷ୍ଟିକୋଣର ଏକ ନିରନ୍ତର ଅନୁସରଣ। ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଓଡ଼ିଶାରେ ଥିବା ବ୍ୟାପକ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ୮ଟି ଜିଆଇ ଟ୍ୟାଗ୍ ମାନ୍ୟତାପ୍ରାପ୍ତ ହସ୍ତତନ୍ତ ବସ୍ତ୍ର ଓଡ଼ିଶାର ଗରିମାମୟ ହସ୍ତତନ୍ତ ପରମ୍ପରାର ନିଦର୍ଶନ ବୋଲି କହିଥିଲେ। ଅଧିକ ପୁଞ୍ଜି ନିବେଶ ହେଲେ ଭିତ୍ତିଭୂମି, ବଜାର ଓ ଦକ୍ଷତା ବିକାଶ ହେବା ସହ ବୁଣାକାର ଓ କାରିଗରମାନଙ୍କ ଆର୍ଥିକ ସଶକ୍ତିକରଣରେ ସହାୟକ ହେବ ବୋଲି ମତ ବ୍ୟକ୍ତ କରିଥିଲେ।

ଏହି ଅଧିବେଶନରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟା ଲଘୁ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭାରତ ସରକାରଙ୍କ ବୟନ କମିଶନର ରୂପ ରାଶି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଂଶୋଧିତ ଓଡ଼ିଶା ପୋଷାକ ଏବଂ ବୈଷୟିକ ବୟନ ନୀତି-୨୦୨୨ର କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଉନ୍ମୋଚିତ ହୋଇଥିଲା।

ଶ୍ରୀ ମା' ଟେକ୍ସଟାଇଲ୍ସ, ମା' ବନଦୁର୍ଗା ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍, ପ୍ରତିମା ଆଗ୍ରୋ ସ୍ପିନିଂ ମିଲ୍ସ, ତିଲୋତ୍ତମା ପ୍ରୋପ୍ରାଇଟର୍ସ, ଅରୁନ୍ଧତୀ ବାନ୍ଧକଳା, ଅନୁଭବ ନିଟ୍‌ୱେୟାର, ସେଡ୍ରା ଫିଲ୍‌ଟ୍ରେସନ୍ ଭଳି ପ୍ରମୁଖ ଶିଳ୍ପ ସହ ୬ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଛଡ଼ା ଜିଆଇ ପରବର୍ତ୍ତୀ ପଦକ୍ଷେପ ଓ ରେଶମ ଚାଷ କ୍ଷେତ୍ରରେ ମୋଡାଲ୍ ଇକୋ-ରେସ୍ ସଂରକ୍ଷଣ ପାଇଁ ଟେକ୍ସଟାଇଲ୍ସ କମିଟି/ସିଡ୍‌ବି ଓ କେନ୍ଦ୍ରୀୟ ରେଶମ ବୋର୍ଡ ସହ ଅନ୍ୟ ୨ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ଅପାର ସମ୍ଭାବନାର କ୍ଷେତ୍ର ପାଲଟିଥିବା ବୟନ, ପୋଷାକ, ହସ୍ତତନ୍ତ ଓ ରେଶମ ଚାଷରେ ବିପୁଳ ପୁଞ୍ଜି ନିବେଶ ପାଇଁ ପ୍ରମୁଖ ଶିଳ୍ପପତି, ଉଦ୍ୟୋଗପତି ଓ ଅଂଶୀଦାରମାନଙ୍କୁ ମଞ୍ଚାସୀନ ଅତିଥିମାନେ ଆହ୍ୱାନ କରିଥିଲେ। ମେସର୍ସ ସାହି ଏକ୍ସପୋର୍ଟ୍ସ ପ୍ରାଇଭେଟ୍ ଲିମିଟେଡ୍, ମେସର୍ସ ସାହାନା ଗ୍ରୁପ୍ସ, ଟ୍ରାଇମେଟ୍ରୋ (ଏପିକ୍ ଗ୍ରୁପ୍), ୱେଲସ୍ପନ୍ ୱାର୍ଲ୍ଡ ଲିମିଟେଡ୍ ଇଣ୍ଡୋରାମା ସିନ୍ଥେଟିକ୍ସ, ଏମ୍ଏଏସ୍ ହୋଲ୍ଡିଂସ୍ ଭଳି ପ୍ରତିଷ୍ଠିତ ପୋଷାକ ଶିଳ୍ପସଂସ୍ଥାମାନେ ଏହି ଅଧିବେଶନରେ ଅଂଶଗ୍ରହଣ କରିଥିଲେ।

କରୁଣା ସିଲ୍କ ଓ ବୈଷୟିକ ବୟନଶିଳ୍ପ: ନୈତିକତା ଓ କ୍ଷେତ୍ରୀୟ ଉପଯୋଗିତାକୁ ନେଇ ଓଡ଼ିଶାର ପ୍ରୟାସ ଶୀର୍ଷକ ଅଧିବେଶନରେ ବୟନ ମନ୍ତ୍ରାଳୟ ଉପମହାନିର୍ଦ୍ଦେଶକ ଅଖିଳେଶ କୁମାର, ଶ୍ରୀଲଙ୍କା ଏମଏଏସ୍ ହୋଲ୍ଡିଂସ୍‌ର ସିଇଓ ମଲିକ ଅହମଦୀନ, ଟ୍ରିମେଟ୍ରୋ (ଏପିକ୍ ଗ୍ରୁପ୍)ର ସିଇଓ ସୂରଜ କାଲରା, ଇଣ୍ଡୋରାମା ସିନ୍ଥେଟିକ୍ସର ପରାମର୍ଶଦାତା ଆରକେ ଭିଜ, ୱେଲସ୍ପନ୍ ୱାର୍ଲ୍ଡ ଲିମିଟେଡ୍‌ର ନିର୍ଦ୍ଦେଶକ ଓ ସିଇଓ ଉପଦୀପ ସିଂହ ଚଡ୍ଢ଼ା, ସାହି ଏକ୍ସପୋର୍ଟ୍ସର ପରାମର୍ଶଦାତା (ବାଣିଜ୍ୟ) ଆରପି ଗୋଏଲ, ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ମୁକେଶ କୁମାର ନାୟକ, ପରିଚାଳନା ନିର୍ଦ୍ଦେଶକ, ସେଡ୍ରା ଫିଲ୍‌ଟ୍ରେସନ୍ସ, ଭୁବନେଶ୍ୱର ଧନଞ୍ଜୟ ସାହୁ, ସିଜିଏମ୍-ପେଟ୍ରୋକେମିକାଲ୍ସ, ଆଇଓସିଏଲ୍, ନୂଆଦିଲ୍ଲୀ, ପି. ଶିବକୁମାର, ସଦସ୍ୟ ସଚିବ, କେନ୍ଦ୍ରୀୟ ରେଶମ ବୋର୍ଡ, ବେଙ୍ଗାଲୁରୁ, ଡିଏସ କାସାରେ, ନିର୍ଦ୍ଦେଶକ, କାସାରେ ବନ୍ ସିଲ୍କ ମିଲ୍ ପ୍ରାଇଭେଟ୍ ଲିମିଟେଡ୍, ରାୟପୁର, ଡକ୍ଟର କାର୍ତ୍ତିକ ନେଓଗ୍, ନିର୍ଦ୍ଦେଶକ, କେନ୍ଦ୍ରୀୟ ମୁଗା ଓ ଏରି ରେଶମ ଗବେଷଣା କେନ୍ଦ୍ର, ଆସାମ ପ୍ରମୁଖ ଉପସ୍ଥିତ ଥିଲେ।

କୃଷି ବିକାଶରେ ସାମିଲ ହେବାକୁ ଶ୍ରୀ ସିଂହଦେଓଙ୍କ ଆହ୍ୱାନ

## ୧୭ ଏମ୍ଓୟୁରେ ୧୨୭୯ କୋଟି ନିବେଶ ପାଇଁ ସହମତି




ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ସ୍ଥାନୀୟ ଜନତା ମଇଦାନଠାରେ ଚାଲିଥିବା 'ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନରେ 'କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ- ଓଡ଼ିଶାରେ ନିରନ୍ତର ଖାଦ୍ୟ ଓ ଅଭିବୃଦ୍ଧି' ଶୀର୍ଷକ ଆଲୋଚନା ହୋଇଥିବା ବେଳେ ଏହି କ୍ଷେତ୍ରରେ ନିବେଶ ପାଇଁ ଉଦ୍ୟୋଗୀମାନଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆହ୍ୱାନ ଦେଇଛନ୍ତି। ଏହି ଅଧିବେଶନରେ ଯୋଗଦେଇଥିବା ଶିଳ୍ପପତିମାନଙ୍କ ସହ ମୋଟ ୧୭ଟି ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ ଏ ବାବଦରେ ମୋଟ ୧୨୮୯ କୋଟି ଟଙ୍କାର ନିବେଶ ପାଇଁ ସହମତି ହୋଇଛି। ଅଧିବେଶନରେ ଶ୍ରୀ ସିଂହଦେଓ ନିବେଶକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଜୈବିକ କୃଷି, ଜଳବାୟୁ ସହନଶୀଳ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଓଡ଼ିଶାରେ, ବିଶେଷକରି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିବେଶ କରି ରାଜ୍ୟକୁ ଆଗେଇନେବା ଦିଗରେ ସହଯୋଗ କରିବାକୁ ଶ୍ରୀ ସିଂହଦେଓ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେହିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଏମ୍ଏସ୍ଏମ୍ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ ହୋଇଥିବା ବେଳେ ଆଜିର ନିବେଶ ସହମତି କୃଷି, ପନିପରିବା, ମସଲା ଆଦି ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧିକୁ ସଶକ୍ତ କରିବ ବୋଲି କହିଛନ୍ତି। ତା'ଛଡ଼ା ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ ଓର୍‌ମାସ୍ ଓଡ଼ିଶା ଜୀବିକା ମିଶନ ଜରିଆରେ ଓଡ଼ିଶାର ଗ୍ରାମ୍ୟ ଅର୍ଥନୀତି ସଶକ୍ତ ହେଉଛି ଓ ଏହାକୁ ଅଧିକ ସଶକ୍ତ କରିବା ପାଇଁ ଉଦ୍ୟୋଗୀମାନେ ଆଗେଇ ଆସିବା ଉଚିତ ବୋଲି ମତ ଦେଇଛନ୍ତି। ଏହି ଅବସରରେ ଅତିଥିମାନେ ଶୀତଳଭଣ୍ଡାର ପୁସ୍ତିକା ଉନ୍ମୋଚନ କରିଛନ୍ତି। ଆନୁଷ୍ଠାନିକ ଭାବେ ଆଜିଠାରୁ ୫୮ଟି ଶୀତଳଭଣ୍ଡାର ଖୋଲାଯିବା ଯୋଜନା ଲାଗୁ ହୋଇଛି। ଏଫ୍‌ପିଓ ଉପରେ ଏକ କଫି ଟେବୁଲ ପୁସ୍ତିକା ଉନ୍ମୋଚିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀଙ୍କୁ ବିଭିନ୍ନ ବ୍ୟବସାୟ ତଥା ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରାୟ ୫୦ ପ୍ରତିଶତ ପର୍ଯ୍ୟନ୍ତ ସବ୍‌ସିଡି ପ୍ରଦାନ କରାଯାଉଛି ବୋଲି ସୂଚନା ଦିଆଯାଇଛି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ। ଉଦ୍ୟାନ କୃଷି ନିର୍ଦ୍ଦେଶକ

- ନିଶାଦ୍ରବ୍ୟ କାରବାର ଉପରେ ଚଢ଼ାଉ

## ୪ ଗିରଫ, ୧୩ କ୍ୱିଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ




ବୌଦ୍ଧ,୨୯।୧(ସଂଚାର ବ୍ୟୁରୋ): ବୌଦ୍ଧ ଜିଲ୍ଲା ପୁଲିସ ଆଜି ଦୁଇଟି ପୃଥକ ମାମଲାରେ ୧୩ କ୍ୱିଣ୍ଟାଲ୍‌ରୁ ଉର୍ଦ୍ଧ୍ୱ ଓଜନର ଗଞ୍ଜେଇ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହ ଅଭିଯୁକ୍ତଙ୍କ ନିକଟରୁ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ଗଞ୍ଜେଇ ଚୋରା ଚାଲାଣ ପାଇଁ ବ୍ୟବହୃତ ହେଉଥିବା ବାଇକ ଏବଂ ପିକଅପ୍ ଭ୍ୟାନକୁ ମଧ୍ୟ ପୁଲିସ ଜବତ କରିଛି। ଗୋଟିଏ ମାମଲା ବୌଦ୍ଧ ଆଦର୍ଶ ଥାନା ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟ ମାମଲାଟି ଘଣ୍ଟପଡା ଥାନାରେ ପଞ୍ଜିକୃତ ହୋଇଛି।

ଅମ୍ବାଝରୀ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବଣ୍ଡାବଳଦିଆ ଗାଁରେ ମିଥୁନ ହାତୀ ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ନିଶାଦ୍ରବ୍ୟ ରଖି ଚୋରା ଚାଲାଣ କରୁଥିବା ଖବର ପାଇ ବୌଦ୍ଧ ଆଦର୍ଶ ଥାନା ପୁଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କ ନିକଟରୁ ୫୬୦ କିଲୋ ଗଞ୍ଜେଇ ଓ ଏକ ମୋଟର ସାଇକେଲ ଜବତ କରାଯାଇଛି। ସେହିପରି ଘଣ୍ଟପଡ଼ା ଥାନା ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୭୪୯ କିଲୋ ଗଞ୍ଜେଇ, ଗୋଟିଏ ଦେଶୀ ବନ୍ଧୁକ, ୫ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମହିନ୍ଦ୍ରା ବୋଲେରୋ ପିକ୍‌ଅପ୍ ଗାଡ଼ି, ୫ଟି ମୋଟର ସାଇକେଲ ଜବତ କରିଛି। ଏଥିସହ ଘଟଣାସ୍ଥଳରୁ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଉଦୟ ଚନ୍ଦ୍ର ଭୋଇ, ଶ୍ରୀକାନ୍ତ ମୁଦୁଲି ଓ ନୀଳକଣ୍ଠ ଭୋଇ। ଉଭୟ ଘଟଣାର ତଦନ୍ତ ଜାରି ରହିଛି ଓ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସକାଶେ ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।

- ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ୪ ସପ୍ତାହରେ ଶୁଣାଣି ସାରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ପାଟଣାଗଡ଼ର ବହୁ ଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଏହି ମାମଲାର ଗମ୍ଭୀରତାକୁ ହୃଦୟଙ୍ଗମ କରି ୪ ସପ୍ତାହ ମଧ୍ୟରେ ସମସ୍ତ ସାକ୍ଷ୍ୟ ଗ୍ରହଣ କରିବା ସହ ଶୁଣାଣି ଶେଷ କରିବା ସକାଶେ ଆଜି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ଗତ ୨୦୧୮ ଫେବ୍ରୁଆରୀ ୨୩ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁଅ ସୌମ୍ୟଶେଖର ସାହୁଙ୍କ ବିବାହରେ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବା ସମୟରେ ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା' ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ମଧ୍ୟ ଗୁରୁତର ହୋଇଥିଲେ। ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଓ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ଅଭିଯୁକ୍ତ ପୁଞ୍ଜିଲାଲ ଏବେ ବଲାଙ୍ଗିର ଜିଲ୍ଲା କାରାଗାରରେ ବିଚାରାଧୀନ କଏଦୀ ଭାବେ ରହିଛି। ଏହି ମାମଲା ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ପକ୍ଷରୁ ସୁପ୍ରିମକୋର୍ଟରେ ଜାମିନ ପାଇଁ ଆବେଦନ କରାଯାଇଥିଲା। ପୁଞ୍ଜିଲାଲଙ୍କ ଆବେଦନକୁ ବିଚାର କରି ଏହି ମାମଲାରେ ୪ ସପ୍ତାହ ମଧ୍ୟରେ ସମସ୍ତ ସାକ୍ଷ୍ୟ ଗ୍ରହଣ କରି ଶୁଣାଣି ସାରିବାକୁ ଏହି ଶୀର୍ଷ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ହାଇୱା ଧକ୍କାରେ ମହିଳାଙ୍କ ମୃତ୍ୟୁ

- କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

କଳାହାଣ୍ଡି,୨୯।୧(ସଂଚାର ବ୍ୟୁରୋ): ଲାଞ୍ଜିଗଡ଼ରୁ ମୁନିଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା ଡେଙ୍ଗସର୍ଗି ଗାଁ ନିକଟରେ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣଙ୍କ ଭୁର୍କୁଲି ମାଝୀ ବୋଲି ଜଣାପଡ଼ିଛି। ତେବେ ଏହି ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ମହିଳାଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ପରିବାର ଲୋକେ କ୍ଷତିପୂରଣ ଦାବି ନେଇ ମୁନିଗୁଡ଼ା-ଲାଞ୍ଜିଗଡ଼ ରାସ୍ତା ଅବରୋଧ କରିଛନ୍ତି। ଫଳରେ ମୁନିଗୁଡ଼ାରୁ ଲାଞ୍ଜିଗଡ ଶିଳ୍ପାଞ୍ଚଳକୁ ଯୋଗାଯୋଗ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଘଟଣାସ୍ଥଳରେ ଲାଞ୍ଜିଗଡ଼ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପରିବାର ଲୋକେ ଆନ୍ଦୋଳନରୁ ଓହରି ନଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଫେରାର୍ ହୋଇଯାଇଥିବା ହାଇୱାକୁ ଧରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିବା ଲାଞ୍ଜିଗଡ଼ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ କହିଛନ୍ତି।

## ମୁଖ୍ୟସ୍ରୋତକୁ ଫେରିଲେ ୨୯ ନକ୍ସଲ

ମାଲକାନଗିରି,୨୯।୧(ସଂଚାର ବ୍ୟୁରୋ): ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲା ପୁଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଏକକାଳୀନ ୨୯ ଜଣ ମାଓବାଦୀ ହିଂସାପଥ ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସିପିଙ୍କ ସମ୍ମୁଖରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୨୦ ଜଣ ପୁରୁଷ ଓ ୭ ଜଣ ମହିଳା ମାଓବାଦୀ ଅଛନ୍ତି। ସଂଗଠନ ଦୁର୍ବଳ ହେବା ସହ ପୁଲିସର ଘନ ଘନ ଚଢ଼ାଉ ଫଳରେ ମୃତ୍ୟୁ ସୁନିଶ୍ଚିତ ମନେ କରିବା ସହ ସଂଗଠନରେ ପୂର୍ବଭଳି କୌଣସି ଉଦ୍ଦେଶ୍ୟ ଓ ଲକ୍ଷ୍ୟ ନେଇ କାମ ହେଉନଥିବା ଏହି ନକ୍ସଲମାନେ ହୃଦୟଙ୍ଗମ କରି ଶେଷରେ ଆତ୍ମସମର୍ପଣ ବାଟ ବାଛିନେଇଛନ୍ତି। ଏଥିସହ ସରକାରଙ୍କ ଆତ୍ମନିର୍ଭରଶୀଳ ନୀତିରେ ପ୍ରଭାବିତ ହୋଇ ସଂଗଠନ ଛାଡ଼ିଥିବା ଆତ୍ମସମର୍ପଣ କରିଥିବା ନକ୍ସଲମାନେ କହିଛନ୍ତି। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ପୁଲିସ ପକ୍ଷରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆଗାମୀ ଦିନରେ ଥଇଥାନ କରାଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି। ଏହି ନକ୍ସଲମାନଙ୍କୁ ପୁଲିସ ପଚରାଉଚରା କରିବା ପରେ ସେମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବ ବୋଲି ଅନୁମାନ କରାଯାଉଛି।

- ବର୍ଜ୍ୟ ପରିଚାଳନା ପାଇଁ ୪୦୭୫ କୋଟିର ନିବେଶ ଲକ୍ଷ୍ୟ

## ବିକଶିତ ହେବ 'ବର୍ଜ୍ୟରୁ ସମ୍ପଦ' ଇକୋସିଷ୍ଟମ୍




ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ଚଳିତ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍'ର ଦ୍ୱିତୀୟ ଦିନରେ ଆଜି 'ସର୍କୁଲାର ଇକୋନୋମି' ଶୀର୍ଷକ ଅଧିବେଶନରେ ବିଭିନ୍ନ କମ୍ପାନୀ ମୋଟ ୪୦୭୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରତିଶ୍ରୁତି ଦିଆଯାଇଛି। ଏହା ସମଗ୍ର ରାଜ୍ୟରେ ପାଖାପାଖି ୧୦ ହଜାର ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ଓଡ଼ିଶାର ବିଶାଳ ଶିଳ୍ପ ଓ ଉତ୍ପାଦନ କ୍ଷେତ୍ର ହେତୁ ଥର୍ମାଲ୍ ପାୱାର ପ୍ଲାଣ୍ଟ, ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ, ଆଲୁମିନା ରିଫାଇନାରୀ, ସିମେଣ୍ଟ ପ୍ଲାଣ୍ଟ ଆଦି ଶିଳ୍ପରୁ ଉତ୍ପନ୍ନ ହେଉଥିବା ପ୍ରମୁଖ ବର୍ଜ୍ୟ ଆଜିର ଅର୍ଥନୈତିକ ଇଞ୍ଜିନ୍ ଏବଂ ସର୍ବାଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି। ଏହି ବର୍ଜ୍ୟବସ୍ତୁଗୁଡ଼ିକୁ ଏକ ସିମ୍ବାୟୋଟିକ ଆସୋସିଏସନରେ କଞ୍ଚାମାଲ ଭାବେ ବ୍ୟବହାର କରିବାର କ୍ଷମତା ରହିଛି। ଏହା ରାଜ୍ୟରେ 'ବର୍ଜ୍ୟରୁ ସମ୍ପଦ'ର ଏକ ଇକୋସିଷ୍ଟମ ସୃଷ୍ଟି କରିପାରିବ। ଓଡ଼ିଶାର ବର୍ଜ୍ୟ ପରିଚାଳନା ବଜାର ଯଥେଷ୍ଟ ଅଭିବୃଦ୍ଧି ପାଇଁ ପ୍ରସ୍ତୁତ, ବର୍ଜ୍ୟ ଉତ୍ପାଦନ ବୃଦ୍ଧି ଓ ବିଭିନ୍ନ ବର୍ଜ୍ୟ ବର୍ଗରେ ସ୍ଥାୟୀ ପରିଚାଳନାର ଆବଶ୍ୟକତା ରହିଛି। ଓଡ଼ିଶାରେ ଏହାର ଫୋକସ୍ ସେକ୍ଟର ସହ ଜଡ଼ିତ ବର୍ଜ୍ୟ ପୁନଃଚକ୍ରଣ ବିକାଶ ପାଇଁ ଏକ ବୃହତ ସୁଯୋଗ ରହିଛି। ଏହା ଫ୍ଲାଇ ଆସ୍, ଜିପ୍ସମ୍, ପ୍ଲାଷ୍ଟିକ୍, ଇଲେକ୍ଟ୍ରୋନିକ୍ସ ଓ ବୟନଶିଳ୍ପରେ କଞ୍ଚାମାଲ ଏବଂ ସମ୍ପୂର୍ଣ୍ଣ ସାମଗ୍ରୀର ଆମଦାନୀ ଏବଂ ରପ୍ତାନି ପାଇଁ ସୁଯୋଗ ସୃଷ୍ଟି କରିବ। ଏସପିସିବି ରାଜ୍ୟର ୟୁନିଟ୍ ମଧ୍ୟରେ ଏହି ଆନୁଷଙ୍ଗିକ ୟୁନିଟ୍ କିମ୍ବା ସର୍କୁଲାରିଟି ମୋଡ୍ୟୁଲକୁ ସମର୍ଥନ ଓ ସୁବିଧା ପ୍ରଦାନ କରୁଥିବାବେଳେ ଏହି କ୍ଷେତ୍ର ପାଇଁ ଏକ ସକ୍ଷମ ପରିବେଶ ସୁନିଶ୍ଚିତ କରିବାରେ ସରକାରଙ୍କ ପ୍ରମୁଖ ବିଭାଗଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ଆମେ ନିବେଶକମାନଙ୍କ ପାଇଁ ମୁକ୍ତ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେଉଛୁ। ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ସର୍କୁଲାରିଟି ବିଭାଗରେ କାର୍ଯ୍ୟ କରୁଥିବା ନିବେଶକଙ୍କ ନିକଟରେ ପହଞ୍ଚିବ ଓ ରାଜ୍ୟରେ ସେମାନଙ୍କର ପୁଞ୍ଜି ବିନିଯୋଗକୁ ସୁଗମ କରିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରୁଛି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଡ. କେ. ମୁରୁଗେସନ୍ କହିଛନ୍ତି।

ଭାରତରେ ବର୍ଜ୍ୟ ପରିଚାଳନା କ୍ଷେତ୍ରର ବଜାର ମୂଲ୍ୟ ୨୦୨୩ରେ ପାଖାପାଖି ୧୩.୧ ବିଲିୟନ ଆମେରିକୀୟ ଡଲାର ଥିଲା ଓ ୨୦୩୨ ସୁଦ୍ଧା ଏହା ୨୧.୭ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହାକି ପୂର୍ବାନୁମାନ ସମୟରେ ୬.୫ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର (ସିଏଜିଆର)କୁ ଦର୍ଶାଉଛି।

କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ତ୍ୱରାନ୍ୱିତ ଅର୍ଥ ବ୍ୟବସ୍ଥା ନୀତି ବର୍ଜ୍ୟବସ୍ତୁ ଉପଯୋଗ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରି ବ୍ୟାପକ ପରିବେଶ ଓ ସାମାଜିକ ଲାଭ ପ୍ରଦାନ କରିପାରିବ ବୋଲି କହିଛନ୍ତି। ପୂର୍ବତନ ଡିଜିଏଫ୍ ତଥା ସ୍ୱତନ୍ତ୍ର ସଚିବ ସିଦ୍ଧାନ୍ତ ଦାସ ଓ ସର୍କ୍ୟୁଲେଟ୍ କ୍ୟାପିଟାଲ୍‌ର ଆସୋସିଏଟ୍ ପାର୍ଟନର୍ ଏନ ସୁବ୍ରମଣ୍ୟମ, ନାଲ୍କୋର ପୂର୍ବତନ ସିଏମଡି ଡ. ତପନ କୁମାର ଚାନ୍ଦ, କୋଝିକୋଡ୍ ଆଇଆଇଏମ୍ ପ୍ରଫେସର ସିଦ୍ଧାର୍ଥ ଏସ୍. ପାଢ଼ୀ ଉପସ୍ଥିତ ଥିଲେ।

## ଦୁଇ ଲକ୍ଷରୁ ଅଧିକ ଚାଷୀଙ୍କୁ ମିଳିଲା ବୀମା ସହାୟତା

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ହେଲେ ଉପକୃତ

ପ୍ରଧାନମନ୍ତ୍ରୀ ଫସଲ ବୀମା ବାବଦରେ ୪୮.୨୮ କୋଟିର ସହାୟତା

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ଅମଳ ପରବର୍ତ୍ତୀ ଫସଲ କ୍ଷତି ବାବଦରେ ୨,୦୭,୮୮୭ ଗୋଟି କ୍ଷତିଗ୍ରସ୍ତ ପ୍ଲଟ ବାବଦକୁ ୪୫.୨୮ କୋଟି ପ୍ରଦାନ କରାଯାଇଛି। ଏହି ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଫସଲ ବୀମା ପୋର୍ଟାଲରେ ମୋଟ ୨,୧୯,୮୩୪ ଗୋଟି ପ୍ଲଟ ବାବଦରେ କ୍ଷତିଗ୍ରସ୍ତ ଚାଷୀ ସୂଚନା ଦେଇଥିଲେ । ସେଥି ମଧ୍ୟରୁ ୨,୦୭,୮୮୭ ଗୋଟି ଆବେଦନ ଯାଞ୍ଚ ପରେ ବୈଧ ହୋଇଛି ।

ସୂଚନାଯୋଗ୍ୟ, ଗତ ଡିସେମ୍ବର ତୃତୀୟ ଏବଂ ଚତୁର୍ଥ ସପ୍ତାହରେ ରାଜ୍ୟରେ ହୋଇଥିବା ଅଦିନିଆ ବର୍ଷା ଯୋଗୁଁ ଅମଳ ପରବର୍ତ୍ତୀ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ରାଜ୍ୟରେ ଥିବା ମୋଟ ୬୭୯୪ ଗୋଟି ଗ୍ରାମ ପଂଚାୟତ ମଧ୍ୟରୁ ୩୦୬୫ଟି ଗ୍ରାମ ପଞ୍ଚାୟତରୁ ଫସଲ କ୍ଷତି ହୋଇଥିବାର ଅଭିଯୋଗ ଆସିଥିଲା ଏବଂ ସେଥିମଧ୍ୟରୁ ୧୯୪୫ ଗୋଟି ଗ୍ରାମ ପଞ୍ଚାୟତ ରେ ଶତକଡା ୨୫ ଭାଗରୁ ଅଧିକ କ୍ଷତି ହୋଇଥିବାର ସୂଚନା ମିଳିଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏ ସଂକ୍ରାନ୍ତରେ କାର୍ଯ୍ୟ କରୁଥିବା ଚାରୋଟି ବୀମା କମ୍ପାନୀ ସମସ୍ତ ଅଭିଯୋଗର ତ୍ୱରିତ ତଦନ୍ତ ସମାପ୍ତ କରି କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଆରମ୍ଭ କରିଥିଲେ ।

ସୂଚନାଯୋଗ୍ୟ ଯେ, ଉପରୋକ୍ତ କ୍ଷତିପୂରଣ କେବଳ ଅଦିନିଆ ବର୍ଷା ଜନିତ ଫସଲ ଅମଳ ପରବର୍ତ୍ତୀ କ୍ଷତି ପାଇଁ ପ୍ରଦାନ କରାଯାଇଛି । ୨୦୨୪ ଖରିଫ ଋତୁର ଫସଲ ଅମଳ ଜନିତ କ୍ଷୟକ୍ଷତିର ଆକଳନ ଜାରି ରହିଛି, ଯାହାକି ଖୁବ ଶୀଘ୍ର ଶେଷ ହେବ। ନିର୍ଦ୍ଧାରିତ ଅମଳରୁ କମ୍ ଅମଳ ହୋଇଥିଲେ ପ୍ରତିବର୍ଷ ପରି ପଞ୍ଜିକୃତ ଚାଷୀଙ୍କୁ ନିୟମାନୁସାରେ ଅମଳ ଜନିତ ବୀମା କ୍ଷତିପୂରଣ ପ୍ରଦାନ କରାଯିବ ।

## ପୁଞ୍ଜିପତିଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠା ସହଜ ହେବ



ଭୁବନେଶ୍ୱର,୨୯।୧(ତଥ୍ୟ): ଉତ୍କର୍ଷ ଓଡିଶା ସମ୍ମିଳନୀରେ ଓଡିଶାରେ ନିବେଶ ପାଇଁ ଆଗେଇ ଆସିଥିବା ପୁଞ୍ଜିପତିମାନଙ୍କ ଲାଗି ଶିଳ୍ପ ପ୍ରତିଷ୍ଠା ସହଜ ହେବ । ଓଡିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋ) ପାଖରେ ୧୪ହଜାର ଏକରରୁ ଅଧିକ ଜମି ଶିଳ୍ପପାଇଁ ମହଜୁଦ ଥିବାରୁ ଏହା ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି।

ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଥମେ ଜମି ଆବଶ୍ୟକ ପଡୁଥିବାବେଳେ ଅନେକ ଶିଳ୍ପସଂସ୍ଥା ଜମି ନପାଇ ଓଡିଶା ଛାଡିଥିବାର ନଜିର ରହିଛି। କାରଣ ସେତେବେଳେ ସରକାରଙ୍କ ହାତରେ ଜମି ନଥିବାରୁ ଶିଳ୍ପ ପ୍ରତିଷ୍ଠାପାଇଁ ସର୍ବସାଧାରଣଙ୍କ ଜମି ଅଧିଗ୍ରହଣ କରିବାକୁ ପଡୁଥିଲା । ଲୋକେ କେଉଁଠାରେ ଭିଟାମାଟି ଛାଡିବାକୁ ରାଜି ହେଉନଥିଲେ ତ ଆଉ କେଉଁଠାରେ ଜମିର ମୂଲ୍ୟକୁ ନେଇ ଟଣାଓଟରା ଚାଲୁଥିଲା । ଜନଆନ୍ଦୋଳନକୁ ସାମ୍ନା କରିନପାରି ପୋସ୍କୋ ଭଳି କେତେକ କମ୍ପାନୀ ଓଡିଶା ଛାଡିଥିଲେ ।

ତେବେ ଏଣିକି ଆଉ ସେଭଳି ହେବନାହିଁ ବୋଲି କୁହାଯାଉଛି। କାରଣ ଅତୀତରୁ ଶିକ୍ଷାଗ୍ରହଣ କରିବାପରେ ରାଜ୍ୟ ସରକାର ଶିଳ୍ପପାଇଁ ଜମି ମହଜୁଦ ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ଇଡ୍‌କୋ ପାଖରେ ୧୪ହଜାର ଏକରରୁ ଅଧିକ ଜମି ରହିଛି । ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଏହି ଜମି ମହଜୁଦ ଥିବାରୁ ସରକାରଙ୍କ ସହିତ ରାଜିନାମା କରୁଥିବା କମ୍ପାନୀମାନଙ୍କୁ ତୁରନ୍ତ ଜମି ଯୋଗାଇ ଦିଆଯିବ ।

ସୂଚନାନୁଯାୟୀ ଇଡ୍‌କୋ ଅଧିଗ୍ରହଣ କରି ରଖିଥିବା ଜମି ମଧ୍ୟରୁ ସର୍ବାଧିକ ୪୬୧୩ ଏକର ଜମି ଯାଜପୁର ଜିଲ୍ଲାରେ ଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୧୫୮୪ ଏକର, ଝାରସୁଗୁଡାରେ ୧୧୪୧ଏକର ଓ କଟକରେ ୮୦୦ ଏକର ଜମି ରହିଛି। କେବଳ ନବରଙ୍ଗପୁର ଓ କନ୍ଧମାଳକୁ ବାଦ୍ ଦେଲେ ଅନ୍ୟ ପ୍ରାୟ ସବୁ ଜିଲ୍ଲାରେ ଇଡ୍‌କୋ ହାତରେ ଊଣାଅଧିକେ ଜମି ରହିଛି । ତେବେ ଓଡିଶାକୁ ଆସୁଥିବା ଶିଳ୍ପପତିମାନେ ଶିଳ୍ପ ସମୃଦ୍ଧ ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡା, କେନ୍ଦୁଝର ଭଳି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହିସବୁ ଜିଲ୍ଲାରେ ଖଣି, ପାଣି ଓ ଭିତ୍ତିଭୂମି ସୁବିଧା ରହିଥିବାରୁ ସେଠାରେ ଶିଳ୍ପ ପ୍ରତିଷ୍ଠାପାଇଁ ନିବେଶକାରୀମାନେ ଆଗଭର ହେଉଛି। ଏହାକୁ ଦୃଷ୍ଟିରେ ରଖି ଇଡ୍‌କୋ ସେହିସବୁ ଜିଲ୍ଲାରେ ଅଧିକ ପରିମାଣର ଜମି ଅଧିଗ୍ରହଣ କରିବା ସହିତ ଭିତ୍ତିଭୂମି ବିକାଶ କରିବାରେ ଲାଗିଛି ।

ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ନିବେଶ ସହିତ ଶିଳ୍ପ ପ୍ରତିଷ୍ଠାପାଇଁ ଆଗେଇ ଆସିଥିବା ୭୩୮ଟି ବୃହତ୍ ଶିଳ୍ପ ସରକାରଙ୍କ ସିଙ୍ଗଲୱିଣ୍ଡୋ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ପାଇଛନ୍ତି । ଏମାନେ ରାଜ୍ୟରେ ୧୬ଲକ୍ଷ ୧୧ହଜାର ୩୪୪ କୋଟି ଟଙ୍କାର ନିବେଶ କରିବେ । ଏମାନଙ୍କୁ ମଧ୍ୟ ଜମି ଯୋଗାଇଦେବାର ଦାୟିତ୍ୱ ଇଡ୍‌କୋ ଉପରେ ରହିଛି । ତେବେ ଇଡକୋ ପାଖରେ ୧୪ହଜାର ଏକରରୁ ଅଧିକ ଜମି ରହିବା ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବାରୁ ଆଶାୟୀ ନିବେଶକାରୀ ଆଉ ପୂର୍ବଭଳି ହଇରାଣ ହରକତ ହେବେନାହିଁ ଓ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ସହଜ ହେବ ବୋଲି କୁହାଯାଉଛି।

## ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ତାତି, କୁହୁଡ଼ିରୁ ନିସ୍ତାର ନାହିଁ

ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ): ରାଜ୍ୟରେ ମାଘ ମାସ ନ ସରୁଣୁ ଶୀତ ଏକରକମ ଗାଏବ ହୋଇଯାଇଛି। ଧୀରେ ଧୀରେ ତାପମାତ୍ରା ସ୍ତର ବଢ଼ିବାରେ ଲାଗିଛି। ଆସନ୍ତାକାଲିଠାରୁ ଟାଇଁଟାଇଁ ଖରା ଲୋକଙ୍କୁ ହନ୍ତସନ୍ତ କରିବ। ସପ୍ତାହେ ଯାଏ ଲୋକେ ଏହି ଗରମକୁ ବରଦାସ୍ତ କରିବେ। କାରଣ ସପ୍ତାହେ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତାକାଲଠାରୁ ସ୍ୱାଭାବିକଠାରୁ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ସେହିପରି ବିଶେଷଜ୍ଞମାନେ କହିଛନ୍ତି ଯେ ଆସନ୍ତା ୧ ତାରିଖରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ଉପରେ ଏକ ଗୁରୁଚାପ ସୃଷ୍ଟି ହେବ। ଦକ୍ଷିଣ ପଶ୍ଚିମ ଦିଗରୁ ରାଜ୍ୟ ମଧ୍ୟକୁ ପବନର ପ୍ରବାହ ହେବ। ଏହା ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ମଧ୍ୟ ପ୍ରକଟ କରାଯାଇଛି। ସେହିପରି ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ଦିନ ସହ ରାତି ସମୟରେ ତାପମାତ୍ରା ମଧ୍ୟ ଅଧିକ ରହିବ। ଆଜି ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ବୃଦ୍ଧି ପାଇଥିବା ରେକର୍ଡ କରାଯାଇଛି। କେତେକ ସ୍ଥାନରେ ଗରମ ମଧ୍ୟ ଅନୁଭୂତ ହୋଇଛି। ସେପଟେ ତାପମାତ୍ରା ବୃଦ୍ଧି ସହ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଘନ କୁହୁଡ଼ି ମଧ୍ୟ ଅସ୍ତବ୍ୟସ୍ତ କରିବ। ଆଗାମୀ ୫ ରୁ ୭ ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ରାତି ତାପମାତ୍ରାରେ ବିଶେଷ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ପାଇଁ ୨୪ ଜିଲ୍ଲାରେ ଘନ କୁହୁଡ଼ିକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୩୧ ତାରିଖରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଉପକୂଳ ଓଡିଶାରେ ଦେଖିବାକୁ ମିଳିବ ବୋଲି ମଧ୍ୟ ଜଣାପଡ଼ିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଆଜି ଆସିବ ହେବ କେଟିଏମ ୩୯୦ ଆଡଭେଞ୍ଚର-ଏସ୍

**ନୂଆଦିଲ୍ଲୀ, ୨୯।୧:** କେଟିଏମ ଇଣ୍ଡିଆ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ନିଜର ନୂଆ ବାଇକର ଝଲକ ଦେଖାଇଛି। ଏହା ସହିତ ମୋଟରସାଇକେଲର ଲଞ୍ଚ ଡେଟ୍ ମଧ୍ୟ ପ୍ରକାଶ ପାଇଛି। ଆସନ୍ତା କାଲି ଅର୍ଥାତ୍ ଜାନୁଆରୀ ୩୦ ରେ ଭାରତୀୟ ବଜାରରେ କେଟିଏମ ୩୯୦ ଆଡ୍‌ଭେଞ୍ଚର ଏସ୍ ଲଞ୍ଚ ହେବାକୁ ଯାଉଛି। ବାଇକ୍ ଲଞ୍ଚ ହେବା ସହିତ କମ୍ପାନୀ ଏହି ମୋଟରସାଇକେଲର ଫିଚର୍ସ ବିଷୟରେ ଇନଫରମେସନ୍ ଦେବାକୁ ଯାଉଛି।

କେଟିଏମ ର ନୂଆ ୩୯୦ ଆଡ୍‌ଭେଞ୍ଚରରେ ତିନୋଟି ଭ୍ୟାରିଆଣ୍ଟରେ ସାମିଲ୍ କରାଯାଇଛି ଯାହା ରହିଛି- ବେସ ଏକ୍ସ, ମିଡିଲ ଏସ ଏବଂ ଟପ ଆର। ଏଥି ସହିତ କେଟିଏମ ଇଣ୍ଡିଆ ମଧ୍ୟ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଭାରତରେ କେଟିଏମ ୩୯୦ ଆଡ୍‌ଭେଞ୍ଚର S ର ଏଲାନ୍ ମଧ୍ୟ କରିଛି। କମ୍ପାନୀ ପ୍ରଥମେ ଏହି ମୋଟରସାଇକେଲକୁ ଆଇବିଡବ୍ଲ୍ୟୁ ଫେଷ୍ଟିଭାଲରେ ରିଵଲ କରିଥିଲା। କିନ୍ତୁ ଏହାର ସ୍ପେସିଫିକେସନ୍ ବିଷୟରେ କୌଣସି



ଇନଫରମେସନ୍ ସେୟାର ହୋଇନଥିଲା।

କେଟିଏମ ର ନୂଆ ବାଇକକୁ ଦେଖିଲେ ଏହା ଦର୍ଶାଏ ଯେ ଏହାକୁ ଏକ ନୂଆ ଲୁକ୍ ଦିଆଯାଇଛି। ଏହାର ବଡ଼ି ବହୁତ୍ ସ୍ଲିମ୍ ହୋଇଛି। କେଟିଏମ ର ନୂଆ ବାଇକ୍ ଆଙ୍ଗୁଲାର୍ ଷ୍ଟାଇଲିଂ ସହିତ ଆସିପାରେ। ଏହାର ଷ୍ଟାଣ୍ଡାର୍ଡ ମଡେଲରେ ହିଁ କ୍ରୁଜ୍ କଣ୍ଟ୍ରୋଲର ଫିଚର ଦିଆଯାଇଛି। ବାଇକରେ ୨୧/୨୭ ଇଞ୍ଚର ଟ୍ୟୁବଲେସ୍ ୱାୟାର-ସ୍ପୋକେଡ୍ ରିମ୍ ସହିତ ଲ୍ୟାସ୍ ହୋଇପାରେ। ଏହା ସହିତ ଟାୟାରର ଉଭୟ ପାର୍ଶ୍ୱରେ ଆଡଜେଷ୍ଟେବଲ୍ ସସପେନ୍ସନ ଦିଆଯାଇପାରିବ। ଏହି ନୂଆ ମୋଟର ସାଇକେଲରେ କେଟିଏମ ୩୯୦ ଡ୍ୟୁକ ପରି ୫-ଇଞ୍ଚ ଟିଏଫଟି ଡିସପ୍ଲେ ମିଳିପାରିବ। କେଟିଏମ ର ନୂଆ ମୋଟରସାଇକେଲରେ ଉନ୍ନତ ରାଇଡିଂ ମୋଡ୍ ଦିଆଯାଇଛି ଯାହା ରହିଛି- ଟ୍ରାକ୍ସନ କଣ୍ଟ୍ରୋଲ୍ ଏବଂ ସ୍ୱିଚବଲ୍ ଏବିଏସର ଫିଚର ମଧ୍ୟ ଦିଆଯାଇପାରେ। ଭାରତୀୟ ବଜାରରେ ଥିବା ମିଡିଲ୍ ୩୯୦ ଆଡଭେଞ୍ଚର ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୩.୪୨ ଲକ୍ଷ ଟଙ୍କା ରହିଛି।



## ଆଜିର ସୁନା ଦର

ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୯୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୮୫୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୯୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ ,୮୫୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୯୫୦ ଟଙ୍କା ଓ ୮୨,୮୫୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୬, ୧୦୦ ଟଙ୍କା ଓ ୮୩, ୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୯୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୮୫୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୯୫୦ ଟଙ୍କା ଓ ୮୨,୮୫୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୬,୫୦୦ ହଜାର ଟଙ୍କା ହୋଇଛି।

# ଜେଏସପିକୁ ଇଣ୍ଡିଆ ସିଏସଆର ଲିଡରସିପ୍ ପୁରସ୍କାର

**ଯୋଡ଼ା/ବଡ଼ବିଲ,୨୯।୧(ସଂଚାର ବ୍ୟୁର):** ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର (ଜେଏସପି)କୁ ଇଣ୍ଡିଆ ସିଏସଆର ଲିଡରସିପ ଆଓ୍ୱାର୍ଡ ମିଳିଛି। ପାରିପାର୍ଶ୍ୱିକ ଅଞ୍ଚଳର ସମୁଦାୟଗୁଡ଼ିକୁ ସଶକ୍ତ କରିବା ପାଇଁ ବିକାଶଧାରାରେ ସେମାନଙ୍କ ଅନ୍ତର୍ଭୁକ୍ତୀକରଣ ଓ ଏହାର ପ୍ରଭାବ, ଜଗତୀକରଣ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣ ଭଳି ଲକ୍ଷ୍ୟକୁ ନେଇ ପଞ୍ଚଦଶ ଇଣ୍ଡିଆ ସିଏସଆର ଲିଡରସିପ୍ ସମ୍ମିଳନୀ ଭୁବନେଶ୍ୱରସ୍ଥିତ ହୋଟେଲ ଏକ୍ସଲେନ୍ସିରେ ଅନୁଷ୍ଠିତ ହୋଇଥିଲା। ବଡ଼ବିଲ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଜେଏସପିର ଉଲ୍ଲେଖନୀୟ ଅବଦାନକୁ ଏହି ସମ୍ମିଳନୀରେ ପ୍ରଶଂସା କରଯାଇଥିଲା। ଶ୍ରୀ ପ୍ରଶାନ୍ତ କୁମାର ହୋତା,ସଭାପତି ତଥା ଗ୍ରୁପ୍ ହେଡ୍ (ସିଏସଆର ଏଣ୍ଡ ଏଜୁକେସନ), ଜେଏସପି କହିଛନ୍ତି, "ଏହି ପୁରସ୍କାର ଆମକୁ ଆମ ଦାୟିତ୍ୱ ନିର୍ବାହ ପାଇଁ ଆହୁରି ପ୍ରେରଣା ଦେବ। ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଜେଏସପିର ପ୍ରତିଶ୍ରୁତିବଦ୍ଧତାକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି।" ଯୋଡ଼ା-ବଡ଼ବିଲ ଅଞ୍ଚଳରେ ଜୀବନଜୀବିକା ହେଉ କିମ୍ବା ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡ଼ା, କୃଷି, ସଂସ୍କୃତି ଓ ପରିବେଶ କ୍ଷେତ୍ରରେ କମ୍ପାନି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଆସିଛି। ଜେଏସପିର

**ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି**

ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ଜରିଆରେ ନିରନ୍ତର ବିକାଶ କାର୍ଯ୍ୟ ଯୋଗୁ ଲୋକଙ୍କ ଜୀବନଜୀବିକା ତଥା ଜୀବନଧାରଣର ମାନ ବୃଦ୍ଧି ହୋଇଛି। ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସେମାନଙ୍କୁ ଏଲଇଡି ବଲବ ପ୍ରସ୍ତୁତି ତାଲିମ ପ୍ରଦାନ କରାଯାଉଛି। ଖୁବ୍ ଶୀଘ୍ର ଏକ ଏଲଇଡି ବଲବ ପ୍ରସ୍ତୁତି ୟୁନିଟ ପ୍ରତିଷ୍ଠା ହେବ। କୃଷି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ତାଲିମ, ଅତ୍ୟାଧୁନିକ ଯନ୍ତ୍ରପାତି ଓ ବିହନ ପ୍ରଦାନ କରାଯାଉଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳରେ ଟିକାକରଣ, ମ୍ୟାଲେରିଆ ନିରାକରଣ, ରକ୍ତହୀନତା ଦୂରୀକରଣ କାର୍ଯ୍ୟକ୍ରମ ସମେତ ମହିଳା ଓ ଶିଶୁ ପୋଷଣ କାର୍ଯ୍ୟକ୍ରମ ଜାରି ରହିଛି। ଖୁବ୍ ଶୀଘ୍ର ଏକ ୨୬ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଟି ଡାକ୍ତରଖାନା ମଧ ଲୋକାର୍ପିତ ହେବ। ଶିକ୍ଷା ଓ ସ୍ୱାସ୍ଥ୍ୟ ସହ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାର ବିକାଶ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ଦେଓଝର, କଣ୍ଡ୍ରା, ବିରିକଳା, ଅସେଇକଳା ପଞ୍ଚାୟତର ଗ୍ରାମଗୁଡ଼ିକରେ ତାଲିମ କେନ୍ଦ୍ର ଖୋଲିଛି। ଉସୁ ଓ ଫୁଟବଲର ବିକାଶ ନିମନ୍ତେ ସିଆଳିଯୋଡ଼ାରେ ସ୍ପୋର୍ଟସ କମ୍ପ୍ଲେକ୍ସ ଖୋଲାଯାଇଛି। ସୋୟାବାଲିରେ ସ୍ପୋର୍ଟସ ହଷ୍ଟେଲ ଖୋଲାଯାଇ,ଏଠାରେ ୬୦କ୍ରୀଡ଼ା ପ୍ରତିଭାଙ୍କୁ କ୍ରୀଡ଼ା ତାଲିମ ସହ ଇଂରାଜୀ ମାଧମରେ ଶିକ୍ଷା ପ୍ରଦାନ କରାଯାଉଛି। ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ସମସ୍ତ ଖର୍ଚ୍ଚ ବହନ କରାଯାଉଛି। ଅନ୍ତର୍ଜାତୀୟସ୍ତରରେ ଏକାଧିକ କ୍ରୀଡ଼ାବିତ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି।





## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ରେଳ ବଜେଟ୍ ରେହୋଇପାରେ ୩ ଲକ୍ଷ କୋଟିରୁ ଅଧିକ ବ୍ୟୟବରାଦ

**ନୂଆଦିଲ୍ଲୀ, ୨୯।୧:** ସାଧାରଣ ବଜେଟ୍ ୨୦୨୫ରେ ମୋଦୀ ସରକାର ରେଳ ଯାତ୍ରୀଙ୍କ ପାଇଁ ସୁରକ୍ଷିତ ଓ ଦ୍ରୁତ ରେଳ ଯାତ୍ରା ପାଇଁ ଅଧିକ ସୁବନ୍ଦୋବସ୍ତ କରି ପାରନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଭାରତୀୟ ରେଳର ଭିତ୍ତିଭୂମିର ଆଧୁନିକୀକରଣ ଓ ରେଳ ନେଟଓ୍ୱର୍କ ବିସ୍ତାର ସହିତ ସେମି ହାଇସ୍ପିଡ ଟ୍ରେନ ବନ୍ଦେ ଭାରତ, ବନ୍ଦେ ଭାରତ ସ୍ଲିପର, ଅମୃତ ଭାରତ ଓ ବନ୍ଦେ ମେଟ୍ରୋର ନିର୍ମାଣ ପାଇଁ ତିନି ଲକ୍ଷ କୋଟି ଟଙ୍କାର ଅଧିକ ବଜେଟ୍ ପ୍ରାବଧାନ କରି ପାରନ୍ତି। ରେଲୱେ ବୋର୍ଡର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ୨୦୨୪-୨୫ର ସାଧାରଣ ବଜେଟ୍‌ରେ ରେଲଓ୍ୱେ ପାଇଁ ଦୁଇ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ତେବେ ଚଳିତ ବର୍ଷ ସରକାର ବଜେଟ୍‌କୁ ବଢାଇ ତିନି ଲକ୍ଷ କୋଟି ଟଙ୍କାରୁ ଅଧିକ କରି ପାରନ୍ତି।

# ୨୦୨୫ର ବଜେଟ୍ ପ୍ରସ୍ତୁତିରେ ନିର୍ମଳା ସୀତାରମଣ

**ନୂଆଦିଲ୍ଲୀ, ୨୯।୧:** ଫେବ୍ରୁଆରୀ ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ନିଜର ଅଷ୍ଟମ ବଜେଟ୍ ଉପସ୍ଥାପନ କରିବେ। କୁହାଯାଉଛି ଯେ ,ଏଥିରେ ଦେଶରେ ମନ୍ଥର ହୋଇଥିବା ବିକାଶର ହାରକୁ ପୁଣି ଥରେ ଗତି ଦେବାକୁ ଅନେକ ପ୍ରକାରର ନୂଆ ଘୋଷଣା କରାଯାଇ ପାରେ। ବଜେଟ୍ ପ୍ରସ୍ତୁତିର ଚୂଡ଼ାନ୍ତ ପର୍ଯ୍ୟାୟ ଶୁକ୍ରବାର ପାରମ୍ପରିକ 'ହଲୱା ଉତ୍ସବ' ସହ ଆରମ୍ଭ ହୋଇ ସାରିଛି। ଏବେ ଜାଣିବା ସେହି ଅଧିକାରୀଙ୍କ ବିଷୟରେ, ଯେଉଁମାନେ ବଜେଟ୍ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି।



**ତୁହିନ କାନ୍ତ ପାଣ୍ଡେ , (ଫାଇନାନ୍ସ ଆଣ୍ଡ ରେଭେନ୍ୟୁ ସେକ୍ରେଟାରୀ)-** ୧୯୮୭ ବ୍ୟାଚ୍‌ର ଓଡ଼ିଶା କ୍ୟାଡ଼ର୍‌ର ଆଇଏଏସ୍ ଅଧିକାରୀ ତୁହିନ କାନ୍ତ ପାଣ୍ଡେ ଫାଇନାନ୍ସ ଆଣ୍ଡ ରେଭେନ୍ୟୁ ସେକ୍ରେଟାରୀ ଭାବେ ବଜେଟ୍ ପ୍ରସ୍ତୁତିରେ ମୁସ୍କିଲ କାମ କରୁଛନ୍ତି। ଟ୍ୟାକ୍ସରେ ରିହାତି ଆଶାକୁ ସନ୍ତୁଳିତ କରି ରାଜସ୍ୱ କିପରି ବଢାଯିବ ତାହା ସୁନିଶ୍ଚିତ କରିବା ଦାୟିତ୍ୱ ତୁହିନ କାନ୍ତ ପାଣ୍ଡେଙ୍କ ପାଖରେ ରହିଛି। ବଜେଟ୍‌ର କିଛି ମାସ ପୂର୍ବରୁ ବିଭାଗର କାର୍ଯ୍ୟଭାର ସମ୍ଭାଳିଥିବା ଏହି ବରିଷ୍ଠ ଅଧିକାରୀ ଆୟକର ଆଇନରେ ପରିବର୍ତ୍ତନ ପ୍ରକ୍ରିୟା ଉପରେ କାମ କରୁଛନ୍ତି।

**ଭି ଅନନ୍ତ ନାଗେଶ୍ୱରନ, (ଚିଫ୍ ଇକୋନମିକ ଆଡଭାଇଜର)-**ଆଇଆଇଏମ୍-ଅହମ୍ମଦାବାଦର ପୂର୍ବତନ ଛାତ୍ର ଓ ମାସାଚୁସେଟ୍ସରୁ ଡକ୍ଟରେଟ୍ ଡିଗ୍ରିଧାରୀ ନାଗେଶ୍ୱରନ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦରେ ସାମୟିକ ସଦସ୍ୟ ରୂପେ କାମ କରିଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଇକୋନମିକ୍ ସର୍ଭେ ଉପରେ ସମସ୍ତଙ୍କ ନଜର ରହିଛି। ଅର୍ଥନୀତିକ ସର୍ଭରେ ବିକାଶର ଗତିକୁ ବଢାଇବା ଏବଂ ଅନିଶ୍ଚିତାରେ ଦୁନିଆରେ ଭାରତର ରଣନୀତି କଣ ରହିବ ତାହା ସ୍ପଷ୍ଟ ହେବ।

**ଅଜୟ ସେଠ୍ (ସେକ୍ରେଟାରୀ, ଡିପାର୍ଟମେଣ୍ଟ ଅଫ୍ ଇକୋନମିକ ଆଫେୟାର୍ସ)-** ଅଜୟ ସେଠ୍ ସେହି ବିଭାଗର ନେତୃତ୍ୱ ନେଉଛନ୍ତି, ଯିଏ ଚୂଡ଼ାନ୍ତ ବଜେଟ୍ କାଗଜପତ୍ର ପ୍ରସ୍ତୁତ କରିଥାଏ ତଥା ବ୍ୟାପକ ଆର୍ଥିକ ସ୍ଥିରତାର ତଦାରଖ କରିଥାଏ। ୧୯୮୭ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡର୍‌ର ଆଇଏଏସ୍ ଅଧିକାରୀଙ୍କ ପାଖରେ ଖର୍ଚ୍ଚ ବଢାଇବା ଉପାୟ ଏବଂ ବଢୁଥିବା ଚାହିଦା ଭିତରେ ଅଭିବୃଦ୍ଧି ଓ ଆର୍ଥିକ ଏକୀକରଣର ଆବଶ୍ୟକତାକୁ ସନ୍ତୁଳିତ କରିବାର ଆହ୍ୱାନପୂର୍ଣ୍ଣ ଦାୟିତ୍ୱ ରହିଛି। ଭାରତ ନିଜର ଆର୍ଥିକ ଏକୀକରଣର ଢାଞ୍ଚାରେ ଋଣ ଲକ୍ଷ୍ୟରେ ଟ୍ରାଞ୍ଜିସନ ପାଇଁ ଯୋଜନା କରୁଛି।

**ମନୋଜ ଗୋଭିଲ୍, (ସେକ୍ରେଟାରୀ , ଡିପାର୍ଟମେଣ୍ଟ ଅଫ୍ ଏକ୍ସପେଣ୍ଡିଚର)-** ୧୯୯୧ ବ୍ୟାଚ୍‌ର ମଧ୍ୟପ୍ରଦେଶ କ୍ୟାଡର୍‌ର ଆଇଏଏସ୍ ଅଧିକାରୀ ଗୋଭିଲ୍ ଖର୍ଚ୍ଚ ବିଭାଗ ସଚିବ ହେବା ପୂର୍ବରୁ କର୍ପୋରେଟ୍ ମନ୍ତ୍ରଣାଳୟରେ ସଚିବ ଥିଲେ। ସବ୍‌ସିଡି ଏବଂ କେନ୍ଦ୍ରୀୟ ଯୋଜନାକୁ ଯୁକ୍ତି ସଙ୍ଗତ କରିବା ତଥା ବ୍ୟୟର ଗୁଣବତ୍ତାରେ ସୁଧାର କରିବା ପାଇଁ କାମ କରିଛନ୍ତି।

**ଏମ୍ ନାଗରାଜୁ ( ସେକ୍ରେଟାରୀ, ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ୍ ସର୍ଭିସେସ୍)-** ଡିଏଫ୍‌ଏସ୍‌ରେ ସାମିଲ ହେବା ପୂର୍ବରୁ ନାଗରାଜୁ କୋଇଲା ମନ୍ତ୍ରଣାଳୟରେ ଅତିରିକ୍ତ ସଚିବ ଥିଲେ। ୧୧୫ରୁ ଅଧିକ କୋଇଲା ଖଣି ନିଲାମୀ ସହ ଘରୋଇ ବାଣିଜ୍ୟିକ ଖନନ ମାଧ୍ୟମରେ ଏହି କ୍ଷେତ୍ରକୁ ବିସ୍ତାର ଦେବାର କାମ କରିଥିଲେ। ପର୍ଯ୍ୟାପ୍ତ ଋଣ ପ୍ରବାହ ଏବଂ ଜମା ଏକାଠି ସୁନିଶ୍ଚିତ କରିବା, ଫିନଟେକ୍‌କୁ ନିୟନ୍ତ୍ରିତ କରିବା ଏବଂ ଡିଜିଟାଲ୍ ଇଣ୍ଟରଫେସକୁ ବଢାଇବା ପରି ପ୍ରମୁଖ କ୍ଷେତ୍ର ଉପରେ ଏହି ଆଇଏଏସ୍ ଅଧିକାରୀଙ୍କ ଦାୟିତ୍ୱ ରହିବ।

**ଅରୁଣିଶ ଚାଓ୍ୱଲା,( ସେକ୍ରେଟାରୀ, ଦୀପମ୍ ଓ ଡିପିଇ )-** ଅର୍ଥମନ୍ତ୍ରୀଙ୍କ ଟିମ୍‌ରେ ନୂଆ ସଦସ୍ୟ ଅରୁଣିଶ ଚାଓ୍ୱଲା ପ୍ରଥମେ ଫାର୍ମାସ୍ୟୁଟିକଲ୍ସ ବିଭାଗର ନେତୃତ୍ୱ କରୁଥିଲେ। ୧୯୯୨ ବ୍ୟାଚ୍ ବିହାର କ୍ୟାଡର୍‌ର ଆଇଏଏସ୍ ଅଧିକାରୀଙ୍କ ପାଖରେ ବିନିବେଶ ଏବଂ ସମ୍ପତ୍ତି ବିମୁଦ୍ରୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା, ଆଇଡିବିଆଇ ବ୍ୟାଙ୍କର ରଣନୀତିକ ବିକ୍ରି ଏବଂ ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗରେ ନନ୍-କୋର୍ ଆସେଟ୍‌କୁ ଖୋଲିବା ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି।

## ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଟିପିର ରୂପାନ୍ତରିତ ଅବଦାନ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଟାଟା ପାଓ୍ୱାର (ଟିପି)ର ସର୍ବବୃହତ୍ ଷ୍ଟଲ୍ ଉତ୍କର୍ଷ ଓଡ଼ିଶା:ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫' ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଟିପିର ରୂପାନ୍ତରିତ ଅବଦାନ ଉପରେ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ବିଶ୍ୱର ଏକ ଅଗ୍ରଣୀ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିଳ୍ପ ହବ୍‌ରେ ପରିଣତ ହେବା ଲାଗି ରାଜ୍ୟର ରହିଥିବା ଅଭିଳାଷକୁ ୨୪ଘଣ୍ଟିଆ ବିଦ୍ୟୁତ୍ ଶକ୍ତି ଜରିଆରେ ସମର୍ଥନ କରିବା ଉପରେ ଏହି କାର୍ଯ୍ୟକ୍ରମ ବେଶ୍ ଗୁରୁତ୍ୱାରୋପ କରୁଛି। ସେହିଭଳି ଓଡ଼ିଶାର ଚାରିଟି ଡିସ୍‌କମ୍ ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ଅପରେଟର ଭାବେ ଟାଟା ପାଓ୍ୱାର ଓଡ଼ିଶାବାସୀଙ୍କୁ ସେବା ଯୋଗାଉଛି। ଏପରିକି ଡିସ୍‌କମ୍‌ର ୫୫୭ ଗ୍ରାହକ ସେବା କେନ୍ଦ୍ରର ଦୃଢ଼ ନେଟ୍‌ୱର୍କ ଜରିଆରେ ୯୬.୬ ଲକ୍ଷରୁ ଅଧିକ ଗ୍ରାହକଙ୍କୁ କମ୍ପାନୀ ସେବା ପ୍ରଦାନ କରୁଛି। ସେହିପରି କମ୍ପାନୀ ପକ୍ଷରୁ ସ୍ମାର୍ଟ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ହୋଇଥିବା ଉନ୍ନତି ସମେତ ସ୍କାଡା ସହ ୭୦୦ରୁ ଅଧିକ ପ୍ରାଥମିକ ସବ୍‌ଷ୍ଟେଶନ୍ (ପିଏସ୍‌ଏସ୍) ର ସମନ୍ୱୟକୁ ନିବେଶ ସମ୍ମିଳନୀ ପ୍ରଦର୍ଶିତ କରାଯାଇଛି,ଯାହା ପରିଚାଳନା ଦକ୍ଷତା ଓ ସେବା ଭରସାଯୋଗ୍ୟତାରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ଓଡ଼ିଶାର ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ଟାଟା ପାଓ୍ୱାର ପକ୍ଷରୁ ସୋଲାର, ପବନ ଓ ଶକ୍ତି ସଂରକ୍ଷଣ ପ୍ରକଳ୍ପ ଜରିଆରେ ଅକ୍ଷୟ ଶକ୍ତିରେ ନେତୃତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରଯୁକ୍ତି ଆଧାରିତ ସମାଧାନ ଜରିଆରେ ଗ୍ରାହକଙ୍କୁ ସଶକ୍ତ କରିବା ପାଇଁ ଦିଆଯାଉଥିବା ଧ୍ୟାନ ଉପରେ ମଧ ଆଲୋକପାତ କରାଯାଇଛି। ଭୁବନେଶ୍ୱରର ଜନତା ମଇଦାନଠାରେ ଆୟୋଜିତ ଏହି ୨ ଦିନିଆ ନିବେଶ ସମ୍ମିଳନୀରେ ବିଶ୍ୱର ଅଗ୍ରଣୀ ଲିଡର ଓ ନିବେଶକମାନେ ଏକତ୍ରିତ ହୋଇଛନ୍ତି; ଯାହା ଓଡ଼ିଶାର ଶିଳ୍ପ ଦୃଢ଼ତା ଓ ସୁଯୋଗ ଉପରେ ଆଲୋକପାତ କରୁଛି। ଟାଟା ପାଓ୍ୱାରର ଅଂଶଗ୍ରହଣ ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ସ୍ୱଚ୍ଛ ଶକ୍ତି ଗ୍ରହଣୀୟତା ଓ ରାଜ୍ୟର ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ଓଡ଼ିଶା ସରକାରଙ୍କ ସହ ସହଯୋଗିତା ପ୍ରତି କମ୍ପାନୀର ରହିଥିବା ସମର୍ପଣ ଭାବକୁ ଦର୍ଶାଉଛି। କମ୍ପାନୀ ପକ୍ଷରୁ ରୁଫ୍‌ଟପ୍ ସୋଲାର (ଆର୍‌ଟିଏସ୍), ଇଲେକ୍ଟ୍ରିକ୍ ଯାନ (ଇଭି), ଚାର୍ଜିଂ ଓ ହୋମ୍ ଅଟୋମେସନ୍‌ରେ ସମାଧାନଗୁଡ଼ିକୁ ମଧ ପ୍ରଦର୍ଶିତ କରାଯାଇଛି।

## ହିସାଶି ଟକେୟୁଚି ମାରୁତି ସୁଜୁକୀର ନୂଆ ସିଏମ୍‌ଡି

**ନୂଆଦିଲ୍ଲୀ, ୨୯।୧:** ମାରୁତି ସୁଜୁକୀ ଇଣ୍ଡିଆ ବୁଧବାର ନିଜର ଡିସେମ୍ବର ତ୍ରୈମାସ ପରିମାଣ ଘୋଷଣା କରିଛି। ଏହାସହ କମ୍ପାନି ଏମ୍‌ଡି ଓ ସିଇଓ ସହ ଜଡ଼ିତ ବଡ଼ ଘୋଷଣା ବି କରିଛି। ଦେଶର ସବୁଠୁ ବଡ଼ କାର କମ୍ପାନି ଘୋଷଣା କରିଛି ଯେ ହିସାଶି ଟକେୟୁଚିଙ୍କୁ ପୁଣି ଥରେ କମ୍ପାନିର ଏମ୍‌ଡି ଓ ସିଇଓ କରିବା ପାଇଁ ବୋର୍ଡ ପକ୍ଷରୁ ମଞ୍ଜୁରି ଦିଆଯାଇଛି। ୨୦୨୫ ଏପ୍ରିଲ୍ ୧ରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇ ଆଗାମୀ ତିନି ବର୍ଷ ଅର୍ଥାତ୍ ୨୦୨୮ ମାର୍ଚ୍ଚ ୩୧ ଯାଏଁ ରହିବ। ସିଇଓ ଭାବେ ଏହା ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ହେବ। ବୁଧବାର କମ୍ପାନି ଫାଇଲିଂରେ ଏହି ସୂଚନା ଦେଇଛି। ହିସାଶି ମାରୁତୀ ସୁଜୁକୀ ଇଣ୍ଡିଆ ବୋର୍ଡରେ ଜୁଲାଇ ୨୦୧୯ରୁ ଅଛନ୍ତି। ୨୦୨୧ ଏପ୍ରିଲ୍‌ରେ ସେ କମ୍ପାନିର ଜଏଣ୍ଟ ଏମ୍‌ଡି (କମର୍ଶିଆଲ୍) ହୋଇଥିଲେ। ଏହାପରେ ସେ ୨୦୨୨ ଏପ୍ରିଲ୍ ୧ରେ କମ୍ପାନିର ତତ୍କାଳୀନ ସିଏମ୍‌ଡି କେନିଚି ଆୟୁକାଓ୍ୱାଙ୍କ ସ୍ଥାନ ନେଇଥିଲେ। ସୁଜୁକୀ ମୋଟର କର୍ପୋରେସନ (ଏସ୍‌ଏମସି) ସହ ୧୯୮୬ ମସିହାରେ ସେ ଯୋଡ଼ି ହୋଇ ରହିଥିବା ବେଳେ ତାଙ୍କ ପାଖରେ ଦେଶ-ବିଦେଶରେ କାମ କରିବାର ବହୁ ଅନୁଭବ ରହିଛି। ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ତ୍ରୈମାସରେ ମାରୁତି ସୁଜୁକୀର ଶୁଦ୍ଧ ଲାଭ ବାର୍ଷିକ ଆଧାରରେ ୧୬ ପ୍ରତିଶତ ବଢି ୩,୭୨୭ କୋଟି ଟଙ୍କା ହୋଇଛି। ସେହିପରି ମୋଟ ରେଭେନ୍ୟୁରେ ବି ୧୬ ପ୍ରତିଶତ ବୃଦ୍ଧି ଘଟି ୩୮,୭୬୪ କୋଟି ଟଙ୍କା ହୋଇଛି। ଷ୍ଟାଣ୍ଡ୍‌ଏଲୋନ୍ ବେସିସ୍‌ରେ କମ୍ପାନି ୩୬,୮୦୨ କୋଟି ଟଙ୍କାର ରେକର୍ଡ ତ୍ରୈମାସିକ ବିକ୍ରି ଦେଖିଛି, ଯାହା ବାର୍ଷିକ ଆଧାରରେ ୧୫.୫ ପ୍ରତିଶତ ଅଧିକ ରହିଛି। ଡିସେମ୍ବର ତ୍ରୈମାସରେ କମ୍ପାନି ୫,୬୬,୨୧୩ ୟୁନିଟ୍ ଗାଡ଼ି ବିକ୍ରି କରିଛି, ଯାହା ଗତବର୍ଷ ସମାନ ଅବଧି ତୁଳନାରେ ୧୩ ପ୍ରତିଶତ ଅଧିକ ରହିଛି। ଘରୋଇ ବିକ୍ରି ୮.୭ ପ୍ରତିଶତ ବଢି ୪,୬୬,୯୯୩ ୟୁନିଟ୍ ହୋଇଥିବା ବେଳେ ରପ୍ତାନୀ ୩୮.୨ ପ୍ରତିଶତ ବଢି ରେକର୍ଡ ୯୯,୨୨୦ ୟୁନିଟ୍ ହୋଇଛି। କମ୍ପାନିର ଇବିଟା ବି ୧୪ ପ୍ରତିଶତ ବଢି ୪୪୭୧ କୋଟି ଟଙ୍କା ହୋଇଛି।

# ଅସନ୍ତା ମାସରେ ବଜାରକୁ ଆସିବ 'କିଆ' ଓ 'ଅଡି'ର ବିଭିନ୍ନ ମଡେଲ୍




**ନୂଆଦିଲ୍ଲୀ, ୨୯।୧:** ୨୦୨୫ ବର୍ଷର ଦ୍ୱିତୀୟ ମାସ ଫେବୃଆରୀରେ ଆରମ୍ଭ ହେବାକୁ ଯାଉଛି। ଜାନୁଆରୀ ପରି ଏହି ମାସ ମଧ ଅନେକ ପାୱାରଫୁଲ୍ କାର୍ ଭାରତୀୟ ବଜାରରେ ଏଣ୍ଟ୍ରି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଫେବୃଆରୀ ୨୦୨୫ ରେ ଏଭଳି କାର୍ ଲଞ୍ଚ ହେବାକୁ ଯାଉଛି ଯାହାର ମୂଲ୍ୟ ୧୦ ଲକ୍ଷରୁ ୨.୩ କୋଟି ଟଙ୍କା ହୋଇପାରେ। ଫେବୃଆରୀରେ ଲଞ୍ଚ ହେବାକୁ ଥିବା ଗାଡ଼ି ଲିଷ୍ଟରେ କିଆଠାରୁ ଆରମ୍ଭ କରି ଅଡି ପର୍ଯ୍ୟନ୍ତ ମଡ଼େଲ୍ ସାମିଲ୍ ରହିଛି। ତେବେ ଆସନ୍ତୁ ଜାଣିବା ଫେବୃଆରୀରେ କେଉଁ କେଉଁ ଗାଡ଼ି ଲଞ୍ଚ କରିବାକୁ ଯାଉଛି। ଭାରତୀୟ ବଜାରରେ କିଆ ସାଇରସ୍ ଲଞ୍ଚ ହେବାକୁ ପ୍ରସ୍ତୁତ ହେଉଛି। କିଆ ର ଏହି କାର୍ ଫେବୃଆରୀ ୧, ୨୦୨୫ ରେ ଲଞ୍ଚ ହେବାକୁ ଯାଉଛି। କିଆ ର ଏହି ଗାଡ଼ି ୧୦ ଲକ୍ଷ ଟଙ୍କାରୁ ନେଇ ୨୦ ଲକ୍ଷ ଟଙ୍କା ରେଞ୍ଜରେ ଆସିପାରେ। ଏହି ବଜେଟ୍ ଫ୍ରେଣ୍ଡେଲି କାରରେ କିଆ Sonet ପରି ୧.୦-ଲିଟର ଟର୍ବୋ ପେଟ୍ରୋଲ ଏବଂ ୧.୫-ଲିଟର ଡିଜେଲ୍ ଇଞ୍ଜିନର ଅପ୍ସନ ମିଳିପାରିବ।

କିଆ ସାଇରସ୍ ହେଉଛି ଏକ କମ୍ପାକ୍ଟ ଏସୟୁଭି। ଏହି କାରରେ ଭେଣ୍ଟିଲେଟେଡ୍ ରିୟର ସିଟ୍ ଏବଂ ଲେଭଲ୍ ୨ ଏଡିଏଏସର ଫିଚର ମିଳିପାରିବ। କିଆ ର ଏହି ଗାଡ଼ିରେ ୧୨.୩-ଇଞ୍ଚର ଟଚସ୍କ୍ରିନ୍ ଏବଂ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ମଧ ମିଳିପାରିବ। ଏହି କାରରେ ପାନୋରାମିକ୍ ସନରୁଫ୍ ରହିବ।

ଅଡି ଆରଏସ କ୍ୟୁ୮ ଏକ ପେଟ୍ରୋଲ୍ ଇଞ୍ଜିନ୍ କାର୍ ହୋଇଛି। ଅଡି ର ଏହି କାରରେ ୩୯୯୮ cc, ୮-ସିଲିଣ୍ଡର ଇଞ୍ଜିନର ବ୍ୟବହାର କରାଯାଇଛି। ଏହି କାର୍ ଅଟୋମେଟିକ୍ ଟ୍ରାନ୍ସମିସନ୍ ସହିତ ଆସିପାରେ। ଅଡି ର ଏହି ଗାଡ଼ି ଫେବୃଆରୀ ୧୭,୨୦୨୫ ରେ ଭାରତୀୟ ବଜାରରେ ଏଣ୍ଟ୍ରି କରିପାରିବ। ଏହି ଏସୟୁଭି ର ପ୍ରାଇସ୍ ୨.୩୦ କୋଟି ଟଙ୍କା ରଖାଯାଇପାରିବ। ଏମଜି ଇଣ୍ଡିଆ ନିଜର ଫ୍ଲାଗସିପ୍ ଏସୟୁଭି ମାଜେଷ୍ଟରକୁ ଭାରତୀୟ ବଜାରରେ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଏହି କାର୍ ଡିଜେଲ୍ ଇଞ୍ଜିନ୍ ସହିତ ବଜାରକୁ ଏଣ୍ଟ୍ରି କରିପାରିବ। ଏହା ଏମଜି ମୋଟର୍ସର ଏକ ପ୍ରିମିୟମ୍ କାର୍ ହେବ। ଫେବୃଆରୀ ୧୮, ୨୦୨୫ ରେ ଏମଜି ମୋଟର୍ସ ଲଞ୍ଚ କରାଯାଇପାରିବ। ଏହି ପ୍ରିମିୟମ୍ କାରର ପ୍ରାଇସ୍ ପ୍ରାୟ ୪୬ ଲକ୍ଷ ଟଙ୍କା ହୋଇପାରେ।

# ଷଷ୍ଠ ଜିଲ୍ଲା ପରିଷଦ ବୈଠକ

**ବରଗଡ଼,୨୯।୧(ସଂଚାର ବ୍ୟୁର):** ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଷଷ୍ଠ ଜିଲ୍ଲା ପରିଷଦର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ମାନିନୀ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ମାନ୍ୟବର ବିଧାୟକ ଅତାବିରା ଶ୍ରୀ ନିହାର ରଞ୍ଜନ ମହାନନ୍ଦ, ପଦମପୁର ବିଧାୟିକା ଶ୍ରୀମତି ବର୍ଷା ସିଂ ବରିହା, ଭଟଲି ବିଧାୟକ ଶ୍ରୀ ଇରାଶିସ ଆଚାର୍ଯ୍ୟ, ବରଗଡ଼ ସାଂସଦ ପ୍ରତିନିଧି ଶ୍ରୀ ଶୁରେଶ୍ୱର ସତପଥୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶ୍ରୀ ମୋହନ ଲୁହା, ଜିଲ୍ଲାପାଳ ଶ୍ରୀ ଅଦିତ୍ୟ ଗୋୟଲ , ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରି ଲଲାଟ କୁମାର ଲୁହା ଏବଂ ଜିଲ୍ଲାର ସମସ୍ତ ବ୍ଲକ ଚେୟାରମେନଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ପରିଷଦ ମୁଖ୍ଯ ଉନ୍ନୟନ ଅଧିକାରୀ ଶ୍ରୀ ଲୁହା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ଭୋଇ ସମାସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତ ଭାବେ ସାମୁହିକ କାର୍ଯ୍ୟକଲେ ବରଗଡ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହାପରେ ପୁର୍ବ ବୈଠକର ସଭା ବିବରଣୀ ଅନୁଜାୟୀ ଭିଭାଗୱାରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟକାରିତା ବିଷୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥାନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ନିରୁପମା ଶଡଙ୍ଗୀ ଜିଲ୍ଲାର ଡାକ୍ତରଖାନାରେ ଥିବା ଡାକ୍ତରଙ୍କ ଖାଲି ପଡିଥିବା ପଦବୀ, ବର୍ଗ୍ଗ ଶ୍ରୀ ଶଙ୍କରା ପ୍ରତିଷ୍ଠାନ ସହଯୋଗରେ କର୍କଟ ରୋଗର ଚିକିତ୍ସା, କର୍ମଚାରୀଙ୍କ ନୀୟମିତ ଉପସ୍ଥାନ ନିମନ୍ତେ ବାୟୋମାଟ୍ରିକ ବ୍ୟବସ୍ଥା ବିଷୟରେ କହିଥିଲେ । ବିଦ୍ୟୁତ ଯୋଗାଣ ବିଷୟରେ ଟିପଡବ୍ଲୁଓଡିଏଲ ଜୋନାଲ ହେଡ ଉପସ୍ଥାପନ କରି ଉଠା ଜଳସେଚନ ବିଭାଗ ସହ ସମନ୍ୱୟ ରଖି ବୋର ୱେଲ ଜଳ ଯୋଗାଣର ତ୍ୱରାନିତ ପ୍ରକ୍ରିୟା ବିଷୟରେ ଉପସ୍ଥାପନ କରିଥିଲେ ।

# କଟୁଛି ବ୍ୟାପକ ଜଙ୍ଗଲ, ବଢୁଛି ଅସନ୍ତୋଷ

**କୁଚିଣ୍ଡା,୨୯।୧(ସଂଚାର ବ୍ୟୁର):** ଚୋରି ହୋଇଗଲା ହଜାର ହଜାର ଗଛ । ପୁଣି ସରକାରୀ ଜମିରୁ । ଅଭିଯୋଗ ହେଲା, କିନ୍ତୁ କାର୍ଯ୍ୟାନୁଷ୍ଠାନ ହେଲାନାହିଁ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। କଟା ଗଛ ଗୁଡିକୁ ଜବତ କରି ଚୁପ ରହିଯାଇଛି ଜଙ୍ଗଲ ବିଭାଗ । ଏ ସଂପର୍କରେ କ୍ୟାମେରା ସାମ୍ନାରେ ମୁହଁ ଖୋଲୁନାହାନ୍ତି ବିଭାଗୀୟ ବାବୁ । ସମ୍ବଲପୁର କୁଚିଣ୍ଡା ଉପଖଣ୍ଡ କେଶାଇବାହାଲରୁ ଜଙ୍ଗଲ ସଫା କରୁଛି କିଏ ? ଗଛଟିଏ ପାଇଁ କେତେ ନୀତି ନିୟମ । ସରକାରୀ ଜମି ହେଉ ବା ନିଜସ୍ୱ ଜମି । ଗଛ କାଟିବାକୁ ହେଲେ ବନ ବିଭାଗ ଅନୁମତି ନେବାକୁ ପଡ଼ିବ । କୁଚିଣ୍ଡା କେଶାଇବାହାଲ ଗ୍ରାମ୍ୟ ଜଙ୍ଗଲରୁ ବେଆଇନ୍ ଗଛକଟା ଚାଲିଛି । ମାଫିଆ କାଟି ଦେଇଛନ୍ତି ଶହଶହ ଗଛ । ଏନେଇ ବାମରା ତହସିଲଦାର, କେଶାଇବାହାଲ ରେଞ୍ଜର, ଡିଏଫ୍‌ଓଙ୍କୁ ଜଣାଇଛନ୍ତି। ବାବୁମାନେ ସ୍ଥିତି ଅନୁଧ୍ୟାନ କରିଥିଲେ। କାଠ ବୋଝେଇ ଦଶ ଚକିଆ ଟ୍ରକକୁ ଅଟକ ରଖିଥିଲେ । ପରବର୍ତ୍ତୀ



ସମୟରେ ସେ ଗାଡ଼ିକୁ ମଧ୍ୟ ଛାଡ଼ି ଦେଇଥିବା ଜଣାପଡ଼ିଛି । ଜଙ୍ଗଲ ବିଭାଗ କଟା ଗଛ ଗୁଡିକର ସଠିକ୍ ଆକଳନ ନକରି କିଛି ଗଛକୁ ମାର୍କିଂ କରି ଗଣ୍ଡି ଓ ମୁଳକୁ ଡାଳପତ୍ରରେ ଘୋଡାଇ ଦେଇଥିବା ଅଭିଯୋଗ ହୋଇଛି । ଗ୍ରାମବାସୀ ଜଙ୍ଗଲ ପାଇଁ ଲଢୁଥିବା ବେଳେ ବିଭାଗୀୟ ବଡ଼ ବାବୁ ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି । କାଠ ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତରାରେ ଜଙ୍ଗଲ ସଫା ହେଉଥିବା ଗ୍ରାମବାସୀ ସନ୍ଦେହ କରିଛନ୍ତି । ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କୁ ଠାବ କରି ଦଣ୍ଡ ଦେବାକୁ ଦାବି ହୋଇଛି ।

# ପ୍ରଶଂସା ସାଉଁଟୁଛନ୍ତି ବାବୁଲା ୧୪ ଥର କଲେଣି ରକ୍ତଦାନ

**ବୈଶିଙ୍ଗା,୨୯।୧(ସଂଚାର ବ୍ୟୁରୋ):** ବାବୁଲା ସିଂ ରାଇକମା ଆଶ୍ରମ ବିଦ୍ୟାଳୟର ଜଣେ ଆଦର୍ଶ ଅଭିଭାବକ ଭାବେ ଏବେ ସବୁ ମହଲରେ ଚର୍ଚ୍ଚିତ । ସେ ଆଜି ରାଇକମା ଆଶ୍ରମ ବିଦ୍ୟାଳୟୁର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ବାରିପଦା ସ୍ଥିତ ରକ୍ତଦାନ କେନ୍ଦ୍ରରେ ରକ୍ତ ଦାନ କରି ନିଜର ମଣିଷ ପଣିଆର ପରିଚୟ ଦେଇଛନ୍ତି।ଆଜି ତାଙ୍କର ଚତୁର୍ଦ୍ଦଶତମ ସ୍ୱେଚ୍ଛାକୃତ ରକ୍ତଦାନ।ଏହିଭଳି ଜଣେ ବିରଳ ବ୍ୟକ୍ତି ଆମ ବିଦ୍ୟାଳୟର ଅଭିଭାବକ।ତାଙ୍କ ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଗର୍ବ ଅନୁଭବ କରୁଛନ୍ତି।ବାବୁଲା ଜଣେ ଗାଡି ଚାଳକ ହୋଇଥିବାରୁ ଦୁର୍ଘଟଣା ସମୟରେ ରକ୍ତର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାନ୍ତି । ତାଙ୍କର ଏହି ମହତ୍ କାର୍ଯ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହେଉ ପ୍ରଧାନ ଶିକ୍ଷକ ଶ୍ରୀ ଦାଶ ପ୍ରକାଶ କରିଛନ୍ତି ।




# ଚିଦାନନ୍ଦ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ



**ହିଞ୍ଜିଳିକାଟୁ,୨୯।୧(ସଂଚାର ବ୍ୟୁର):** ସ୍ଥାନୀୟ ପୌରାଞ୍ଚଳ ଅନ୍ତର୍ଗତ ରେଗିଡି ସ୍ଥିତ ଶ୍ରୀ ଶ୍ରୀ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପରିଚାଳନା କମିଟି ସଭାପତି ରମାକାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହିଂଜିଳି ପୌରପରିଷଦର ଅଧ୍ୟକ୍ଷ ଶ୍ରୀ ସୁବାଷ ପୋଲାଇ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ୧୦ ନଂ ୱାର୍ଡର କାଉନସିଲର ସୁପ୍ରଭା ମହାରଣା ,ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ପଣ୍ଡା ଯୋଗ ଦେଇ ଶିଶୁ ହସିଲେ ଦେଶ ହସିବ ବୋଲି ମତ ରଖିଥିଲେ । ଶିକ୍ଷାର୍ଥୀଙ୍କ ବିବରଣୀ ପାଠ ପ୍ରଧାନ ଆଚାର୍ଯ୍ୟ ଶତ୍ରୁଘ୍ନ ନାହାକ କରିଥିଲେ । ପରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ତତ୍ ସହ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ସିମାଞ୍ଚଳ ପାଣିଗ୍ରାହୀ ପରିଚାଳନା କରିଥିଲେ। ଉକ୍ତ ଶିଶୁ ମନ୍ଦିରର ଗୀତାଞ୍ଜଳି ପାଣିଗ୍ରାହୀ, ରେଣୁକା ପାଣିଗ୍ରାହୀ,ଶ୍ରୀୟା ମହାରଣା,ଝୁନୁ ପାଢ଼ୀଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ମାଟିହାଣ୍ଡି ମିଠେଇ ପାଇ ଭକ୍ତ ବିଭୋର

- ତ୍ରିବେଣୀ ଅମାବାସ୍ୟାରେ ମା 'ଉକୁଳେଇଙ୍କ ଜନ୍ମମହୋତ୍ସବ
- ସିଦ୍ଧ ପୁଷ୍କରଣୀରେ ସ୍ନାନ କଲେ ଦୁରାରୋଗ୍ୟ ବ୍ୟାଧିରୁ ମିଳେ ମୁକ୍ତି

**କାକଟପୁର /ଅସ୍ତରଙ୍ଗ,୨୯।୧(ସଂଚାର ବ୍ୟୁର):** ବିଶ୍ୱାସ ରହିଛି ମା 'ଙ୍କ ପୁଷ୍କରଣୀ ରେ ସ୍ନାନ ସହ ମା 'ଙ୍କ ଝୁଣା ଧୂପ ପାଇଲେ ଜ୍ୱର ରୋଗ ସହ ଭଲ ହୁଏ ଦୁରାରୋଗ୍ୟ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଧିଠାଷ୍ଠି ଦେବୀ ମା ଉକୁଳେଇ। ପବିତ୍ର ତ୍ରିବେଣୀ ଅମାବାସ୍ୟାରେ ମା 'ଉକୁଳେଇ ଙ୍କ ଜନ୍ମ ମହୋତ୍ସବ। ଏହିପୀଠରେ ରହିଛି ଅନେକ ସ୍ୱତନ୍ତ୍ର କିମ୍ବଦନ୍ତି। ତ୍ରିବେଣି ଅମାବାସ୍ୟା ଥିବାରୁ ମା ଉକୁଳେଇ ଙ୍କ ଜନ୍ମଉତ୍ସବ। ଆଜିର ଦିନରେ ସିଦ୍ଧ ପୁଷ୍କରଣି ରେ ବୁଡ଼ପକାଇଲେ ମାନସିକ କଳସଧାରୀ। ମା ଉକୁଳେଇ ଙ୍କ ସ୍ୱପ୍ନାଦେଶରେ ପ୍ରତ୍ୟେକ ବର୍ଷ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ବର୍ଷରେ ଗୋଟିଏ ଦିନ ମା ଏହି ତ୍ରିବେଣୀ ଅମାବାସ୍ୟା ଦିନ ମନ୍ଦିର ବାହାରକୁ ଆସିଥାନ୍ତି ଏବଂ ପବିତ୍ର ସିଦ୍ଧ ପୁଷ୍କରଣୀ ରେ ବୁଡ଼ ପକାଇଚାପ ଖେଳି ଥାଆନ୍ତି। ମା ଙ୍କ ଚାପ ସରିଲା ପରେ ହଜାର ହଜାର ଶ୍ରଦ୍ଧାଳୁ ସିଦ୍ଧ ପୁଷ୍କରଣିରେ ବୁଡ଼ ପକାଇ କଳସ ବୁଡାଇ ମାନସିକ କଳସ ସ୍ଥାପନ କରିଥାନ୍ତି। ତ୍ରିବେଣୀ ଅମାବାସ୍ୟା ଦିନ ଏଠାରେ ବୁଡ଼ ପକାଇ କଳସ ସ୍ଥାପନ କଲେ ଭକ୍ତଙ୍କ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।ବିଶ୍ୱାସ ରହିଛି ଜ୍ୱର ରୋଗ ସହ ଦୁରାରୋଗ୍ୟ ରୋଗ ମଧ୍ୟ ମା ଉକୁଳେଇ ଙ୍କ ଝୁଣା ଧୂପ ସହ ପୁଷ୍କରଣି ସ୍ନାନ କଲେ ଭଲ ହୁଏ ବୋଲି ରାଜ୍ୟର କୋଣ ଅନୁକୋଣ ରୁ ଭକ୍ତ ଙ୍କ ସୁଅ ଛୁଟେ।ବୁଧବାର ଦିନ ତ୍ରିବେଣୀ ଅମାବାସ୍ୟା ପଡିଥିବାରୁ ମା ଉକୁଳେଇ ଙ୍କ ସ୍ୱତନ୍ତ୍ର ନୀତିକାନ୍ତି ପରେ ମା ଙ୍କ ପୂଜକ ମଙ୍ଗୁଳି ଭାଇନା ଏକ ସ୍ୱତନ୍ତ୍ର ହାଣ୍ଡିରେ ଦିବା ୧୧ଘଟିକା ସମୟରେ ଚାଲିଥାଏ ପୂଜା, ଆରାଧନା, ଭଜନ କୀର୍ତ୍ତନ ଆଉ ଏମିତି କେତେ କଣ। ଶଙ୍ଖ ହୁଳହୁଳି ରେ ପ୍ରକମ୍ପିତ ରେ ପୂଜକ ବେଢା ଚତୃପାର୍ଶ୍ୱ ପରିକ୍ରମା କରିଥିଲେ। ଏହା ପରେ ଉକ୍ତ ଚାହିଁଛନ୍ତି,ମାଟିହାଣ୍ଡି ରେ ଥିବା ଫୁଲ ଗୁଡାକ କଣ ମିଠେଇ ହୋଇଗଲା। ଆଉ ଏହାକୁ ପାଇ ଭକ୍ତ ବି ଆତ୍ମବିଭୋର ହୋଇପଡିଲେ। ହେଲେ ଏହା କେମିତି ସମ୍ଭବ ହେଲା ଯେ, ସତରେ ବିଶ୍ୱାସ କରିହେଉନି।ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ଅଧିଠାଷ୍ଠି ଦେବୀ ମା ଉକୁଳେଇ ପୀଠରେ ଏମିତି ଦୃଶ୍ୟ ବର୍ଷକୁ ଥରେ ଦେଖାଯାଇଥାଏ। ମା ସ୍ୱୟଂ ନିଜେ ଏଭଳି ଅଲୌକିକତା ଦେଖାଇ ଥାଆନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିବର୍ଷ ମାଘ ମାସ ତ୍ରିବେଣୀ ଅମାବାସ୍ୟାରେ ମା ଙ୍କ ଜନ୍ମମହୋତ୍ସବ ପଡେ। ମା ଙ୍କ ପାଖରେ ହେଉଥିବା ମଧ୍ୟାହ୍ନ ଧୂପର ଧୂଆଁ ବାଜିଲେ ରୋଗ ଭଲ ହୁଏ। ଅନେକ ଦୁଃସାଧ୍ୟ ରୋଗକୁ ଭଲ କରିଛନ୍ତି ମା। ବିଶ୍ୱାସର ସହ ଯାହା ମାନସିକ ରଖିଲେ ଏଠି ପୂରଣ ହୁଏ।



# ନଦୀକୁଳିଆ ଅଞ୍ଚଳରେ ହେଉଛି ବ୍ୟାପକ ଆଖୁଚାଷ

## ସରକାରୀ ସ୍ତରରେ ବିକ୍ରି ବ୍ୟବସ୍ଥା ଦାବି



**କଳାହାଣ୍ଡି,୨୯।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଧର୍ମଗଡ, ଜୁନାଗଡ, ଜୟପାଟଟଣା, କଳମପୁର, ଗୋଲାମୁଣ୍ଡା ଆଦି ଅଞ୍ଚଳରେ ହାତୀ ଓ ତେଲ ନଦୀ କୂଳରେ ବ୍ୟାପକ ପରିମାଣରେ ଆଖୁଚାଷ ହୋଇଛି। ପୂର୍ବରୁ ଏଠାକାର ଆଖୁକୁ ଚାଷୀମାନେ ଜୁନାଗଡ ବ୍ଲକ ମଥୁରାଠାରେ ଥିବା ଚିନିକଳରେ ବିକ୍ରି କରୁଥିଲେ।ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଚିନିକଳ ବନ୍ଦ ହୋଇଯିବାରୁ ଚିନ୍ତାରେ ପଡିଥିଲେ ଆଖୁ ଚାଷୀ । ସେତେବେଳେ ଆଖୁ ବିକ୍ରି କରିବା ସହ ଅଳ୍ପ ପରିମାଣ ଗୁଡ ମଧ୍ୟ ତିଆରି କରୁଥିଲେ। ତେବେ ଧୀରେ ଧୀରେ ଗୁଡ ତିଆରି ପ୍ରତି ସେମାନଙ୍କ ଆଗ୍ରହ ବଢିଲା ଓ ବ୍ୟାପକ ପରିମାଣରେ ଗୁଡ ତିଆରି କରିବାକୁ ଲାଗିଲେ। ଗୁଡରୁ ଭଲ ରୋଜଗାର ହେବାରୁ ଆଜି ଚାଷୀମାନେ ଶହ ଶହ ଏକରରେ ଆଖୁ ଚାଷ କରି ସେଥିରୁ ଗୁଡ ତିଆରି କରୁଛନ୍ତି। ବର୍ତ୍ତମାନ ଉପରୋକ୍ତ ଅଞ୍ଚଳର ଗୁଡ଼ର ମାନ ଭଲ ଥିବାରୁ ଚାହିଦା ବେଶ ଭଲ ରହିଛି। ପଡୋଶୀ ରାଜ୍ୟ ଛତିଶଗଡ ଓ ଆନ୍ଧ୍ରପ୍ରଦେଶର ଗୁଡ ବେପାରୀମାନେ ଏହି ଅଞ୍ଚଳକୁ ଆସି ଗୁଡ ନେଇଯାଉଛନ୍ତି। ଏହାଦ୍ୱାରା କଳାହାଣ୍ଡିର ଗୁଡ ବ୍ୟବସାୟୀ ଭଲ ରୋଜଗାର କରୁଥିବା ପ୍ରକାଶ କରିଛନ୍ତି। ଜିଲାରେ ଆଖୁ ଚାଷୀ ବିଶେଷ କରି ଜାନୁଆରୀ, ଫେବୃଆରୀ ମାସରେ ଗୁଡ ତିଆରି କରିଥାନ୍ତି। ସେମାନେ ପ୍ରଥମେ ଆଖୁକୁ କାଟି କିଆରିରେ ଏକ ଅସ୍ଥାୟୀ କୁଡିଆ ନିର୍ମାଣ କରି ଆରମ୍ଭକରିଥାନ୍ତି ଗୁଡତିଆରି ପ୍ରକ୍ରିୟା। ଆଖୁକୁ ଘାଣି ସାହାଯ୍ୟରେ ପେଷି ସେଥିରେ ବାହାରୁଥିବା ରସକୁ ଏକ ବଡ କଡେଇରେ ଘଣ୍ଟା ଘଣ୍ଟା ଧରି ସିଝାଇବା ପରେ ସେଥିରୁ ବାହାରିଥାଏ ଲେସା ଗୁଡ, ପରେ ସେହି ପାଣିଆ ଗୁଡ ଥଣ୍ଡା ହେଲା ପରେ ତିଆରି କରିଥାନ୍ତି ଭେଲା ଗୁଡ, ଏହି ରସରୁ ସେମାନେ ଲେସାଗୁଡ, ଚକି ଗୁଡ, ଭେଲାଗୁଡ, ସରଗୁଡ, ଲେଖାଗୁଡ ଆଦି ତିଆରି କରିଥାନ୍ତି। ସେହି ଗୁଡକୁ ମାଟି ହାଣ୍ଡିରେ ରଖି ବର୍ଷ ତମାମ ବିକ୍ରି କରି ନିଜ ଜିବୀକା ନିର୍ବାହ କରିଥାନ୍ତି । ବର୍ତ୍ତମାନ ଜିଲାରେ ଗୁଡ କିଲୋ ପିଛା ୧୦୦ ଟଙ୍କା ରହିଥିବା ବେଳେ ଏହି ଗୁଡରୁ ବର୍ଷକୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ଗୁଡ ବ୍ୟବସାୟୀ। ପୂର୍ବରୁ ଏହି ଗୁଡ ଜିଲାର ବିଭିନ୍ନ ବଜାରରେ ବିକ୍ରି ହୋଇଆସୁଥିବା ବେଳେ ସ୍ୱାଦ ଓ ଉନ୍ନତ ମାନ ପାଇଁ ବର୍ତ୍ତମାନ ରାଜ୍ୟ ବାହାରକୁ ରପ୍ତାନୀ ହେଉଛି। ଏଥିପାଇଁ ଆଖୁ ଚାଷ ପ୍ରତି ବେଶ ଆଗ୍ରହ ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି ଆଖୁ ଚାଷୀ । ଏହି ଗୁଡ ତିଆରି ସମୟରେ ବ୍ୟବସାୟୀମାନେ ସେଥିରୁ ଉଖୁଡା ମଧ୍ୟ ପ୍ରସ୍ତୁତ କରିଥାନ୍ତି। ପୁଣି ଉଖୁଡାକୁ ବଜାରରେ ବିକ୍ରି କରି ମଧ୍ଯ ଭଲ ଦି ପଇସା ରୋଜଗାର କରିଥାନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଚାଷୀମାନେ ଜୈବିକ ପ୍ରଣାଳୀରେ ଚାଷ କରିଥାନ୍ତି। ଆବଶ୍ୟକ ସ୍ଥଳେ କେବଳ ଗୋବର ଖତ ହିଁ ବ୍ୟବହାର କରୁଥିବା ପ୍ରକାଶ କରିଛନ୍ତି। ଚିନି କଳ ବନ୍ଦ ହେବା ପରେ ଏକଦା ଆଖୁ ଚାଷ ପ୍ରତି ବିମୁଖ ହୋଇଥିବା ଚାଷୀ ବର୍ତ୍ତମାନ ପୁଣି ଏହି ଚାଷ ପ୍ରତି ଆଗ୍ରହ ବଢାଉଥିବା ଦେଖିବାକୁ ମିଳିଛି। ତେବେ ସରକାରୀ ସ୍ତରରେ ଗୁଡର ବିକ୍ରି ବ୍ୟବସ୍ଥା କରାଗଲେ ଆଖୁ ଚାଷୀ ଲାଭବାନ ହୋଇ ପାରିବେ ପ୍ରକାଶ କରିଛନ୍ତି।

# ବିପର୍ଯ୍ୟସ୍ତ ଖେଳ ପଡ଼ିଆକୁ ନେଇ ବଢୁଛି ଅସନ୍ତୋଷ

**ସୋନପୁର,୨୯।୧(ସଂଚାର ବ୍ୟୁରୋ):** ବିଶିମୁଣ୍ଡା ପଞ୍ଚାୟତ ର ଡୁଙ୍ଗୁରିପାଲି ଗ୍ରାମର ଖେଳ ପଡ଼ିଆ ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି, ଦୀର୍ଘ ପାଞ୍ଚ ବର୍ଷ ହେବ ଏହି ଖେଳ ପଡିଆର ଅବସ୍ଥା ଖରାପ ପଡ଼ିଆ ମଝିରେ ବଡ଼ ଖାଲ ରହିଛି ଏଭଳି ପରିସ୍ଥିତି ଯୋଗୁଁ ଖେଳାଡି ମାନଙ୍କ ପାଇଁ ମରଣଯନ୍ତା ପାଲଟିଛି, ଫଳରେ ଏହି ଖେଳ ପଡ଼ିଆ ଉପରେ ନିର୍ଭରସିଲ ଖମ୍ବେଶ୍ୱରୀପାଲି ଓ ଡୁଙ୍ଗୁରିପାଲି ଗ୍ରାମର ଶତାଧିକ ଯୁବକ ମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି,ସୂଚନାଯୋଗ୍ୟ ବିଶିମୁଣ୍ଡା ପଞ୍ଚାୟତ ତରଫରୁ ୨୦୨୨-୨୩ ବର୍ଷରେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିନ୍ତକର୍ମ ନିଯୁକ୍ତି ଯୋଜନାରେ ଖେଳ ପଡିଆର ଉନ୍ନତି କରଣ ପାଇଁ ନଅ ଲକ୍ଷ ଅନେଶପତ ହଜାର ସାତ ଶହ ଛଅ ପନ ଟଙ୍କା ସେକ୍ସନ ହୋଇଥିଲା କିନ୍ତୁ ପଞ୍ଚାୟତ ତରଫରୁ ମାଟି କାର୍ଯ୍ୟ ମାତ୍ର ଦୁଇ ଲକ୍ଷ ଶାଠେ ହଜାର ଟଙ୍କା କାର୍ଯ୍ୟ ହୋଇଥିଲା କିନ୍ତୁ ଦୁଇ ବର୍ଷ ହୋଇଗଲା ପଞ୍ଚାୟତ ତରଫରୁ ଆଉ କାର୍ଯ୍ୟ କରାଗଲା ଯାହା ଫଳରେ ଉନ୍ନତି କାର୍ଯ୍ୟ ବର୍ତମାନ ବନ୍ଦ ପଡ଼ିଛି ଯୋଜନାରେ ଖେଳ ପଡ଼ିଆ ମଝିରେ ଖାଲ ଖମା ଭର୍ତି ରହିଥିବାରୁ ଖେଳିବା ସମୟରେ ଖେଳାଡ଼ି ମାନେ ଆହତ ହେବାର ସମ୍ଭାବନା ଅଧିକ ଅଛି, ପଡିଆ ଚାରିପଟେ ମାଟି ପକେଇବା ପାଇଁ ଦାବି ହେଉଛି ଓ ସିମେଣ୍ଟ ଚୌକି ଖେଳ ପଡ଼ିଆ ରେ ପକେଇବା ପାଇଁ ନିୟମ ଥିଲେ ମଧ୍ୟ ଖେଳ ପଡିଆରେ ଠରେ ଏପର୍ଯ୍ୟନ୍ତ ଦେଖା ନାହିଁ ସୋନପୁର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜଣ ସାଧାରଣ ଏବଂ ଅନେକ ଖେଳାଡି ଦାବି କରିଛନ୍ତି, ଏହି ପ୍ରସଙ୍ଗରେ ମତାମତ ପାଇଁ ସୋନପୁର ବିଡ଼ିଓ ଙ୍କୁ ଯୋଗାଯୋଗ କରାଯିବାରୁ ତାଙ୍କର ନମ୍ବର ସୁଇଚଫ ଥିବାରୁ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା ପରେ ଯେଇ ଉଦିତ ବୁଦୁଲାଙ୍କୁ ଯୋଗାଯୋଗ କରିବାରୁ ମୁ ମୋର ବାହାଘର ପାଇଁ ଛୁଟିରେ ଅଛି ତିନ ତାରିଖ ଅଫିସକୁ ଗଲେ ଏସ୍ଟିମେଟ ଦେଖିଲା ପରେ କହି ପାରିବି ବୋଲି ଜଣେଇ ଥିଲେ ।



# ସ୍ଲୁଗ- ଗାର୍ଡ ୱାଲ୍ ନାଁରେ ବନ୍ଧ କାଟିଲେ ଠିକାଦାର



**ବିଞ୍ଝାରପୁର,୨୯।୧(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ବରପଦା ପଞ୍ଚାୟତ ର ତେଣ୍ଟା ନାଳ ପାର୍ଶ୍ୱ ରେ ଗାର୍ଡ ୱାଲ୍ କରିବା ପାଇଁ କ୍ଷୁଦ୍ର ଜଳସେଚନ ଯାଜପୁର ଅଧୀନ ରେ ପାଖାପାଖି ୧୬ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ତେବେ ଏହି କାର୍ଯ୍ୟ ଆରମ୍ଭ ରୁ ଦେଖା ଦେଇଛି ଦ୍ୱନ୍ଦ। ଗାର୍ଡ ୱାଲ୍ କରିବା ଆଳ ରେ ଠିକାଦାର ବନ୍ଧ କରୁଥିବା ଅଭିଯୋଗ କରି କାର୍ଯ୍ୟ ବନ୍ଦ କରିଛନ୍ତି ଲୋକେ।ଅଭିଯୋଗ ଅନୁଯାୟୀ ତେଣ୍ଟା ନାଳ ର ବାମ ପାର୍ଶ୍ୱରେ ଗାର୍ଡ ୱାଲ୍ କରିବା ପାଇଁ ସମ୍ପୃକ୍ତ ଠିକାଦାର ନାଳ ରୁ ପାଣି ସଫା କରି ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରି ବନ୍ଧକୁ ମେସିନ୍ ସାହଯ୍ୟ ରେ କାଟି ଦେଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏହା ଦ୍ୱାରା ବନ୍ଧ ଦୁର୍ବଳ ହେବା ସହିତ ବନ୍ଧ ଭାଙ୍ଗିଯିବା ଆଶଂକା କରି କାର୍ଯ୍ୟ କୁ ବନ୍ଦ କରିଛନ୍ତି ଲୋକେ। ବିଭାଗୀୟ ଅଧିକାରୀ ଙ୍କ ଠିକାଦାର ପୋଷଣ ନୀତି ଏବଂ ଠିକାଦାର ଙ୍କ ମୁନାଫ୍ ଖୋର୍ ମନବୃତ୍ତି ପାଇଁ ଏକର ଏକର ଚାଷ ଜମି ଜଳମଗ୍ନ ହେବ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।

# ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର,୨୯।୧(ସଂଚାର ବ୍ୟୁରୋ):** ବ୍ରହ୍ମପୁର ସ୍ଥିତ ରାଜସ୍ୱ ଡାକ ବଙ୍ଗଳା ଠାରେ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଭାରତ ସରକାରଙ୍କ (ଡି ଟି ନ୍ ବି ଡବ୍ଲୁ ଇ ଡି) ବ୍ରହ୍ମପୁର ଆଞ୍ଚଳିକ ନିର୍ଦ୍ଦେଶାଳୟର ନୂତନ ଅଧ୍ୟକ୍ଷ ଭବାନୀ ଶଙ୍କର ଦାସଙ୍କୁ ଗଞ୍ଜାମ ଜିଲ୍ଲା ଭାରତୀୟ ମଜଦୁର ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ (ଡି ଟି ଏନ ବି ଡବ୍ଲୁ ଇ ଡି) ର ନିର୍ଦ୍ଦେଶକ ଏମ.ଏସ ଅକତର୍, ଶିକ୍ଷା ଅଧିକାରୀ ଦିଲିପ କୁମାର ଶତପଥୀ, ପୂର୍ଣ୍ଣଚନ୍ଦ୍ର ସାହୁ ଉପସ୍ଥିତ ରହି ନୂତନ ଅଧ୍ୟକ୍ଷ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟକ୍ଷ ଡ.ଭବାନି ଶଙ୍କର ଦାସ ଦୀପ ପ୍ରଜ୍ୱଳନ କରିଥିବା ବେଳେ ସଙ୍ଘର ସମ୍ପାଦକ ଉମା ଶଙ୍କର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ବୈଠକରେ ଓଡ଼ିଶା ସରକାରଙ୍କ ଆଇସି ରୁ ପ୍ରତିନିଧିତ୍ୱ କରୁଥିବା ଅରଏସି ସଦସ୍ୟ ଜ୍ୟୋତି ରଞ୍ଜନ ବେହେରାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇ ଥିଲା । ଆଗାମୀ ଦିନରେ ଏହି ବୋର୍ଡ଼ ତ୍ୱରିତ ଗତିରେ କାମ କରି ସରକାରଙ୍କ ସମସ୍ତ ଯୋଜନା ଶ୍ରମିକ ଭାଇ ଓ ଭଉଣୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରୟାସ କରିବ ବୋଲି ନୂତନ ଭାବେ ଦାୟୀତ୍ୱ ନେଇଥିବା ଅଧ୍ୟକ୍ଷ ମତ ବ୍ୟକ୍ତ କରିଥିଲେ ।

# ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରରେ 'ଜାଭିୟର୍ସ ଫେଷ୍ଟ' ଅନୁଷ୍ଠିତ

**ବୈଶିଙ୍ଗା,୨୯।୧(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା ଉପକଣ୍ଠ ମହୁରୀସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ୭ମ 'ବାର୍ଷିକ ଜାଭିୟର୍ସ ଫେଷ୍ଟ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ଚେୟାରମ୍ୟାନ ଦୀପକ କୁମାର ସିଂହ ଏବଂ ପରିଚାଳନା ନିର୍ଦ୍ଦେଶିକା ରଶ୍ମିରେଖା ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ମୁଖ୍ୟ ଅତିଥି ଭାବେ ବଡ଼ସାହି ବିଧାୟକ ଶ୍ରୀଯୁକ୍ତ ସନାତନ ବିଜୁଳି ଯୋଗ ଦେଇ ବର୍ତ୍ତମାନର ଛାତ୍ର ଛାତ୍ରୀ ମାନଙ୍କୁ ସ୍ମାର୍ଟ କରିବା ପାଇଁ ହେଲେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସ୍ମାର୍ଟ ହେବାକୁ ପଡିବ ତଥା ଗୁରୁମାନେ ଉପଯୁକ୍ତ ଶିକ୍ଷା ପ୍ରଦାନ କଲେ ପିଲାଙ୍କର ଶିକ୍ଷକ ପ୍ରତି ଭକ୍ତି ରହିଲେ ଶିକ୍ଷାର ବିକାଶ ସୁନିଶ୍ଚିତ ହେବ ବୋଲି ମତ ରଖିଥିଲେ । ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ଯୋଗ ଦେଇ ବିଦ୍ୟାଳୟର ଶୁଭ ମନାସିବା ସହିତ ଉପଯୁକ୍ତ ଶିକ୍ଷକ/ଶିକ୍ଷିକା ମାନଙ୍କୁ ନେଇ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟପଟେ ଉତ୍ସବର ଅନ୍ୟ ଜଣେ ସ୍ୱତନ୍ତ୍ର ଅତିଥି ମୟୁରଭଞ୍ଜର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଦୀପକ କୁମାର ଗୋଛାୟତ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ କହିଲେ ଶିକ୍ଷା ଏପରି ଏକ ସମ୍ପଦ ଯାହାକି କାହାକୁ ଦେଲେ ସରରେ ନାହିଁ ବରଂ ଶିକ୍ଷାର ପ୍ରସାର ଅଧିକ ହୋଇଥାଏ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ୍ୱ ସଂଗୀତ ଓ ନୃତ୍ୟ ପରିବେଷଣ କରିବା ପରେ ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମୀକାନ୍ତ ବଳବନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ୍ୱ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳିତ ବର୍ଷ ଜେଭିୟର୍ସ ଫେଷ୍ଟ-୨୦୨୫ରେ ବହୁ ମାନ୍ୟଗଣ୍ୟ ଅତିଥି , ଅଭିଭାବକ, ସାମ୍ବାଦିକ ଏବଂ ଅଞ୍ଚଳବାସୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।.ବିଭିନ୍ନ ଖେଳକୁଦ, ନୃତ୍ୟଗୀତ ଓ ଘୋଷକ/ଘୋଷିକା ଆଦି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ଗଣଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ଦେବବ୍ରତ ବାରିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ।

# ସ୍ୱାସ୍ଥ୍ୟ କେନ୍ଦ୍ର ପଞ୍ଚାୟତସ୍ତରୀୟ ପକ୍ଷରୁ ଭଲିବଲ ପ୍ରତିଯୋଗିତା

**ବୋରିଗୁମ୍ମା,୨୯।୧(ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡେଙ୍ଗପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୁଷ୍ଠ ରୋଗ ନିରାକରଣ ଦିବସ ଉପଲକ୍ଷେ ଭଲିବଲ୍ ପଡ଼ିଆ ଠାରେ ଏକ ଦିବସୀୟ ଗ୍ରାମ ପଞ୍ଚାୟତ ସ୍ତରୀୟ ଭଲିବଲ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।ଲିଗ୍ ମ୍ୟାଚ କରାଯାଇ ଫାଇନାଲରେ ସାନପରିଆ ଗ୍ରାମ ପଞ୍ଚାୟତର ମା ଠାକୁରାଣୀ ଟିମ୍ ଏବଂ ଡେଙ୍ଗପଦର ଗ୍ରାମ ପଞ୍ଚାୟତର ମା ମାଉଳୀ ଟିମ୍ ଙ୍କ ମଧ୍ୟରେ କଡା ମୁକାବିଲା ହେଇଥିଲା । ଶେଷରେ ସାନପରିଆ ଗ୍ରାମ ପଞ୍ଚାୟତର ଟିମ୍ ମା ଠାକୁରାଣୀ ବିଜୟ ଲାଭ କରିଥିଲା । ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଖେଳ ମାଧ୍ୟମରେ କୁଷ୍ଠ ରୋଗ ବିଷୟରେ ଲୋକମାନଙ୍କୁ ସଚେତନତା କରାଇବା।କୁଷ୍ଠ ରୋଗ କୁ ନେଇ ଲୋକ ମାନଙ୍କ ମଧ୍ୟରେ ଥିବା ଅନ୍ଧ ବିଶ୍ୱାସ କୁ ଦୂର କରିବା । ଖେଳିବା ଦ୍ୱାରା ନିଜକୁ ସୁସ୍ଥ ରଖିବା । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡେଙ୍ଗପଦର ର ଡ଼ାକ୍ତର ସୁରେଶ ଝାଙ୍କର ଙ୍କ ସମ୍ପୂର୍ଣ୍ଣ ସହଯୋଗ ରେ ଏହି ଖେଳ ଟି ଆୟୋଜନ ହେଇଥିଲା। ସହଯୋଗ କରିଥିଲେ ଡେଙ୍ଗପଦର ଗ୍ରାମ ପଞ୍ଚାୟତର ସରପଞ୍ଚ, ସାନପରିଆ ଗ୍ରାମ ପଞ୍ଚାୟତ ସରପଞ୍ଚ,ଯୁବ ଆୟୋଜକ କମିଟି ତଥା ଡେଙ୍ଗପଦର ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିବା ସହିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଭଳି ପ୍ରତିଯୋଗିତା କରିଥିବାରୁ ବହୁତ୍ ଆନନ୍ଦ ପ୍ରକାଶ କରିଥିଲେ ।



# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ବୋରିଗୁମ୍ମା,୨୯।୧(ସଂଚାର ବ୍ୟୁର):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଶଶାହାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ମୂଖ୍ୟ ଅତିଥି ଭାବେ ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସଚୀନ କୁମାର ମଲ୍ଲିକ, ମୂଖ୍ୟ ବକ୍ତା ଭାବରେ ଶ୍ରୀ ଯୁକ୍ତ ମନୋରଞ୍ଜନ ନାୟକ, ସମ୍ମାନନୀୟ ଅତିଥି ଭାବେ ଏବିଓ ସଂଯୁକ୍ତା ପଣ୍ଡା, ଅନ୍ୟ ଅତିଥି ଭାବେ ବୋରିଗୁମ୍ମା ଶିକ୍ଷକ ସଂଘ ର ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସମ୍ପାଦକ ଏନ୍.କାମେଶ୍ୱର ରାଓ, ଉପସଭାପତି ଲଳିତ କୁମାର ପଟ୍ଟନାୟକ, କ୍ଲଷ୍ଟର ସି.ଆର.ସି.ସି ପପି ନାୟକ, ବିଦ୍ୟାଳୟ ର ଏସଏମସି ଅଧ୍ୟକ୍ଷ ବଳରାମ ନାୟକ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସଭାପତି ଆସନ ଅଳଙ୍କୃତ କରିଥିଲେ। ଶିକ୍ଷକ ସୁକାନ୍ତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।ଏଥିରେ ଶିକ୍ଷକ ପି. ଚନ୍ଦ୍ର ଶେଖର ରାଓ,ସୁଶ୍ରୀ ସ୍ମିତା ପଣ୍ଡା, ଚଞ୍ଚଳା ବତୀ ହରିଜନ,ରେଣୁପମା ପାଙ୍ଗୀ, ଗୀତାଞ୍ଜଳି ଦାସ,ଅକ୍ଷୟୀ କୁମାରୀ ବଡଦଳେଇ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ନାଚ,ଗୀତ, କ୍ରୀଡା ରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ଏବଂ ସମସ୍ତ ଅଭିଭାବକ ଯୋଗଦାନ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ନିମ୍ନମାନର

**ରାୟଗଡା ୨୯।୧ (ସଂଚାର ବ୍ୟୁରୋ):** ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ କେନ୍ଦ୍ରୀୟ ସମୀକ୍ଷା କମିଟି ଉଦବେଗ ପ୍ରକାଶ କରିଛି । ବିଜେଡିର ଦୀର୍ଘ ବର୍ଷର ଶାସନ ମଧ୍ୟରେ ଠିକାଦାର ଓ ଯନ୍ତ୍ରୀ ମାନେ ରାସ୍ତାନିର୍ମାଣ, ରକ୍ଷଣା ବେକ୍ଷଣ ନାଁ ରେ କୋଟି କୋଟି ଟଙ୍କାର ଦୁର୍ନୀତି କରିଥିବା ଅଭିଯୋଗ ବିଷମକଟକ ବିଧାୟକ ନୀଳମାଧବ ହିକକା କରିଥିଲେ । ଯାହାପରେ ସାଂସଦ ଏହାକୁ ଗୁରୁତର ସହ ନେଇଥିବା କୁହାଯାଉଥିଲା । ତେଣୁ ସାଂସଦ ସପ୍ତଗିରି ଉଲାକା ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତରାଜ ବିଭାଗ, ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଭାର ସମ୍ଭାଳିବା ପରେ ଗତ ୦୨ ଜାନୁଆରୀ ୨୦୨୫ ରେ କୋରାପୁଟ ସଂସଦୀୟ ଲୋକସଭା କ୍ଷେତ୍ର ମଧ୍ୟରେ ନିର୍ମାଣ କରାଯାଇଥିବା ରାସ୍ତା ଓ ସେତୁ ଗୁଡିକର ସମୀକ୍ଷା କରାଯିବା ନେଇ ବିଦ୍ଧିବଧ ଭାବେ ପତ୍ର ଜାରିକରିଥିଲେ । ଯାହା ପରେ ବିଷମକଟକ ଗ୍ରାମ୍ୟ ଉନ୍ନୟନ ବିଭାଗର ନିଦ ଉଡିଯାଇଥିବା କୁହାଯାଉଥିଲା ବେଳେ ଗତ କାଲି ପାଞ୍ଚ ଜଣିଆ ସମୀକ୍ଷା ଦଳ ବିଷମକଟକ ଗସ୍ତ କରିଥିଲେ, ଯାହା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ର ପୋଲ ଖୋଲି ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି । ପ୍ରଦୀପ ଅଗ୍ରୱାଲଙ୍କ ଅଧ୍ୟକ୍ଷତା ରେ ଏହି ଦଳ ଗତକାଲି ବିଷମକଟକ ବ୍ଲକ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ହୋଇଥିବା ବିଭିନ୍ନ ରାସ୍ତା ତଥା ପୋଲ ନିର୍ମାଣର ସମୀକ୍ଷା କରିଥିଲେ । ଏହି ଅବସରରେ ଦୁର୍ଗୀ ଠାରୁ ଉପର ବାରଙ୍ଗପଦର, ଦୁର୍ଗୀ ଠାରୁ ଚେଙ୍ଗିଲି, ଚେଙ୍ଗିଲି ଠାରୁ ଝିଆଣିପଦର, କାଲାପାଇ ଠାରୁ କୁସୁମପଦର ଆଦି ରାସ୍ତା କାମର ସ୍ଥିତି କୁ ଦେଖି ଏହି କମିଟି ଉଦବେଗ ପ୍ରକାଶ କରିଥିବା ସୂଚନା ରହିଛି । ଉକ୍ତ ପ୍ରକଳ୍ପ ଗୁଡିକର କାମ ନିମ୍ନ ମାନର ହୋଇଥିବା ବେଳେ ନିର୍ମାଣ କୁ କେଇ ଦିନ ମଧ୍ୟ ହେଇନି ରାସ୍ତା ରୁ ପିଚୁ ଉଠିବା,ରାସ୍ତା ଧୋଇ ହୋଇଯାଇଥିବା ଆଦିକୁ ଦେଖି କେନ୍ଦ୍ରୀୟ କମିଟି କ୍ଷୁବ୍ଧ ଥିବା ସ୍ଥାନୀୟ ବାସିଙ୍କ ତରଫରୁ ଜଣାପଡିଛି । ବିଷମକଟକ ଗ୍ରାମ୍ୟ ଉନ୍ନୟନ ବିଭାଗର ବିନା ସହମତି ଓ ସହଯୋଗ ରେ ଏତେ ନିମ୍ନ ମାନର ରାସ୍ତା କାମକୁ ଠିକାଦାର ଜଣକ କିଭଳି କରିପାରିଲେ ଓ ଅନିୟମିତତା ସତ୍ତ୍ୱେ ଠିକାଦାର ବିଲ କିଭଳି ସାଉଁଟିଲେ ସେ ନେଇ ଯନ୍ତ୍ରୀଙ୍କ ଭୂମିକା କୁ ତଦନ୍ତ ପରିସର ଭୁକ୍ତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଆଦିବାସୀ ନେତା ସମବାରୁ କଲକା ଓ ଅଭି କଲାକା ପ୍ରକାଶ କରିଛନ୍ତି। ତେଣୁ ଖରାପ ସ୍ଥିତି ରେ ଥିବା ରାସ୍ତା ସବୁକୁ ପୁନର୍ବାର ଠିକ ରୂପେ କରାଯିବା ନେଇ କେନ୍ଦ୍ରୀୟ କମିଟି ଠିକାଦାର ଓ ଯନ୍ତ୍ରୀଙ୍କୁ ତାଗିଦ କରିଥିବା ଶ୍ରୀ କଲକା ପ୍ରକାଶ କରିଛନ୍ତି । ଏ ନେଇ ବିଷମକଟକ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ କୌଣସି ପ୍ରତିକ୍ରିୟା ଦେଇନଥିବା ବେଳେ ସମୀକ୍ଷା ରିପୋର୍ଟ ଅଧକ୍ଷଙ୍କୁ ପ୍ରେରଣ କରାଯିବ ତେଣୁ ପ୍ରାଥମିକ ତଦନ୍ତରେ ଧରା ପଡ଼ିଥିବା ଅନିୟମିତତାକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କେନ୍ଦ୍ରୀୟ ଅଧକ୍ଷ ଶ୍ରୀ ପ୍ରଦୀପ ଅଗରୱାଲ ସ୍ପଷ୍ଟ କରିଛନ୍ତି ।

